

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-33 ◆SUNDAY ◆27 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩ ◆ରବିବାର ◆୨୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ବିହାରରେ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ

■ **ଗୟା, ୨୬।୭ (ଏଜେନ୍ସି):** ବିହାରର ଗୟା ଜିଲ୍ଲାରେ ହୋମଗାର୍ଡ ଚାକିରି ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ଆସିଥିବା ଜଣେ ମହିଳାଙ୍କୁ ଚଳନ୍ତା ଆମ୍ବୁଲାନ୍ସରେ ଗଣଦୁଷ୍କର୍ମ କଲା ଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପୁଲିସ ଶନିବାର ଆମ୍ବୁଲାନ୍ସ ଡ୍ରାଇଭର ଓ ଟେକନିସିଆନକୁ ଗିରଫ କରିଛି। ଗୁରୁବାର ଏହି ଘଟଣା ଘଟିଥିଲା। ମହିଳା ଜଣକ ବିଏମ୍‌ପି-୩ର ପଡ଼ିଆରେ ହୋମ୍‌ଗାର୍ଡ ପରୀକ୍ଷା ପାଇଁ ଫିଜିକାଲ ଟେଷ୍ଟ ଦେବାକୁ ପହଞ୍ଚିଥିଲେ। ଫିଜିକାଲ ଟେଷ୍ଟରେ ଦୌଡ଼ିବା ବେଳେ ସେ ଅ।।ଚେତ ହୋଇପଡ଼ିଯାଇଥିଲେ। ସେଠାରେ ଥିବା ଆମ୍ବୁଲାନ୍ସରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ହସପିଟାଲ ନେବା ସମୟରେ ଚଳନ୍ତା ଆମ୍ବୁଲାନ୍ସରେ ପ୍ରଥମେ ଟେକନିସିଆନ ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏହାପରେ ଏକ ଶୂନ୍‌ଶାନ ସ୍ଥାନରେ ଗାଡି ରଖି ଡ୍ରାଇଭର ଦୁଷ୍କର୍ମ କରିଥିଲା। ହସ୍ପିଟାଲ ପହଞ୍ଚିବା ପରେ ମହିଳା ଜଣକ ଡାକ୍ତରଙ୍କୁ ସବୁ କଥା କହିଥିଲେ। ଏହାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥିପାଇଁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏଲ୍‌ଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ ମଧ୍ୟ ଏଥିପାଇଁ ରାଜ୍ୟ ସରକାରକୁ ନିନ୍ଦା କରିଛନ୍ତି।

**ହୋମ୍‌ଗାର୍ଡ ଫିଜିକାଲ ଟେଷ୍ଟରେ ଅଚେତ ହେବା ପରେ ଚିକିତ୍ସିତ ହେବାକୁ ଯାଉଥିଲେ ମହିଳା ପ୍ରାର୍ଥୀ**

## ବିଷ ପିଇ ଜୀବନ ହାରିଲେ ପରିବାରର ୪ ସଦସ୍ୟ

■ **ସାଗର(ଏମ୍‌ପି), ୨୬।୭ (ଏଜେନ୍ସି):** ମଧ୍ୟପ୍ରଦେଶର ସାଗର ଜିଲ୍ଲାର ଖୁରଇ ଗାଁର ଟିହରରେ ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ୪ ଜଣ ସଦସ୍ୟ ବିଷ ପିଇ ସମୂହ ଆତ୍ମହତ୍ୟା କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟାର କାରଣ ନେଇ କିଛି ସୂଚନା ମିଳିନାହିଁ। ପରିବାରର ଏହି ୪ ସଦସ୍ୟ ହେଲେ ବାପା ମନୋହର ଲୋଧୀ (୪୫), ଝିଅ ଶିବାନୀ (୧୮) ଓ ପୁଅ ଅନିକେତ (୧୬) ଓ ଜେଜେମା ମା ଫୁଲରାଣୀ (୭୦)। ଚାଷ ଜମି ପାଖରେ ଏକ ଘରେ ଏହି ୪ ଜଣ ରହୁଥିଲେ। ମନୋହରଙ୍କ ପତ୍ନୀ ୪ ଦିନ ତଳେ ବାପଘରକୁ ଯାଇଥିଲେ। ଗତକାଲି ବିଷ ପିଇବା ପରେ ୪ ଜଣ ବାନ୍ତି କରିବା ଆରମ୍ଭ କରିଥିଲେ। ଉପର ମହଲାରେ ରହୁଥିବା ମନୋହରଙ୍କ ଭାଇ ବାନ୍ତିର ଶବ୍ଦ ଶୁଣି ତଳକୁ ଆସି ଏହା ଦେଖିଥିଲେ। ସେ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ଗାଁ ଲୋକଙ୍କ ସାହାଯ୍ୟରେ ସମସ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଫୁଲରାଣୀ ଓ ଅନିକେତ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସେହିପରି ଶିବାନୀ ଖୁରଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଜିଲ୍ଲା ହସ୍ପିଟାଲକୁ ନିଆଯାଉଥିବା ବେଳେ ମନୋହରଙ୍କ ମୃତ୍ୟୁ ଘଟିଥିଲା। ଭାଇମାନଙ୍କ ମଧ୍ୟରେ ମନୋହର ସବୁଠାରୁ ସାନ ଥିଲା ପୁଅ ଅନିକେତ ୯ମ ଶ୍ରେଣୀରେ ପଢୁଥିଲା ଓ ଝିଅ କଲେଜରେ ପ୍ରଥମ ବର୍ଷର ଛାତ୍ରୀଥିଲେ। ମନୋହର ଗାଁର ସମୃଦ୍ଧ ଚାଷୀ ଥିଲେ ବୋଲି ଜଣାପଡ଼ିଛି। ଗାଁରେ ଶୋକ ଖେଳିଯାଇଛି।

# ପୁଣି ଝୁଲିଲା ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଗତ କିଛି ଦିନ ହେଲା କଳ୍ପନାଜଳ୍ପନା ପ୍ରକାଶ ପାଇ ଆସୁଥିଲେ ମଧ୍ୟ ନିକଟ ଭବିଷ୍ୟତରେ ଏହାର ସମ୍ଭାବନା କମ୍। ଦିଲ୍ଲୀରୁ ଫେରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯେଉଁ ମନ୍ତବ୍ୟ ଦେଇଛନ୍ତି, ସେଥିରୁ ଏଭଳି ଆଭାସ ମିଳୁଛି। ତାଙ୍କର ବୟାନ ଯୋଗୁଁ ଦଳୀୟ ଆଶାୟୀଙ୍କୁ ପୁଣିଥରେ ନିରାଶ ହେବାକୁ ପଡ଼ିଛି।

ଦିଲ୍ଲୀ ଗସ୍ତ ସାରି ନିଜ ପ୍ରଥମ ବୟାନରେ ସାମଲ କହିଛନ୍ତି ଯେ ଦିଲ୍ଲୀରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କୌଣସି ଆଲୋଚନା ହୋଇନାହିଁ। ପ୍ରଥମେ ସଂଗଠନ ପୁନର୍ବିନ୍ୟାସ ସହ ନିଗମ ଓ ବୋର୍ଡରେ ନିଯୁକ୍ତି ପ୍ରଦାନ କରାଯିବ। ଏହାପରେ ମନ୍ତ୍ରିମଣ୍ଡଳ ସଂପର୍କରେ ନିଷ୍ପତ୍ତି ନିଆଯିବ। ଆସନ୍ତା ୧୫ରୁ ଏକ ମାସ ମଧ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ତେବେ ମନମୋହନଙ୍କ କଥାରେ ତାଳମେଳ ରହୁ ନ ଥିବା ବେଳେ ଦଳର ବରିଷ୍ଠ ନେତା ମଧ୍ୟ ଅନିଶ୍ଚିତତାରେ ରହିଛନ୍ତି। ସବୁକିଛି ଦିଲ୍ଲୀ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାରକୁ ୧୩ ମାସ ବିତି ୧୪ ମାସ ଚାଲିଲାଣି। ମାତ୍ର ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନିଷ୍ପତ୍ତି ପଦ୍ମ ଘୁଞ୍ଚିଲା ପରି ଘୁଞ୍ଚି ଘୁଞ୍ଚି ଯାଉଛି। ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ଏବେ ୧୬ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଆହୁରି ୬ଟି ମନ୍ତ୍ରୀପଦ ଖାଲି ରହିଛି। ଜଣେ ଜଣେ ମନ୍ତ୍ରୀ ଏକାଧିକ ବିଭାଗ ସମ୍ଭାଳୁଥିବାରୁ ବିଭାଗୀୟ କାର୍ଯ୍ୟରେ ପାରଦର୍ଶିତା ଆସୁନାହିଁ ଏବଂ ବିଭିନ୍ନ ଅଘଟଣ ମଧ୍ୟ ଘଟୁଛି। ଯାହାକୁ ନେଇ ସରକାରଙ୍କୁ ସାଧାରଣରେ ଲୋକହସା ହେବାକୁ ପଡୁଥିବା ବେଳେ ଦଳୀୟ ଆଶାୟୀ ମଧ୍ୟ ନିରାଶ ହୋଇ ପଡ଼ିଲେଣି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ଏକାଧିକ ବାର ଦିଲ୍ଲୀ ଗସ୍ତରେ ଯାଇ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ସାକାର ରୂପ ଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏକାଧିକ ସମୀକରଣ ସମ୍ପ୍ରସାରଣ ରାସ୍ତାରେ ପ୍ରତିବନ୍ଧକ ସାଜୁଥିବା ଜଣାପଡ଼ିଛି। ଏପଟେ ସରକାର ଗଠନ କରିବାକୁ ବିଜେପିକୁ ୧୩ ମାସ ପୂରିଥିବା ବେଳେ ବିନା କ୍ଷମତାରେ ଦଳର କିଛି ମୂଳ ନେତା ଏବଂ ଦଳଡିଆଁ ଉଭୟ ଅଧୈର୍ଯ୍ୟ ହୋଇ ପଡ଼ିଲେଣି। ଯାହାକୁ ନେଇ ଉଭୟ ସରକାର ଏବଂ ସଂଗଠନ ଏକପ୍ରକାର ଅକଳିଆ ସ୍ଥିତିରେ ପଡ଼ିଥିବା ବେଳେ ପ୍ରଥମେ ସଂଗଠନର ପୁନର୍ବିନ୍ୟାସ ଏବଂ ନିଗମ ବୋର୍ଡରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏନେଇ ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର ମଧ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ▶ପୃଷ୍ଠା-୭

**ଦିଲ୍ଲୀରୁ ଫେରିଲେ ମନମୋହନ, କହିଲେ ଆଗ ସଂଗଠନ ପୁନର୍ବିନ୍ୟାସ**

# ଅବପାତ ଆଣିଲା ବନ୍ୟା

## ବିପଦ ସଙ୍କେତ ଉପରେ ବୈତରଣୀ ଓ ଜଳକା

■ **ଭୁବନେଶ୍ୱର, ୨୬।୭(ସମିସ):** ରାଜ୍ୟରେ ଅବପାତଜନିତ ବର୍ଷା କାରଣରୁ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି। ଫଳସ୍ୱରୂପ ସୁବର୍ଣ୍ଣରେଖା, ଜଳକା ଏବଂ ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ସ୍ତର ୩୮.୩୬ ମିଟର ଥିବାବେଳେ ବର୍ତ୍ତମାନ ସେଠାରେ ଜଳସ୍ତର ୩୯.୧୬ ମିଟର ରହିଛି। ସେହିପରି ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ସେଠାରେ ଜଳସ୍ତର ୬ଟା ସୁଦ୍ଧା ୧୮.୮୮ ମିଟର ରହିଛି। ରାତି ୧୦ଟା ସୁଦ୍ଧା ଏଠାରେ ଜଳସ୍ତର ୧୯.୧୦ ମିଟର ପହଞ୍ଚିବା ନେଇ ଆଶଙ୍କା ପ୍ରକାଶ ପାଇଛି। ସମାନ ଭାବରେ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ସ୍ତର ୬.୫୦ ମିଟର ଥିବାବେଳେ ଜଳସ୍ତର ବର୍ତ୍ତମାନ ୭.୧୩ ମିଟର ରହିଛି। ଜାମଶୋଳାଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦ ସଙ୍କେତ ସ୍ତର ୪୯.୧୬ ମିଟର ଥିବାବେଳେ ସେଠାରେ ବର୍ତ୍ତମାନ ବିପଦ ସଙ୍କେତ ଉପରେ ଥିବାବେଳେ ଅର୍ଥାତ୍ ୫୦.୬୪ ମିଟର ଜଳ ପ୍ରବାହିତ ହେଉଛି। ଆସନ୍ତାକାଲି ଦିନ ୧୧ଟା ସୁଦ୍ଧା ସୁବର୍ଣ୍ଣରେଖା ବିପଦ ସଙ୍କେତ ଅତିକ୍ରମ କରିବା ସହ ପ୍ରାୟ ୧୧.୭ ମିଟରରେ ପ୍ରବାହିତ ହେବା ଆଶଙ୍କା ରହିଛି। ବର୍ତ୍ତମାନ ଅବପାତ ଉତ୍ତର ଛତିଶଗଡ଼ ଓ ଝାଡ଼ଖଣ୍ଡ ଉପରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆହୁରି ୨ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସୂଚନାରୁ ଜଣାପଡ଼ିଛି।

**ଉପରମୁଣ୍ଡରୁ ମାଡ଼ି ଆସୁଛି ୬ ଲକ୍ଷ କ୍ୟୁସେକ ବନ୍ୟାଜଳ**



**ଫୁଲୁଛି ମହାନଦୀ**

## ହୀରାକୁଦର ୨୦ ଗେଟ୍‌ରୁ ଜଳ ନିଷ୍କାସନ

■ **ଭୁବନେଶ୍ୱର/ସମ୍ବଲପୁର,୨୬।୭(ସମିସ):** ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଛତିଶଗଡ଼ ତା'ର ବ୍ୟାରେଜ୍ ଓ ଡ୍ୟାମ୍ ଗେଟ୍ ଖୋଲି ଦେଇଛି। ଫଳରେ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ଲକ୍ଷଲକ୍ଷ କ୍ୟୁସେକ୍ ଜଳ ହୀରାକୁଦ ଜଳଭଣ୍ଡାରରେ ପ୍ରବେଶ କରୁଛି। ଏହି କ୍ରମରେ, ଆସନ୍ତାକାଲି ସକାଳ ସୁଦ୍ଧା ହୀରାକୁଦରେ ପାଖାପାଖି ୬ଲକ୍ଷ କ୍ୟୁସେକ୍ ଜଳ ପହଞ୍ଚିବ ବୋଲି ଆକଳନ କରାଯାଉଛି। ତେଣୁ, ହୀରାକୁଦ କର୍ତ୍ତୃପକ୍ଷ ଏହା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବର୍ତ୍ତମାନ ୨୦ଟି ଗେଟ୍ ଦେଇ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ଗେଟ୍ ଖୋଲିବାକୁ ତ୍ୱରିତ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି। ଏପରି ହେଲେ, ତଳମୁଣ୍ଡରେ ବନ୍ୟା ପରିସ୍ଥିତି ଉପୁନ୍ନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ହୀରାକୁଦ ଜଳଭଣ୍ଡାରର ଜଳଧାରଣ ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍। ବର୍ତ୍ତମାନ ତାହା ୬୧୧ ଫୁଟ୍ ଟପି ସାରିଥିବା ବେଳେ ଆଗାମୀ ସମୟରେ ଉପରମୁଣ୍ଡରେ ବର୍ଷା ଲାଗିରହିଲେ ଜଳସ୍ତର ବୃଦ୍ଧି ପାଇବ। ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୪୯.୪୭ ମିମି ବର୍ଷା ହୋଇଛି। ଲଘୁଚାପ କାରଣରୁ ଏହି ବର୍ଷା ଲାଗି ରହିପାରେ। ଆଜି ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫,୨୩,୩୭୫ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଜଳସ୍ତର ଗତକାଲି ସନ୍ଧ୍ୟା ୬ଟାରେ ୬୦୯.୩୯ ଫୁଟ ଥିବାବେଳେ ୨୪ ଘଣ୍ଟା ପରେ ଆଜି ସେହି ସମୟରେ ୬୧୧.୫୮ ଫୁଟ୍ ରହିଛି। ଜଳଭଣ୍ଡାରରେ ଏଭଳି ୫ଲକ୍ଷରୁ ଉର୍ଦ୍ଧ୍ୱ କ୍ୟୁସେକ ଜଳ ପ୍ରବେଶ ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇବ। ନଦୀବନ୍ଧର ୨୦ଟି ଗେଟ୍ ଖୋଲାଯାଇଥିବାରୁ ମହାନଦୀ ପୂର୍ଣ୍ଣଗର୍ଭା ହୋଇ ପ୍ରବାହିତ ହେଉଛି। ▶ପୃଷ୍ଠା-୭

# କୁଶଭଦ୍ରାକୁ ଖସିପଡ଼ିଲା କାର୍

■ **କୋଣାର୍କ/କନ୍ଦରପୁର, ୨୬।୭ (ସମିସ):** ଶନିବାର ଅପରାହ୍ଣ ୪ଟାରେ କୋଣାର୍କ-ପୁରୀ ବେଳାମାର୍ଗ ସଂଲଗ୍ନ ରାମଚଣ୍ଡୀଠାରେ କୁଶଭଦ୍ରା ନଦୀ ଗର୍ଭକୁ ଏକ ଚଳନ୍ତା କାର୍ ଖସିପଡ଼ିବା ଫଳରେ କାର୍ ଚାଳକ କଟକ ସଦର ବିଡିଓ ପ୍ରତୀକ ସାହୁ (୩୩) ଓ ତାଙ୍କ ପତ୍ନୀ ରଶ୍ମି ସାହୁ(୩୧) ଆହତ ହୋଇଛନ୍ତି। ନଦୀଗର୍ଭରେ ସମ୍ପୂର୍ଣ୍ଣ ଓଲଟି ପଡ଼ି ଭାସୁଥିବା କାର୍ ଭିତରୁ ଚିତ୍କାର କରୁଥିବା ଦମ୍ପତିଙ୍କୁ ନିକଟରେ ଥିବା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷାର୍ଥୀମାନେ ତତ୍କାଳ ଉଦ୍ଧାର କରିଥିଲେ। ସେମାନଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କୋଣାର୍କ ଓ ପରେ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ବର୍ତ୍ତିଗଲେ କଟକ ସଦର ବିଡିଓ ଓ ପତ୍ନୀ**



ମେରାଇନ୍ ଡ୍ରାଇଭ୍ ଜାତୀୟ ରାଜପଥରୁ ପ୍ରତୀକ ଲୋଟସ୍ ରିସର୍ଟ ହୋଟେଲକୁ ଯାଉଥିବା ସମୟରେ ଅନତି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତା କଡ଼ରେ ପାର୍କିଂ ପାଇଁ ଗାଡ଼ି ବୁଲାଉଥିବା ବେଳେ ବ୍ରେକ୍ ପରିବର୍ତ୍ତେ ଆକ୍ସିଲିରେଟର୍ ଉପରେ ଗୋଡ଼ ରହିଯିବା ଯୋଗୁଁ କାର୍‌ଟି ଦ୍ରୁତ ଗତିରେ ଦକ୍ଷିଣ ପାର୍ଶ୍ୱକୁ ମାଡ଼ିଯାଇ ନଦୀଗର୍ଭକୁ ଖସିପଡ଼ିଥିଲା। କାର୍‌ଟି ଓଲଟିଯାଇ ପାଣିରେ ଭାସୁଥିବା ଅବସ୍ଥାରେ ଆଗ୍ନିକମାନେ ପାଣିକୁ ଡେଇଁ ତାଙ୍କୁ ଉଦ୍ଧାର କରିଥିଲେ।

## ପୁଅକୁ ଫାଶୀ ଦେଇ ଝୁଲିପଡ଼ିଲା ବାପା

■ **ପିପିଲି, ୨୬।୭ (ସମିସ):** ସ୍ତ୍ରୀ ଛାଡ଼ି ଚାଲିଯିବାରୁ ମାତ୍ର ୩ବର୍ଷର ପୁଅକୁ ଫାଶୀ ଦେଇ ଫ୍ୟାନ୍‌ରେ ଝୁଲିପଡ଼ିଲା ବାପା। ପାରିବାରିକ କଳହକୁ ନେଇ ପିପିଲି ଥାନା ତେଇଶିପୁର ପଞ୍ଚାୟତର ପୋଟଳ ଗ୍ରାମରେ ଆଜି ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗ୍ରାମର ଦୀପକ ପାଣି (୩୨) ଓ ତାଙ୍କର ୩ବର୍ଷର ପୁଅ।

ସୂଚନାନୁଯାୟୀ, ୮ବର୍ଷ ତଳେ ଦୀପକ କେନ୍ଦ୍ରାପଡ଼ା ଅଞ୍ଚଳର ପୂଜା ମଲ୍ଲିକଙ୍କୁ ପ୍ରେମବିବାହ କରିଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଛୋଟମୋଟ କଳିଝଗଡ଼ା ହେଉଥିଲେ ହେଁ ସଂସାର ରଥ ଗଡୁଥିଲା। ୩ବର୍ଷ ତଳେ ଉଭୟଙ୍କର ଏକ ପୁଅ ହୋଇଥିଲା। ତେବେ ଧୀରେଧୀରେ ଦୁହିଁଙ୍କ ସଂପର୍କରେ ଭଟ୍ଟା ପଡ଼ିଥିଲା। କଥା କଥାକୁ ନେଇ ଦୁହିଁଙ୍କ ମଧ୍ୟରେ କଳିଝଗଡ଼ା ହେଉଥିଲା। ଶୁକ୍ରବାର ରାତିରେ ମଧ୍ୟ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ▶ପୃଷ୍ଠା-୭

**ବ୍ରେନଷ୍ଟିନ ରିପୋର୍ଟ**

# ଦେଶରେ ବଢ଼ିଚାଲିଛି ଧନୀ-ଗରିବ ତାରତମ୍ୟ

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଭାରତରେ ଆର୍ଥିକ ଅସମାନତା କମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଗରିବୀ ହଟାଅ ସ୍ଲୋଗାନ ଧୂଆଁବାଣ ସାବ୍ୟସ୍ତ ହୋଇଛି। ଲୋକଙ୍କ ଆୟ ବଢ଼ିବା ବଦଳରେ ବ୍ୟୟ ବଢୁଥିବା ବେଳେ ଦେଶରେ ଧନୀ ଅଧିକ ଧନବାନ ହେବାରେ ଲାଗିଛନ୍ତି। ଏକ ପ୍ରତିଶତ ଧନୀ ପରିବାରଙ୍କ ପାଖରେ ପ୍ରାୟ ୧୧.୬ ଲକ୍ଷ କୋଟି ଡଲାରର ମୋଟ ସମ୍ପତ୍ତି ରହିଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକୁଇଡ ଆର୍ଥିକ ସମ୍ପତ୍ତି ରହିଛି। ଏହି ଧନୀଙ୍କ ବର୍ଦ୍ଧିତ ଆର୍ଥିକ ସମ୍ପତ୍ତି ଧନର ପରିଚାଳନା କରୁଥିବା କମ୍ପାନୀଙ୍କ ଲାଗି ବଡ଼ ସୁଯୋଗ ସୃଷ୍ଟି କରିଛି।

ବର୍ଣ୍ଣଷ୍ଟିନ୍ ରିପୋର୍ଟରୁ ଏହି ତଥ୍ୟ ସାମ୍‌ନାକୁ ଆସିଛି। ଏଥିରେ କୁହାଯାଇଛି ଯେ ଭାରତର ସବୁଠୁ ଅଧିକ ଧନୀ ପରିବାର ଆହୁରି ଅଧିକ ଧନୀ ହେବାକୁ ଯାଉଛନ୍ତି। ଏହାଦ୍ୱାରା ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଏହି ଧନୀଙ୍କ ଲିକୁଇଡ୍ ସମ୍ପତ୍ତିରେ ବ୍ୟାଙ୍କ ଜମା ଏବଂ ଅଣ-ପ୍ରମୋଟରଙ୍କ ଇକ୍ୱିଟ ସେୟାର ସାମିଲ ରହିଛି। ଭାରତୀୟ ପରିବାର ଧିରେ ଧିରେ ନିଜ ବର୍ଦ୍ଧିତ ସଞ୍ଚୟ ଏବଂ ଧନର ସିଂହ ଭାଗକୁ ଆର୍ଥିକ ସମ୍ପତ୍ତିରେ ସ୍ଥାନାନ୍ତର କରୁଛନ୍ତି। ଭାରତର ପୁଞ୍ଜି ବଜାରରେ ଏଭଳି ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି। ଅତି ଧନୀ ଲୋକ ଆଇପିଓ ଏବଂ ବ୍ଲକ୍ ଡିଲ୍ ମାଧ୍ୟମରେ ପ୍ରମୋଟର ହୋଲ୍ଡିଙ୍ଗସ୍‌କୁ ଲିକୁଇଡ ସମ୍ପତ୍ତିରେ ବଦଳାଉଛନ୍ତି। ଏମାନେ ପୁଞ୍ଜି ବଜାର ବୃଦ୍ଧିର ଲାଭ ଉଠାଉଛନ୍ତି। ସେହିପରି ଷ୍ଟାର୍ଟଅପ୍ ଇକୋସିଷ୍ଟମରୁ ଧନୀ ବ୍ୟକ୍ତିଙ୍କ ଏକ ନୂଆ ବର୍ଗ ବାହାରିଛି। ଏଥିରେ ପ୍ରତିଷ୍ଠାତା ଏବଂ ପ୍ରାରମ୍ଭିକ କର୍ମଚାରୀ ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ହାଇ ନେଟଓ୍ୱର୍ଥ ଇଣ୍ଡିଭିଜୁଆଲ (ଏଚଏନଆଇ)ଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି।

ଅତ୍ୟଧିକ ଧନୀ ଲୋକଙ୍କ ଏହି ଗୋଷ୍ଠୀ ନିଜ ବର୍ଦ୍ଧିତ ଆର୍ଥିକ ପୋଟୋଫୋଲିଓର ପରିଚାଳନା ଲାଗି ବୃତ୍ତିଗତ ପରାମର୍ଶଦାତାଙ୍କ ସେବା ନେଉଛନ୍ତି। ତେବେ ପରାମର୍ଶଦାତା ବଜାରରେ ଏବେ ବି ଅଣସଂଗଠିତ କମ୍ପାନୀ ଏବଂ ପାରମ୍ପରିକ ବ୍ୟାଙ୍କର କର୍ତ୍ତୃତ୍ୱ ରହିଛି। ୨.୭ ଲକ୍ଷ କୋଟି ଡଲାରର ଲିକୁଇଡି ଆର୍ଥିକ ସମ୍ପତ୍ତିରେ ସ୍ୱତନ୍ତ୍ର ସମ୍ପତ୍ତି ପରିଚାଳକଙ୍କ ସଂଖ୍ୟା ମାତ୍ର ୧୧ ପ୍ରତିଶତ ରହିଛି।



**୧ ପ୍ରତିଶତ ଲୋକଙ୍କ ପାଖରେ ୧୨ ଲକ୍ଷ କୋଟି ଡଲାରର ସମ୍ପତ୍ତି**

**ଧନ ପରିଚାଳନା ପାଇଁ ବୃତ୍ତିଗତଙ୍କ ସହାୟତା ନେଉଛନ୍ତି**

**ପ୍ରକଳ୍ପ ବିରୋଧରେ ସରକାରୀ ଷଡ଼ଯନ୍ତ୍ର**

# ମଉଳିଲା ମେଟ୍ରୋ ସ୍ୱପ୍ନ



■ **ଭୁବନେଶ୍ୱର, ୨୬।୭ (ସମିସ):** ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ମଉଳି ଯାଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ' କାର୍ଯ୍ୟରେ ଆଜି ସମ୍ପୂର୍ଣ୍ଣ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିଛି। କାରଣ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ସମ୍ପର୍କିତ ସମସ୍ତ ଟେଣ୍ଡରକୁ ଦିଲ୍ଲୀ ମେଟ୍ରୋ ରେଳ ନିଗମ ବାତିଲ କରିଦେଇଛି। ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ୨୦୨୪ ଜୁନରୁ ଅଗଷ୍ଟ ମାସ ମଧ୍ୟରେ ଟେଣ୍ଡର ହାସଲ କରିଥିବା ସୈଗଲ ଇଣ୍ଡିଆ, ରଞ୍ଜିତ ବିଲଡକନ୍‌କୁ ଦିଆଯାଇଥିବା କାର୍ଯ୍ୟାଦେଶକୁ ରଦ୍ଦ କରି ଦିଆଯାଇଛି। ଏହି ଦୁଇ ସଂସ୍ଥା ୨୬ କି.ମି ବ୍ୟାପୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ରେଳ ଷ୍ଟେସନ ନିର୍ମାଣର କାର୍ଯ୍ୟାଦେଶ ପାଇଥିଲେ।

ଓଡ଼ିଶାରେ ସରକାର ବଦଳିବା ପରେ ରାଜ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ବହୁପ୍ରତୀକ୍ଷିତ ମେଟ୍ରୋ ପ୍ରକଳ୍ପ ବିରୋଧରେ ଆରମ୍ଭ ହୋଇଗଲା କୁତ୍ସିତ ଷଡ଼ଯନ୍ତ୍ର। ଦିନ ଗଡ଼ିବା ସହିତ ଏହି ଷଡ଼ଯନ୍ତ୍ରରେ ନୂଆ ସରକାରଙ୍କ ଅନେକ ମନ୍ତ୍ରୀ ଧିରେ ଧିରେ ସାମିଲ ହୋଇ ଚାଲିଲେ। ମେଟ୍ରୋ ପ୍ରକଳ୍ପକୁ ସ୍ଲୋ ପଏଜନ୍ ଦେବାକୁ ଆରମ୍ଭ ହେଲା ଫୁଲ୍‌ପ୍ରୁଫ୍ ବ୍ଲୁ ପ୍ରିଣ୍ଟ। ସିଧାସଳଖ ସାମ୍ନାକୁ ଆସିଲେ କାଳେ ଲୋକଙ୍କ ଆକ୍ରୋଶର ଶିକାର ହେବେ ସେଥିପାଇଁ ପୂର୍ବରୁ ମେଟ୍ରୋ ପ୍ରକଳ୍ପକୁ ଉପହାସ କରୁଥିଲା ବେଳେ ସରକାରକୁ ଆସିବା ପରେ ଅଚାନକ ଅତ୍ୟନ୍ତ ▶ପୃଷ୍ଠା-୭

**ସମସ୍ତ ଟେଣ୍ଡର ରଦ୍ଦ**

## ୧୦ ବର୍ଷ ପଛକୁ ପଳାଇବ ରାଜଧାନୀ

■ **ଭୁବନେଶ୍ୱର, ୨୬।୭ (ସମିସ):** ମେଟ୍ରୋ ପ୍ରକଳ୍ପ ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଛନ୍ତି। ସେ ତାଙ୍କ ଫେସବୁକ ପୋଷ୍ଟରେ କହିଛନ୍ତି, ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ଚୁକ୍ତିଗୁଡ଼ିକୁ ବାତିଲ କରିଥିବା ଜାଣି ଆମେ ଆଘାତ ପାଇଛୁ। ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ସବୁବେଳେ ଆମର ସ୍ୱପ୍ନ ରହିଛି। ଆମେ ସବୁସମୟରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି, ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ, ନିରବଚ୍ଛିନ୍ନ ଆଧୁନିକ ପରିବହନ ଏବଂ ଆଇଟି ଇକୋସିଷ୍ଟମ ବିକାଶ ଉପରେ ଧ୍ୟାନ ଦେଇ ମନ୍ଦିର ସହରକୁ ଏକ ବିଶ୍ୱସ୍ତରୀୟ ସହରରେ ରୂପାନ୍ତର କରିବାକୁ ଲକ୍ଷ୍ୟ ରଖିଥିଲୁ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହରର ଗତିଶୀଳତାକୁ ନୂଆ ରୂପ ଦେଇଥାନ୍ତା। ମୋବସ୍ ଏବଂ ଅନ୍ୟାନ୍ୟ ସଂଯୋଗୀକରଣ ସହିତ ସହର ପରିବହନକୁ ଉନ୍ନତ କରିଛି। ଏହା ସହର ଭିତରେ ଜନଗହଳିକୁ ▶ପୃଷ୍ଠା-୭



**ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ଯୋଜନା ଥିଲା**

# ଭୁଲ ରାସ୍ତା ଦେଖାଇଲା ଗୁଗଲ ମ୍ୟାପ୍

## ● ପୋଲ ତଳକୁ ଖସିଲା ଅଡି କାର୍

ମୁମ୍ବଇ, ୨୬ ।୭ (ଏଜେନ୍ସି): ପୁଣିଥରେ ଗୁଗଲ ମ୍ୟାପ ଭୁଲ ରାସ୍ତା ଦେଖାଇବା ଫଳରେ ଏକ ଦୁର୍ଘଟଣା ହୋଇଛି । ନବି ମୁମ୍ବଇର ବେଲପୁରରେ ଗୁଗଲ ମ୍ୟାପ୍ ଭୁଲ ରାସ୍ତ ଦେଖାଇବାରୁ ଏକ ଅଡି କାର ପୋଲ ତଳକୁ ଖସି ପାଣିରେ ପଡ଼ିଛି । ଜଣେ ମହିଳା ତାଙ୍କ ଅଡି କାର ଚଳାଇ ବେଲାପୁରରୁ ଉଲୱେ ଯାଉଥିଲେ । ଗୁଗଲ ଭୁଲ ରାସ୍ତକୁ ଅନୁସରଣ କରିବା ଫଳରେ କାରଟି ବେଲାପୁର ପୋଲ ତଳକୁ ଖସିପଡ଼ିଥିଲା । ଏହି ଘଟଣା ଶୁକ୍ରବାର ରାତି ୧ଟାରେ ଘଟିଥିଲା । ଗୁଗଲ ମ୍ୟାପ ମହିଳାଙ୍କୁ ପୋଲ ତଳର ଏକ ରାସ୍ତାକୁ ସୂଚାଇଥିଲା । ଫଳରେ ମହିଳା ଜଣକ ପୋଲ ଉପରେ ଯିବା ବଦଳରେ ତଳେ ଥିବା ରାସ୍ତାରେ ଯାଇଥିଲେ । ତାଙ୍କ କାର ସିଧା ୫୦ ଫୁଟ୍ ତଳକୁ ଯାଇ ତଳକୁ ଖସିପଡ଼ିଥିଲା । ସମୁଦ୍ର ସୁରକ୍ଷା ପୁଲିସ କାରକୁ ଖାଇରେ ପଡୁଥିବାର ଦେଖି ଘଟଣାସ୍ଥଳରେ ପହଞ୍ଚିଥିଲା । ଏହାପରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା । ପୂର୍ବରୁ ମଧ୍ୟ ଗୁଗଲ ମ୍ୟାପ ପାଇଁ ଏକାଧିକ ଦୁର୍ଘଟଣା ଘଟିଛି । ଗତ ଜାନୁଆରୀରେ ଫ୍ରାନ୍ସର ଏକ ଦମ୍ପତି ଗୁଗଲ ମ୍ୟାପ୍ କାରଣରୁ ସର୍ଟକର୍ଟ ରାସ୍ତାରେ ଯାଇ ଏକ ଶୂନଶାନ ରାସ୍ତାରେ ବାଟବଣା ହୋଇଥିଲେ । ଏହି ଦମ୍ପତି ଦିଲ୍ଲୀରୁ ନେପାଳ କାଣ୍ଡମାଣ୍ଡୁ ଯାଉଥିଲେ ଓ ୟୁପିର ବରେଲିରେ ବାଟବଣା ହୋଇଥିଲେ ।

# ମୁଖ୍ୟମନ୍ତ୍ରୀ ଅଫିସ, ଏୟାରପୋର୍ଟ ଉଡ଼ାଇବାକୁ ଧମକ

ଜୟପୁର, ୨୬ ।୭ (ଏଜେନ୍ସି): ରାଜସ୍ଥାନ ଜୟପୁରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦର ବୋମା ମାଡ କରି ଉଡାଇଦେବାକୁ ଧମକ ମିଳିଛି । ଏହାପରେ ପୁଲିସ ପ୍ରଶାସନ ଏହି ଧମକକୁ ଗମ୍ଭୀରତାର ସହ ଗ୍ରହଣ କରି ସକ୍ରିୟ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ବିମାନ ବନ୍ଦରରେ ଚେକିଂ ଆରମ୍ଭ କରାଯାଇଥିଲା । କିନ୍ତୁ ଏକ ଘଣ୍ଟାର ଛାନ୍‌ଭିନ୍ ପରେ ପୁଲିସ କୌଣସି ସଂଦୀଗ୍ଧ ବସ୍ତୁ ପାଇ ନଥିଲା । ଶନିବାର ଜୟପୁର ଅନ୍ତର୍ଜାତୀୟ ବିମାନ ବନ୍ଦରର ଅଫିସିଆଲ ଇମେଲ୍ ଆଇଡିକୁ ଏହି ଧମକ ମିଳିଥିଲା । ଗୋଟିଏ କିମ୍ବା ଦୁଇଘଣ୍ଟା ପରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଠିକଣାକୁ ଉଡାଇ ଦିଆଯିବ ବୋଲି ମେଲ୍‌ରେ ଉଲ୍ଲେଖ କରାଯାଇଥିଲା । ଏୟାରପୋର୍ଟ ପୁଲିସ, ଫାୟାର ବ୍ରିଗେଡ୍, ବମ୍ ସ୍କ୍ୱାଡ ଓ ସିଭିଲ ଡିଫେନ୍ସ ଚେକିଂ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମଧ୍ୟ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚିଥିଲା । ସେଠାରେ ମଧ୍ୟ କୌଣସି ସଂଦୀଗ୍ଧ ବସ୍ତୁ ମିଳି ନଥିଲା ।

# ୟୁପିରେ ଛାତ୍ରୀଙ୍କୁ ଗୁଳି ମାରିଲା ପ୍ରେମିକ

ମନପୁରୀ, ୨୬ ।୭ (ଏଜେନ୍ସି): ୟୁପିର ମେନପୁରୀରେ ଏକ ଶିବ ମନ୍ଦିରରେ ପୂଜା କରୁଥିବାବେଳେ ବିଏସ୍‌ସି ପଢୁଥିବା ଜଣେ ଛାତ୍ରୀଙ୍କୁ ଏକତରଫା ଭାବେ ଭଲ ପାଉଥିବା ଜଣେ ପ୍ରେମିକ ଗୁଳି ମାରିଛନ୍ତି । ଛାତ୍ରୀ ଜଣକ ଯେତେବେଳେ ପୂଜା ଆରମ୍ଭ କରିଥିଲେ ପ୍ରେମିକ ଜଣକ ଗେଟ୍ ବନ୍ଦ କରି ତାଙ୍କୁ ବାଡିଅରେ ଆକ୍ରମଣ କରିଥିଲେ । ଏହାପରେ ସେ ଗୋଟିଏ ପରେ ଗୋଟିଏ ୪ଟି ଗୁଳି ମାରିଥିଲେ । ଦୁଇଟି ଗୁଳି ଛାତ୍ରୀଙ୍କ ହାତରେ ଓ ଆଉ ଦୁଇଟି ଗୁଳି ତାଙ୍କ ପେଟରେ ବାଜିଥିଲା । ଫଳରେ ଛାତ୍ରୀ ଜଣକ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ । ଛାତ୍ରୀଜଣଙ୍କୁ ତାଙ୍କ ମା ଓ ଭାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତାଙ୍କୁ ସଇଫାଇ ମେଡିକାଲକୁ ରେଫର କରାଯାଇଥିଲା । ଏହି ଘଟଣାର ୩ ଘଣ୍ଟା ପରେ ଏନକାଉଣ୍ଟର କରି ପୁଲିସ ଅଭିଯୁକ୍ତ ପ୍ରେମୀକକୁ ଗିରଫ କରିଥିଲା । କିନ୍ତୁ ଗୁଳି ଖାଇବା ପରେ ପ୍ରେମିକ ଜଣକ ହସୁଥିବାର ଦେଖାଯାଇଥିଲା । ଯୁବକ ଜଣକ ଏକତରଫା ପ୍ରେମ କରୁଥିଲା ଓ ଛାତ୍ରୀଙ୍କୁ ବିବାହ କରିବାକୁ ଚାପ ପକାଉଥିଲା । କିନ୍ତୁ ବିବାହ କରିବାକୁ ଛାତ୍ରୀ ମନା କରିବା ପରେ ସେ ଏହି କାଣ୍ଡ ଘଟାଇଥିଲା ।

# ପାକିସ୍ତାନ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ଇସଲାମାବାଦ୍, ୨୬ ।୭ (ଏଜେନ୍ସି): ପାକିସ୍ତାନର ସିନ୍ଧ ପ୍ରଦେଶର ଘୋଟକ ଜିଲ୍ଲାରେ ଜଣେ ମହିଳା ଟିକ୍‌ଟକ୍ ତାରକାଙ୍କୁ ବିଷ ଦେଇ ହତ୍ୟା କରାଯାଇଛି । ଏହି ଟିକଟକ କ୍ରିଏଟରଙ୍କ ନାମ ସୁମୀରା ରାଜପୁତ । ଶନିବାର ସେ ନିଜ ଘରେ ସନ୍ଦେହଜନକ ଭାବେ ମୃତ୍ୟୁ ବରଣ କରିଥିବାର ଦେଖାଯାଇଥିଲା । ସୁମୀରାଙ୍କୁ ଜବରଦସ୍ତ ବିବାହ କରିବାକୁ ଚାପ ପକାଯାଉଥିଲା ବୋଲି ତାଙ୍କ ୧୫ ବର୍ଷୀୟ ଝିଅ ଦାବି କରିଛନ୍ତି । ସୁମୀରା ମନା କରିବା ଫଳରେ ତାଙ୍କୁ ବିଷ ଦେଇ ମାରିଦିଆଯାଇଛି ବୋଲି ଅଭିଯୋଗ ହୋଇଛି । ତାଙ୍କୁ ବିଷ ଟାବଲେଟ ଦିଆଯାଇଥିଲା ବୋଲି ଝିଅ କହିଛନ୍ତି । ସୁମୀରା ଜଣେ ଜଣାଶୁଣା ଡିଜଟାଲ କଣ୍ଟେଟ କ୍ରିଏଟର ଥିଲେ । ଟିକ୍‌ଟକ୍‌ରେ ତାଙ୍କର ୫୮, ୦୦୦ ଫଲୋଅର ରହିଥିଲେ ଓ ତାଙ୍କର ୧୦ ଲକ୍ଷରୁ ଅଧିକ ଲାଇକ୍ ଥିଲା । ତାଙ୍କ ଝିଅ ମଧ୍ୟ ଟିକ୍‌ଟକ୍‌ରେ ସକ୍ରିୟ ଥିଲେ । ଝିଅର ମଧ୍ୟ ବହୁ ସଂଖ୍ୟାରେ ଫଲୋଅର ରହିଛନ୍ତି । ଏ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗରିଫ କରିଛି । କିନ୍ତୁ ଏପର୍ଯ୍ୟନ୍ତ ମାମଲା ରୁଜୁ କରାଯାଇନାହିଁ ।

# ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଇଟାଲୀ ଅରାଜି

ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ପାଲେଷ୍ଟାଇନ୍‌କୁ ଏକ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବା ନେଇ ଫ୍ରାନ୍ସ ଘୋଷଣା କରିବାର ଗୋଟିଏ ଦିନ ପରେ ଇଟାଲୀ ଏହାକୁ ବିରୋଧ କରିଛି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମିଲୋନୀ ଶନିବାର ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଖୋଲା ଖୋଲି ଭାବେ ବିରୋଧ କରିଛନ୍ତି । ୟୁରୋପରେ ଏବେ ପାଲେଷ୍ଟାଇନକୁ ମାନ୍ୟତା ଦେବା ନେଇ ଅଭିଯାନ ଜୋର ଧରିଥିବା ବେଳେ ମିଲୋନୀ ଏହାର ଫଳ ଓଲଟା ହେବ ବୋଲି କହିଛନ୍ତି । ପାଲେଷ୍ଟାଇନ ଦେଶ ସପକ୍ଷରେ ରହିଛି । କିନ୍ତୁ ଦେଶ ଗଠନ ହେବା ପୂର୍ବରୁ ମାନ୍ୟତା ଦେବାକୁ ଚାହୁଁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । କେବଳ କାଗଜରେ ଏଭଳି ମାନ୍ୟତାର କିଛି ମୂଲ୍ୟ ନାହିଁ । ତେଣୁ ପ୍ରଥମେ ବାସ୍ତବରେ ପାଲେଷ୍ଟାଇନ ଦେଶ ଗଠନ ହେବା ଜରୁରି । ନହେଲ ସମସ୍ୟାର ସମାଧାନ ନହୋଇ ଭ୍ରମ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହ ବୃଦ୍ଧି ପାଇବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଫ୍ରାନ୍ସ ଭଳି ଜର୍ମାନୀ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବା ସପକ୍ଷରେ ମନ୍ତବ୍ୟ ଦେଇଛି ।



# ଥାଇଲାଣ୍ଡ-କାମ୍ବୋଡିଆ ସଂଘର୍ଷ: ମୃତ୍ୟୁସଂଖ୍ୟା ୩୩

ବ୍ୟାଙ୍କକ୍/ନୋମ ପେନ୍ହ, ୨୬।୭(ଏଜେନ୍ସି): ଏକ ହଜାର ବର୍ଷ ପୁରାତନ ଶିବ ମନ୍ଦିରକୁ ନେଇ ଦୁଇ ପୂର୍ବ ଏସୀୟ ଦେଶ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷ ତୃତୀୟ ଦିନରେ ପହଞ୍ଚିଛି । ଏହି ସଂଘର୍ଷରେ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । କାମ୍ବୋଡିଆ ଗୃହ ମନ୍ତ୍ରଣାଳୟ ସୂଚନା ଅନୁସାରେ ସଂଘର୍ଷରେ ୧୩ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୮ ନାଗରିକ ଓ ୫ ଜଣ ସୈନିକ ସାମିଲ ରହିଛନ୍ତି । ଏହାକୁ ବାଦ୍ ଦେଲେ ୭୧ ଜଣ ଲୋକ ଆହତ ହୋଇଛନ୍ତି । ସେହିପରି ଥାଇଲାଣ୍ଡର ମଧ୍ୟ ୨୦ ଜଣ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୧୪ ନାଗରିକ ଓ ୬ ଜଣ ସୈନିକ ସାମିଲ ରହିଛନ୍ତି । ଥାଇଲାଣ୍ଡ ଜାଣିଶୁଣି ଆକ୍ରମଣ କରୁଛି ବୋଲି କାମ୍ବୋଡିଆ ଅଭିଯୋଗ କରିଛି । ଥାଇସେନା କାମ୍ବୋଡିଆର ସାର୍ବଭୌମତ୍ୱ ଉପରେ ଆଞ୍ଚ୍ ଆଣୁଛି ବୋଲି କୁହାଯାଉଛି । ଜୁଲାଇ ୨୪ରେ ମାଲେସିଆର ମଧ୍ୟସ୍ଥତାରେ ଅସ୍ତ୍ରବିରତି ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିଲା ବୋଲି କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ ମାନେଟ୍ ଶନିବାର ଦାବି କରିଛନ୍ତି । କିନ୍ତୁ ଏହାର ଏକ ଘଣ୍ଟା ମଧ୍ୟରେ ଥାଇଲାଣ୍ଡ ନିଜର ରୂପ ବଦଳାଇ ଥିଲା ବୋଲି ସେ କହିଛନ୍ତି । ସେହିପରି ଜାତିସଂଘ ସୁରକ୍ଷା ପରିଷଦର ଜରୁରୀକାଳୀନ ବୈଠକରେ କାମ୍ବୋଡିଆ ସଂଘର୍ଷ ରୋକିବାକୁ ଅପିଲ କରିଥିଲା । ତେବେ ଦୁଇଦେଶକୁ କୁଟନୈତିକସ୍ତରରେ ସମାଧାନ ବାହର କରିବାକୁ ପରାମର୍ଶ ଦେଇଥିଲେ । ଆହୁରି ଅଧିକ ଆକ୍ରମଣ କରିବାକୁ ଥାଇଲାଣ୍ଡ ପ୍ରସ୍ତୁତି ଚଲାଉଛି ବୋଲି କାମ୍ବୋଡିଆ କହିଛି । ଏହି ସଂଘର୍ଷରେ କାମ୍ବୋଡିଆରେ ୩୫ ହଜାର ଲୋକ ପଳାୟନ କରିବାକୁ ବାଧ ହୋଇଛନ୍ତି । ଓଡାର ମିନଚେରେ ୨୨, ୦୦୦ ଲୋକ ଓ ପ୍ରୀହ ବିହାରରେ ୧୦, ୦୦୦ ଲୋକ ପଳାୟନ କରିଛନ୍ତି ।

# ଟ୍ରମ୍ପଙ୍କ ୟୁରୋପ ଚିନ୍ତା

ଏଡିନବର୍ଗ, ୨୬।୭ (ଏଜେନ୍ସି): ନିଜ ମନ ମୁତାବକ ନୀତି ବଳରେ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶନିବାର ପ୍ରବାସୀଙ୍କ ଅନୁପ୍ରବେଶକୁ ନେଇ ୟୁରୋପକୁ ବଡ଼ ଚେତାବନୀ ଦେଇଛନ୍ତି । ପ୍ରବାସୀ ୟୁରୋପକୁ ଗିଳି ଯାଉଛନ୍ତି । ମିଳିତ ହୋଇ ଦେଶଗୁଡିକୁ ନିଜ କାମ କରିବାକୁ ହେବ । ୟୁରୋପରେ ଚାଲିଥିବା ଭୟାନକ ଅନୁପ୍ରବେଶକୁ ରୋକିବାକୁ ହେବ । ତେବେ କିଛି ନେତା ଏହି ଅନୁପ୍ରବେଶକୁ ରୋକିବାକୁ ଚାହୁଁ ନାହାନ୍ତି । ସେମାନଙ୍କୁ ଏହାର ଶ୍ରେୟ ମଧ୍ୟ ମିଳୁନାହିଁ । ଏବେ କିଛି ନେତାଙ୍କ



## ୟୁରୋପକୁ ଗିଳି ଯାଉଛନ୍ତି ପ୍ରବାସୀ

## ଭୟଙ୍କର ଅନୁପ୍ରବେଶକୁ ବନ୍ଦ କର

ନାମ କହିପାରିବି, କିନ୍ତୁ ଏପରି କରି ଅନ୍ୟମାନଙ୍କୁ ଲଜ୍ଜିତ ହେବାକୁ ଦେବି ନାହିଁ । ୟୁରୋପରୁ ଆମେରିକାକୁ ପ୍ରବାସୀ ଭାବେ ଆସିଥିବା ଟ୍ରମ୍ପ ଏହି ମନ୍ତବ୍ୟ ଦେଇଛନ୍ତି । ଟ୍ରମ୍ପଙ୍କ ବାପା ଫ୍ରେଡ ଏବଂ ମା' ମେରି ଆନେ ମାକଲିଓଡ ୟୁରୋପରୁ ଆମେରିକା ଆସିଥିଲେ ।

ଅନ୍ୟପକ୍ଷରେ ଆମେରିକାର ଫେଡେରାଲ କୋର୍ଟ ଟ୍ରମ୍ପଙ୍କ ନିର୍ଦ୍ଦେଶ 'ଜନ୍ମଗତ ନାଗରିକତା ଅଧିକାର'ଉପରେ କଟକଣା ଲଗାଇ ଦେଇଛନ୍ତି । ଆମେରିକାରେ ବେଆଇନ ଭାବେ ରହିଥିବା ମାତାପିତାଙ୍କଠାରୁ ଜନ୍ମିତ ଶିଶୁକୁ ଆମେରିକା ନାଗରିକତା ମିଳିବ ନାହି ବୋଲି ପୂର୍ବରୁ ଟ୍ରମ୍ପ ଘୋଷଣା କରିଥିଲେ । ଏବେ ତୃତୀୟ ଥର ପାଇଁ କୋର୍ଟ ଟ୍ରମ୍ପଙ୍କ ଆଦେଶ ଉପରେ କଟକଣା ଲଗାଇ ଦେଇଛନ୍ତି । ତେବେ ଏହା ଉପରେ ସୁପ୍ରିମକୋର୍ଟ ଶେଷ ନିଷ୍ପତ୍ତି ନେବେ ବୋଲି ଫେଡେରାଲ କୋର୍ଟ କହିଛନ୍ତି । ଦ୍ୱିତୀୟ ଥର ରାଷ୍ଟ୍ରପତି ହେବାପରେ ଆମେରିକାରୁ ବିଦେଶୀ ନାଗରିକମାନଙ୍କୁ ବିଭିନ୍ନ କାରଣ ଦେଖାଇ ବିତାଡ଼ିତ କରିବା ସହିତ ବିଭିନ୍ନ ଦେଶ ସହ ଶୁଳ୍କ ଯୁଦ୍ଧ ଚଳାଇଥିବା ଟ୍ରମ୍ପ ଏବେ ପ୍ରବାସୀଙ୍କ ନାମରେ ୟୁରୋପୀୟ ଦେଶଙ୍କୁ ଉସୁକାଇବାରେ ଲାଗିଛନ୍ତି । ଏହା ବିଶ୍ୱ ଶାନ୍ତି ଓ ସ୍ଥିରତା ପ୍ରତି ବିପଦ ସୃଷ୍ଟି କରିବ ବୋଲି କୁହାଯାଉଛି ।

ଭାବେ ଏହାର ମୁକାବିଲା କରିବା ଜରୁରୀ । ଅନେକ ୟୁରୋପୀୟ ରାଷ୍ଟ୍ର ଏହି ଭୟାନକ ଅନୁପ୍ରବେଶକୁ ରୋକିବା ଜରୁରୀ ବୋଲି ଟ୍ରମ୍ପ କହିଛନ୍ତି । ସ୍କଟଲାଣ୍ଡ ଗସ୍ତରେ ଯାଇଥିବା ଆମେରିକା ରାଷ୍ଟ୍ରପତି 'ଏୟାର ଫୋର୍ସ ୱାନ'ରୁ ଓହ୍ଲାଇବା ପରେ ଏହି ଟିପ୍ପଣୀ ଦେଇଛନ୍ତି । ସେ ଏହି ଗସ୍ତରେ ପତ୍ନୀ ମେଲାନିଆ ଟ୍ରମ୍ପ ତାଙ୍କ ସହ ଯାଇ ନାହାନ୍ତି । ତେଣୁ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ସୃଷ୍ଟି ହୋଇଥିବା କୁହାଯାଉଛି ।

ଟ୍ରମ୍ପ କହିଛନ୍ତି ଯେ ପ୍ରବାସୀଙ୍କ ମାମଲାରେ ସବୁ ଦେଶ ନିଜ ରଣନୀତି ଉପରେ କାର୍ଯ୍ୟ କରିବା ଉଚିତ । ସତର୍କ ନ ହେଲେ ୟୁରୋପ ଆଉ ତୁମର ହୋଇ ରହିବ ନାହିଁ । ତେଣୁ ଏକାଠି

ଡେମୋକ୍ରାଟିକ୍ ଲିଡର ଆପ୍ରୁଭାଲ ରେଟିଂ

# ଶୀର୍ଷରେ ମୋଦୀ, ଅଷ୍ଟମ ସ୍ଥାନରେ ଟ୍ରମ୍ପ



ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତାର ମାନ୍ୟତା ହାସଲ କରିଛନ୍ତି । ଶନିବାର ଜାରି ହୋଇଥିବା 'ଡେମୋକ୍ରାଟିକ୍ ଗ୍ଲୋବାଲ ଲିଡର ଆପ୍ରୁଭାଲ ରେଟିଂ'ରେ ମୋଦୀ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ତାଙ୍କୁ ୭୫ ପ୍ରତିଶତ ଆପ୍ରୁଭାଲ ରେଟିଂ ମିଳିଛି । ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ତାଙ୍କୁ ୫୯ ପ୍ରତିଶତ ରେଟିଂ ମିଳିଛି । ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର ମିଲେଇ ତୃତୀୟ ସ୍ଥାନରେ ରହିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେଷ୍ଠ-୫ରେ ସ୍ଥାନ ମିଳିନାହିଁ । ଟାରିଫ୍ ବିବାଦ କାରଣରୁ ତାଙ୍କୁ ୮ମ ସ୍ଥାନ ମିଳିଛି । ଆମେରିକାର ବ୍ୟବସାୟିକ ଗୋଇନ୍ଦା ଫାର୍ମ ମର୍ଣ୍ଣିଂ କନସଲ୍ଟ ବିଭିର୍ଣ୍ଣ ତଥ୍ୟ ବିଶ୍ଳେଷଣ କରି ଏହି ରେଟିଂ ଜାରି କରିଛି । ବିଶ୍ୱବ୍ୟାପୀ ନେତା, ଖାସ୍ କରି ଗଣତାନ୍ତ୍ରିକ ଦେଶଗୁଡିକର ନେତାମାନଙ୍କ ଲୋକ୍ରପିୟତାର ସର୍ଭେ କରି ରେଟିଂ ଆକଳନ କରାଯାଇଥାଏ । ବିଭିନ୍ନ ଦେଶରେ ପ୍ରତିଦିନ ହଜାର ଲୋକଙ୍କ ସାକ୍ଷାତକାରକୁ ଆଧାର କରି ଏହି ସର୍ଭେ କରାଯାଇଥାଏ ।

# ୧୭ ସାଂସଦଙ୍କୁ ସଂସଦରତ୍ନ ସମ୍ମାନ

ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ଲୋକସଭାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ ଦଳର ୧୭ ଜଣ ସାଂସଦଙ୍କୁ ସଂସଦରତ୍ନ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି । ସୁପ୍ରିଆ ସୁଲେ, ରବି କିଷନ, ନିଶିକାନ୍ତ ଦୁବେ, ଅରବିନ୍ଦ ସାମନ୍ତ, ଭର୍ତ୍ତୃହରି ମହତାବ, ଏନ୍‌କେ ପ୍ରେମଚାନ୍ଦ, ଶ୍ରୀରଙ୍ଗ ଆପ୍ପା ବାର୍ଣ୍ଣେଙ୍କୁ ଆଜି ସମ୍ମାନିତ କରାଯାଇଛି । ମହାରାଷ୍ଟ୍ରରୁ ସର୍ବାଧିକ ୭ ଜଣ ସାଂସଦ ଏହି ସମ୍ମାନ ହାସଲ କରିଛନ୍ତି । ସେହିପରି ଉତ୍ତରପ୍ରଦେଶର, ଝାଡଖଣ୍ଡର, ରାଜସ୍ଥାନର ଦୁଇଜଣ ଲେଖାଏ ସାଂସଦ ଏବଂ ଓଡ଼ିଶା, ତାମିଲନାଡୁ ଓ ଆସାମର ଜଣେ ଲେଖାଏ ସାଂସଦଙ୍କୁ ଏହି ସମ୍ମାନ ମିଳିଛି । ଉଲ୍ଲେଖଥାଉ କି, ୨୦୧୦ରେ ପ୍ରାଇମ ପଏଣ୍ଟ ଫାଉଣ୍ଡେସନ ଓ ଇମାଗାଜିନ୍ ପ୍ରିସେନ୍ସ ପ୍ରଥମଥର ପାଇଁ ଏହି ପୁରସ୍କାର ଦେବାର ପରମ୍ପରା ଆରମ୍ଭ କରିଥିଲେ । ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମ ଏହି ପୁରସ୍କାର ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ୨୦୧୦ରେ ଅନୁଷ୍ଠିତ ପ୍ରଥମ ପୁରସ୍କାର ଉତ୍ସବରେ ସେ ଏହି ପୁରସ୍କାରର ଉଦ୍‌ଘାଟନ କରିଥିଲେ । ସଂସଦରେ ପ୍ରଶ୍ନ ପଚାରିବାର ସଂଖ୍ୟା, ବୈଠକ ଓ ଚର୍ଚ୍ଚାରେ ଭାଗୀଦାରି ଭଳି ବିଷୟକୁ ଦୃଷ୍ଟିରେ ରଖି ପୁରସ୍କାର ଦିଆଯାଏ ।

# ବିହାରରେ ସାମ୍ବାଦିକଙ୍କୁ ମିଳିବ ୧୫ ହଜାର ଟଙ୍କା ପେନସନ

ପାଟନା, ୨୬ ।୭ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ବିହାର ସରକାର ଏକ ବଡ଼ ଘୋଷଣା କରିଛନ୍ତି । ଏବେ ବିହାରରେ ମାନ୍ୟତାପ୍ରାପ୍ତ ସମ୍ବାଦିକଙ୍କୁ ମାସକୁ ୧୫ ହଜାର ଟଙ୍କାର ପେନସନ ମିଳିବ ବୋଲି ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋସିଆଲ ମିଡିଆରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି । ପୂର୍ବରୁ ସାମ୍ବାଦିକଙ୍କୁ ୬ ହଜାର ଟଙ୍କା ପେନସନ ଦିଆଯାଉଥିଲା ଓ ଏହାକୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ପୁଣି ଯଦି କୌଣସି ସାମ୍ବାଦିକଙ୍କ ପରଲୋକ ହୁଏ ତେବେ ତାଙ୍କ ପତ୍ନୀଙ୍କୁ ୩ ହଜାର ବଦଳରେ ୧୦ ହଜାର ଟଙ୍କା ପେନସନ ଦିଆଯିବ ବୋଲି କୁହାଯାଇଛି । ଗଣତନ୍ତ୍ରରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି ଓ ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଇଥାଏ । ତେଣୁ ସମ୍ବାଦିକଙ୍କ ପାଇଁ ପେନସନ ବୃଦ୍ଧି କରାଯିବା ଆବଶ୍ୟକାତା ରହିଛି ବୋଲି ନୀତୀଶ କହିଛନ୍ତି ।

କପିଳ ଶର୍ମାଙ୍କ କାଫେକୁ ଗୁଳିମାଡ଼ ମାମଲା

# ନିଜକୁ ଦୂରେଇଲା ବବର ଖାଲସା

ଅମୃତଶର, ୨୬ ।୭ (ଏଜେନ୍ସି): କାନାଡାର ସରେ ସହରରେ କମେଡିଆନ କପିଲ ଶର୍ମାଙ୍କ ନୂଆ କାଫେ 'କେପ୍ସ କାଫେ' ଉପରେ ହୋଇଥିବା ଗୁଳିମାଡ଼ ଘଟଣା ଏବେ ନୂଆ ମୋଡ ନେଇଛି । ଏହି ଘଟଣା ପାଇଁ ଆମେ ଦାୟୀ ନୁହଁ ଓ ଆମର କିଛି ଯାଏ ଆସେ ନାହିଁ ବୋଲି ଖଲିସ୍ତାନୀ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ) ତରଫରୁ କୁହାଯାଉଛି । ଏ ନେଇ ବିକେଆଇ ୨ ପୃଷ୍ଠାର ଚିଠି ଜାରି କରିଛି । ଜୋରଜବରସ୍ତି ଅର୍ଥ ଆଦାୟ, ଧମକ କିମ୍ବା ହିଂସାର କୌଣସି ଘଟଣାରେ ଆମର କୌଣସି ସମ୍ପର୍କ ନାହିଁ । ଆମେ କୌଣସି ପ୍ରକାର ଆକ୍ରମଣ କରିନାହୁଁ । ଏଭଳି ଘଟଣାରେ ଆମକୁ ଦାୟୀ କରିବା ଠିକ୍ ନୁହଁ ବୋଲି ବିକେଆଇ ଶନିବାର ସ୍ପଷ୍ଟ କରିଛି । ଉଲ୍ଲେଖଥାଉ କି, ଜୁଲାଇ ୧୦ରେ କପିଲଙ୍କ କାଫେ ଉପରେକୁ ଗୁଳିମାଡ ହୋଇଥିଲା । ଜୁଲାଇ ୭ରେ କପିଲ ଏହାର ଉଦ୍‌ଘାଟନ କରିଥିଲେ । ଏହି ଘଟଣାରେ ଖଲିସ୍ତାନୀ ଆତଙ୍କୀ ହରଜିତ ସିଂହ ଲାଡି ନିଜକୁ ଦାୟୀ କରିଥିଲା



ଶନିବାର ଦିନ ମୁମ୍ବାଇ-ପୁଣେ ଏକ୍ସପ୍ରେସ ହାଇୱେରେ ପ୍ରବଳ ବର୍ଷା ଓ ଦୁର୍ଘଟଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ବ୍ରେକ ଫେଲ୍ ହୋଇଯିବାରୁ ଗୋଟିଏ ଟ୍ରକ ଅତିକମରେ ୧୨ଟି କାର ଉପରେ ମାଡ଼ିଯିବାରୁ ଜଣେ ବ୍ୟକ୍ତି ପ୍ରାଣ ହରାଇବା ସହିତ ୨୦ରୁ ଅଧିକ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ୫ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଜାମ୍ ରହିଥିଲା ।

## ଭାରତୀୟ ଇତିହାସରେ ପ୍ରଥମ

# ଯବାନଙ୍କ ପରିବାରକୁ ମିଳିବ ଆଇନଗତ ସୁରକ୍ଷା

ଶ୍ରୀନଗର, ୨୬।୭ (ଏଜେନ୍ସି): କାର୍‌ଗିଲ ବିଜୟ ଦିବସରେ ଯବାନଙ୍କ ନିମନ୍ତେ ଐତିହାସିକ ପଦକ୍ଷେପ ନିଆଯାଇଛି । ଭାରତରେ ପ୍ରଥମ ଥର ପାଇଁ ଯବାନଙ୍କ ପରିବାରକୁ ଆଇନଗତ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ନୂଆ ଯୋଜନା ଆରମ୍ଭ କରାଯାଇଛି । ଏହାର ନାମ 'ନାଲ୍‌ସା ବୀର ପରିବାର ସହାୟତା ଯୋଜନା-୨୦୨୫' ରଖାଯାଇଛି । ଉପାନ୍ତ ଅଞ୍ଚଳରେ ତଥା ଦୂରଦୂରାନ୍ତ କ୍ଷେତ୍ରରେ ମୁତୟନ ଥିବା ଯବାନଙ୍କୁ ଘରୋଇ ଆଇନର ବୋଝରୁ ମୁକ୍ତି ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ । ନ୍ୟାସନାଲ ଲିଗାଲ ସର୍ଭିସେସ୍ ଅଥରିଟି (ନାଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାକୁ ଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଶନିବାର ଶ୍ରୀନଗରରେ ଏହି ଯୋଜନାର ଶୁଭାରମ୍ଭ କହିଛନ୍ତି । ଅଭିଯାନ ସମୟରେ ସଶସ୍ତ୍ର ବାହିନୀର ବଳିଦାନ ଦ୍ୱାରା ଜଷ୍ଟିସ ସୂର୍ଯ୍ୟକାନ୍ତ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଏବଂ ସେ ଯବାନଙ୍କ ମଙ୍ଗଳ ପାଇଁ ନ୍ୟାୟପାଳିକା ମାଧ୍ୟମରେ କି ଯୋଗଦାନ ଦିଆଯାଇପାରିବ ତାହା ଖୋଜିବା ଆରମ୍ଭ କରି ଦେଇଥିଲେ । ସୂଚନା ଅନୁଯାୟୀ ଦେଶର ସୁରକ୍ଷାରେ ନିୟୋଜିତ ଯବାନଙ୍କୁ ବ୍ୟକ୍ତିଗତ ମାମଲାର ଲଢ଼େଇରେ ଆଇନଗତ ସୁବିଧା ସୁନିଶ୍ଚିତ କରି ଏକାକୀ ହେବାକୁ ନ ଦେବା ଉଚିତ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଚାହୁଁଥିଲେ । ଏହି ଚିନ୍ତାଧାରା 'ନାଲସା ବୀର ପରିବାର ସହାୟତା ଯୋଜନା'ରେ ପରିଣତ ହୋଇଛି । ନଭେମ୍ବର ୨୪ରେ ଭାରତର ପ୍ରଧାନ ବିଚାରପତି ଭାବେ ଶପଥ ନେବା ପୂର୍ବରୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏହି ଯୋଜନାର ଶୁଭାରମ୍ଭ କରିବେ । ଏଥିରେ ଦୂର ଦୂରାନ୍ତ କ୍ଷେତ୍ରରେ ମୁତୟନ ଥାଇ ଆଇନଗତ ମାମଲା ପାଇଁ ହାଜର ହୋଇ ପାରୁ ନ ଥିବା ଯବାନଙ୍କୁ ସହାୟତା ପ୍ରଦାନ କରାଯିବ । ପାରିବାରିକ ସମ୍ପତ୍ତି ବିବାଦ, ଘରୋଇ ବିବାଦ ଏବଂ ଜମିଜମା ଆଦି ମାମଲାରେ ଆଇନଗତ ସହାୟତା ଦିଆଯିବ । ଏଭଳି ସ୍ଥିତିରେ ନାଲ୍‌ସା ମାଧ୍ୟମରେ ମାମଲାକୁ ଉଚିତ ଭାବେ କୋର୍ଟରେ ଉପସ୍ଥାପନା କରିବାକୁ ସୁନିଶ୍ଚିତ କରାଯିବ ।

# ଆରବ, ଇସଲାମ ଶିଖିବାକୁ ସୈନିକଙ୍କୁ ନିର୍ଦ୍ଦେଶ ଦେଲା ଇସ୍ରାଏଲ

ତେଲ ଅଭିଭ୍, ୨୬ ।୭ (ଏଜେନ୍ସି): ଇସ୍ରାଏଲ୍ ଏବେ ତା'ର ସବୁ ସୈନିକ, ଅଧିକାରୀ ଓ ଗୋଇନ୍ଦା ବିଭାଗକୁ ଆରବ ଭାଷା ଓ ଇସ୍‌ଲାମ ଧର୍ମ ବିଷୟରେ ଶିକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି । ଆରବ ଭାଷା ଓ ଇସ୍ଲାମିକ ଷ୍ଟଡିଜର ପ୍ରଶିକ୍ଷଣ ନେବା ବାଧ୍ୟତାମୂଳକ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ କୁହାଯାଇଛି । ଜେରୁସଲମ ପୋଷ୍ଟରେ ଏ ନେଇ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଇସ୍ରାଏଲ ଏହି ପଦକ୍ଷେପ ଗ୍ରହଣ କରିଛି । ୨୦୨୩ ଅକ୍ଟୋବରରେ ଇସ୍ରାଏଲ ଉପରେ ପାଲେଷ୍ଟାଇନ୍ ଆତଙ୍କବାଦୀ ସଂଗଠନ ହମାସ ଆକ୍ରମଣ କରିଥିଲା । ସେତେବେଳେ ଇସ୍ରାଏଲ ଗୋଇନ୍ଦା ବିଭାଗର ବିଫଳତା କାରଣରୁ ଏହା ଘଟିଥିଲା ବୋଲି କୁହାଯାଇଥିଲା । ଗୋଇନ୍ଦା ବିଭାଗର ଅଧିକାରୀମାନେ ଆତଙ୍କୀ ଭାଷାକୁ ସ୍ପଷ୍ଟ ଭାବେ ବୁଝିବାରେ ବିଫଳ ହୋଇଥିଲେ । ଇସ୍ରାଏଲ ମଧ୍ୟ ଏହାର ଗମ୍ଭୀରତାକୁ ହୃଦୟଙ୍ଗମ କରି ଏହି ପଦକ୍ଷେପ ନେଇଛି । କେବଳ ସେତିକି ନୁହଁ ଏହି କାର୍ଯ୍ୟକ୍ରମ ଅନୁସାରେ ସୈନିକମାନଙ୍କୁ ହୁତି ଓ ଇରାକର କଥିତ ଭାଷା ଶିକ୍ଷା କରିବାକୁ କୁହାଯିବ । ହୁତି ଭାଷା ବୁଝିବାରେ ଗୋଇନ୍ଦା ଅଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୟେମେନ ଓ ଅନ୍ୟ ଆରବ ଅଞ୍ଚଳରେ ଲୋକ ଗୁଟଖା ଭଳି 'କାତ' (ହାଲକା ନିଶା ଯୁକ୍ତ ପତ୍ର) ଚୋବାଇବାରେ ଅଭ୍ୟାସ ରଖନ୍ତି । ଏହା ଦ୍ୱାରା ସ୍ପଷ୍ଟ ଭାବେ କଥା କୁହାଯାଇପାରି ନଥାଏ । ଆତଙ୍କୀଙ୍କ ଭାଷା ବୁଝିବାକୁ ହେଲେ ଏହି ସବୁ ଶିକ୍ଷା କରିବା ଆବଶ୍ୟକୟ । ତେଣୁ ଏହି ସବୁ ଭାଷା ଶିକ୍ଷା କରିବାକୁ ଇସ୍ରାଏଲ ବାଧ୍ୟତାମୂଳକ କରିଛି ।

# କାର୍ଗିଲ ବିଜୟ ଦିବସରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି



ନୂଆଦିଲ୍ଲୀ, ୨୬ ।୭ (ଏଜେନ୍ସି): ଲାଦାଖ ଦ୍ରାସ ସେକ୍ଟରରେ ଆଜି କାରଗିଲ ବିଜୟ ଦିବସ ପାଳନ ହୋଇଛି । ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ । ଏହି ଅବସରରେ ସେ କହିଛନ୍ତି ଯେ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡ଼ା ସନ୍ଦେଶ ଦେବାରେ ଭାରତ ସଫଳ ହୋଇଛି । ଆତଙ୍କବାଦ ଓ ଏହାର ସମର୍ଥକଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅପରେସନ ଦ୍ୱାରା ସ୍ପଷ୍ଟ କରାଯାଇଛି । ପହଲଗାମରେ ହୋଇଥିବା ଆତାଙ୍କବାଦୀ ଆକ୍ରମଣକୁ ଅପରେସନ ସିନ୍ଦୂର ଦ୍ୱାରା ଦୃଢ଼ ଜବାବ ଦିଆଯାଇଥିଲା । କାରଗିଲ ବିଜୟ ଦିବସକୁ ୨୬ ବର୍ଷ ପୂର୍ତ୍ତୀପାଳନ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦିଲ୍ଲୀର ନ୍ୟାସନାଲ ମେମୋରିଆଲ ପହଞ୍ଚିଥିଲେ । ତାଙ୍କ ସହ ୩ ସେନା ପ୍ରମୁଖ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ରାଜନାଥ ଶହୀଦ ଜବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଉଲ୍ଲେଖଥାଉ କି, ୧୯୯୯ ମେ ୫ରେ ପାକିସ୍ତାନ ସୈନ୍ୟ ଅନୁପ୍ରବେଶ କରିଥିଲା । ଫଳରେ ଦୁଇ ଦେଶ ମଧ୍ୟରେ କାରଗିଲରେ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧ ପାଖାପାଖି ୮୪ ଦିନ ପର୍ଯ୍ୟନ୍ତ ଚାଲିଥିଲା । ତେବେ ୧୯୯୯ ଜୁଲାଇ ୨୬ରେ ଭାରତର ବିଜୟ ସହ ଏହି ଯୁଦ୍ଧ ଶେଷ ହୋଇଥିଲା ।

ପାର୍ବଣ ପାଇଁ ଅପରାଧୀ ସଜବାଜ

# କଟକରୁ ମୁଙ୍ଗେର୍ ବନ୍ଧୁକ କାରବାର ରାକେଟ୍ ଠାବ

- କୁଖ୍ୟାତ କାଦୁଅ ସମେତ ୬ ଦୁର୍ଦ୍ଦାନ୍ତ ଗିରଫ
- ୫ବନ୍ଧୁକ, ୧୩ ଗୁଳି, ସ୍କୁଟି, ମୋବାଇଲ ଜବତ
- ପୂରା ରାଜ୍ୟକୁ ଲମ୍ବିଛି ଚେର



କଟକ,୨୫।୭(ସମିସ): ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିଲା ବେଆଇନ ବନ୍ଧୁକ ବ୍ୟବସାୟ। ବିହାରର ମୁଙ୍ଗେରରୁ ଅତ୍ୟାଧୁନିକ ପିସ୍ତଲ, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହ ଗୁଳି ଆଣି ବିକ୍ରି ହେଉଥିଲା। ଏହି ବେଆଇନ ବନ୍ଧୁକ କାରବାର କରୁଥିବା ଜଣେ କୁଖ୍ୟାତ ଅପରାଧୀକୁ ମାଲଗୋଦାମ ଥାନା ପୁଲିସ ଆଜି ଗିରଫ କରିଛି। ଅଭିଯୁକ୍ତଜଣଙ୍କ ହେଉଛି, ଯୋବ୍ରା ମାଟିଆମଙ୍ଗଳା ସାହିର ଦେବଦତ୍ତ ସିଂହ ବେହେରା ଓରଫ୍ କାଦୁଅ (୨୬)। ତା' ନିକଟରୁ ବନ୍ଧୁକ କିଣିଥିବା ୫ ଅଭିଯୁକ୍ତ ଯୋବ୍ରା ମଲ୍ଲା ସାହିର ରାଜା ଓରଫ୍ ପୀୟୂଷ ରେଡ୍ଡୀ(୨୦), ନଦୀକୂଳ ସାହିର ଦୁର୍ଦ୍ଦାନ୍ତ ନନ୍ଦ ଓରଫ୍ ବିଜୟ ରାଓ(୩୬), ନୂଆସାହିର ଜ୍ୟୋତି ରଞ୍ଜନ ନାୟକ ଓରଫ୍ ହାପି(୨୩), ବୈଦ୍ୟନାଥ ବେହେରା ଓରଫ ବିଦୁ (୨୨) ଓ ତଳସାହିର ତପନ ସେଠୀ ଓରଫ ତପୁ(୨୦)କୁ ମଧ୍ୟ ପୁଲିସ୍ ଗିରଫ କରିଛି। ଏମାନଙ୍କ ପାଖରୁ ପୁଲିସ୍ ୫ଟି ୭.୬୫ ଏମ୍ଏମ୍ ପିସ୍ତଲ, ୧୩ ରାଉଣ୍ଡ ଗୁଳି, ଗୋଟିଏ ସ୍କୁଟି ଏବଂ ୩ଟି ମୋବାଇଲ ଜବତ କରିଛି। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର୍ ଏସ୍. ଦେବଦତ୍ତ ସିଂହ ଆଜି ଏହି ସୂଚନା ଦେଇଛନ୍ତି।

ପୁଲିସ ସୂଚନାନୁସାରେ, ଗତକାଲି ସନ୍ଧ୍ୟାରେ ଯୋବ୍ରା ଅଞ୍ଚଳରେ କିଛି ସନ୍ଦିଗ୍ଧ ଗତିବିଧି ନେଇ ପୁଲିସକୁ ସୂଚନା ମିଳିଥିଲା। କିଛି ଦୁର୍ବୃତ୍ତ ବଡ଼ଧରଣର ଅପରାଧିକ କାଣ୍ଡ ଭିଆଇବା ଉଦ୍ଦେଶ୍ୟରେ ଏକାଠି ହେଉଥିବା ଜଣାପଡ଼ିଥିଲା। ଏସିପି ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ସ୍ପେସାଲ୍ ସ୍କ୍ୱାଡ ତୁରନ୍ତ ଯୋବ୍ରା ମାଟିଆ ମଙ୍ଗଳା ଛକରେ ଚଢ଼ଉ କରିଥିଲା। ଏହି ସମୟରେ ସ୍କୁଟି ଧରିଛିଡ଼ା ହୋଇଥିବା କାଦୁଅ ଖସି ପଳାଇବାକୁ ଉଦ୍ୟମ କରିଥିଲା। କିନ୍ତୁ ପୁଲିସ୍ ତାକୁ କାବୁ କରିନେଇଥିଲା। ତଲାସି ବେଳେ ତା' ପାଖରୁ ୭.୬୫ ଏମ୍ଏମ୍‌ର ଗୋଟିଏ ପିସ୍ତଲ ସହ ୫ରାଉଣ୍ଡ ଗୁଳି ମିଳିଥିଲା। ପରେ ତାକୁ ଥାନାକୁ ଆଣି ପଚରାଉଚରା କରିବାରୁ କଟକ ସହରରେ ଚାଲିଥିବା ବନ୍ଧୁକ କାରବାର ରାକେଟ ସମ୍ପର୍କରେ ପୁଲିସ୍‌କୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଥିଲା।

ଅଭିଯୁକ୍ତ କାଦୁଅ ବିହାରର ମୁଙ୍ଗେର୍‌ରୁ ଲୁଚାଛପାରେ ବନ୍ଧୁକ ଆଣି ବିଭିନ୍ନ ଅପରାଧିକ ଗୋଷ୍ଠୀକୁ ଯୋଗାଉଥିଲା। ଖାଲି କଟକ ନୁହେଁ, ଜିଲ୍ଲା ବାହାରର ବହୁ ଅପରାଧୀ ତା'ର ଗ୍ରାହକ ଥିଲେ। କିଛି ଦିନ ତଳେ କାଦୁଅ ମୁଙ୍ଗେରରୁ ୬ଟି ବନ୍ଧୁକ ଆଣିଥିଲା। ସେଥିରୁ ୫ଟି ବନ୍ଧୁକକୁ ସେ ଯୋବ୍ରା ଅଞ୍ଚଳର ଦୁର୍ଦ୍ଦାନ୍ତ ବିଜୟ ରାଓ ସମେତ ୫ଜଣଙ୍କୁ ବିକିଥିଲା। ଆଉ ଗୋଟିଏ ବନ୍ଧୁକ ଅନ୍ୟଜଣଙ୍କୁ ହସ୍ତାନ୍ତର କରିବାକୁ ଆସିଥିଲା ବେଳେ ପୁଲିସ ତାକୁ କାବୁ କରିଥିଲା। ତା' ସୂଚନା ଆଧାରରେ ପୁଲିସ୍ ରାତିତମାମ ଯୋବ୍ରାର ବିଭିନ୍ନ ସାହିରେ ଚଢ଼ଉ କରି ବିଜୟ ଓ ତା'ର ସହଯୋଗୀ ରାଜା, ହାପି, ବିଦୁ ଓ ତପୁକୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ଆଉ ୪ଟି ୭.୬୫ ଏମଏମ୍ ପିସ୍ତଲ ଓ କିଛି ଗୁଳି ଜବତ କରିଥିଲା। ମୋଟ ୬ଟି ବନ୍ଧୁକରୁ ୫ଟି ଜବତ ହୋଇଥିଲା ବେଳେ ଏବେ ବି ଗୋଟିଏ ପୁଲିସ ଜବତ କରିପାରିନାହିଁ।



ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ। ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଂଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି। କିଛି ଦିନ ହେବ, ସେ ସହଯୋଗୀଙ୍କୁ ଧରି ଏକ ଗ୍ୟାଙ୍ଗ ଗଢ଼ିଥିଲା। ଆଗକୁ ପାର୍ବଣ ସମୟରେ ଡକାୟତି ଉଦ୍ଦେଶ୍ୟରେ ପିସ୍ତଲ ଓ ଗୁଳି କାଦୁଅ ମାଧ୍ୟମରେ ଆମଦାନୀ କରିଥିବା ତଦନ୍ତରୁ ଜଣାପଡ଼ିଛି। ସେହିପରି କାଦୁଅ ନାଁରେ ମାଲଗୋଦାମ ଥାନାରେ ୩ଟି ଓ ମର୍କତନଗର ଥାନାରେ ଗୋଟିଏ ମାମଲା ରହିଛି। ଅଭିଯୁକ୍ତ ରାଜା ଓ ବିଦୁ ନାଁରେ ଚାଉଳିଆଗଞ୍ଜ, ମାଲଗୋଦାମ ଥାନାରେ ୪ଟି ମାମଲା ରହିଛି। ପୁଲିସ ନନ୍ଦ ଗ୍ୟାଙ୍ଗର ଅନ୍ୟ ସହଯୋଗୀଙ୍କ ସହ କାଦୁଅ ଲିଙ୍କରେ ବନ୍ଧୁକ କିଣିଥିବା ଅପରାଧୀଙ୍କ ତଥ୍ୟ ସଂଗ୍ରହ କରୁଛି। ଏହି ମାମଲାରେ ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିବ ବୋଲି ପୁଲିସ୍ କହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଡିସିପି ଋଷିକେଶ ଖିଲାରୀ ଦ୍ୟାନଦେଓ ଓ ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ପ୍ରମୁଖ ଏହି ସୂଚନା ଦେଇଥିଲେ।

## ସବୁରି ମୂଳରେ ବିହାରୀ ଦାଦା

ଭୁବନେଶ୍ୱର, ୨୬।୭ (ସମିସ): କଟକରୁ ଠାବ ବନ୍ଧୁକ କାରବାର ରାକେଟ୍ ପଛରେ ଜଣେ ବିହାରୀ ଦାଦାଙ୍କ ହାତ ରହିଛି। ସେ ମୁଙ୍ଗେର୍‌ରେ ବସି ପୂରା ରାକେଟ୍ ଚଳାଉଛି। ଆଜି ଗିରଫ ଦେବଦତ୍ତ ସିଂହ ବେହେରା ଓରଫ୍ କାଦୁଅକୁ ପୁଲିସ୍ ପଚରାପଚରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଏହି ବିହାରୀ ଦାଦା ୭ଟି ରାଜ୍ୟକୁ ବନ୍ଧୁକ ଚାଲାଣ କରୁଛି। ଓଡ଼ିଶା ପାଇଁ ସେ ୩ଜଣଙ୍କୁ ଦାୟିତ୍ୱ ଦେଇଥିଲା।

### କାଦୁଅକୁ ରିମାଣ୍ଡରେ ନେବ ଏସ୍‌ଟିଏଫ୍

ଗ୍ୟାଙ୍ଗଷ୍ଟର୍ ଅସଲାମ, ଦିଲ୍ଲୀପ ଏବଂ କାଦୁଅ ତା'ର ଏହି ବେଆଇନ କାରବାର ବୁଝୁଥିଲେ। ହେଲେ, ଅସଲାମ ଓ ଦିଲ୍ଲୀପ ଗିରଫ ହେବା ପରେ କାଦୁଅ ଏକା ଏହି କାରବାର କାନ୍ଧେଇଥିଲା। ତେଣୁ, ତା'ଠାରୁ ଅଧିକ ତଥ୍ୟ ଓଗାଳିବାକୁ ଏସ୍‌ଟିଏଫ୍ ତାକୁ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି। ବିଶେଷକରି କିଏ ସେ ବିହାରୀ ଦାଦା ଏବଂ ପୂରା ନେଟ୍‌ୱାର୍କ ସେ କେମିତି ଚଳାଉଛି, ତାହା ଜାଣିବା ପାଇଁ ଏସ୍‌ଟିଏଫ୍ ଦେବଦତ୍ତକୁ ଜେରା କରିବ ବୋଲି କୁହାଯାଉଛି।

ରାଜ୍ୟରେ କୃଷକଙ୍କ ଆୟ ଦ୍ୱିଗୁଣ ବୃଦ୍ଧି ନେଇ ପ୍ରଶ୍ନ କଲେ ମାନସ

# ଦେଶର କୃଷି ପରିବାର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ଅଧା

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ କୃଷକଙ୍କ ଆୟ ଏବଂ ଏଥିରେ କେନ୍ଦ୍ରର ଭୂମିକା ନେଇ ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ପ୍ରଶ୍ନକୁ ଚତୁରତାର ସହ ଏଡ଼ାଇ ଯାଇଛନ୍ତି କେନ୍ଦ୍ର ସରକାର। ଓଡ଼ିଶାରେ କୃଷକଙ୍କ ଆୟ ଦ୍ୱିଗୁଣିତ ନେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଛି କି ବୋଲି ରାଜ୍ୟସଭାରେ ସାଂସଦ ଶ୍ରୀ ମଙ୍ଗରାଜ ଏକ ଅଣତାରକା ପ୍ରଶ୍ନ କରିଥିବା ବେଳେ କେନ୍ଦ୍ର ସରକାର ଏନେଇ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ଓଡ଼ିଶାର କୃଷକଙ୍କ ଆୟ ବାବଦରେ ସୂଚନା ଦେବା ପରିବର୍ତ୍ତେ ଦେଶର କୃଷି ପରିବାରର ଆୟ ବୃଦ୍ଧି ନେଇ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ରାମନାଥ ଠାକୁର ଉତ୍ତର ରଖିଛନ୍ତି।

ଶ୍ରୀ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଠାକୁର କହିଛନ୍ତି ଯେ ରାଷ୍ଟ୍ରୀୟନମୂନା ସର୍ବେକ୍ଷଣ କାର୍ଯ୍ୟାଳୟ(ଏନଏସଏସଓ)ର ଗତ ୨୦୧୯ ମସିହା ଜାନୁଆରୀରୁ ଡିସେମ୍ବର ମାସ ଯାଏଁ ଏକ ସର୍ଭେ କରିଥିଲା। ଏହି ସର୍ଭେରେ କୃଷି ପରିବାରଙ୍କ ସ୍ଥିତି ଆକଳନ କରାଯାଇଥିଲା। ଏହି ସର୍ବେକ୍ଷଣ ଅନୁଯାୟୀ ୨୦୧୨-୧୩ରେ ଦେଶରେ ପ୍ରତି କୃଷି ପରିବାରର ମାସିକ ଆୟ ୬୪୨୬ ଟଙ୍କାରୁ ବଢ଼ି ୨୦୧୮-୧୯ରେ ୧୦୨୧୮ ଟଙ୍କାରେ ପହଞ୍ଚିଛି। ସମାନ ଅବଧି ସମୟରେ ଓଡ଼ିଶାର ପ୍ରତି କୃଷକଙ୍କ ପରିବାର ଆୟ ବୃଦ୍ଧି ପାଇ ୫୧୧୨ ଟଙ୍କା ରହିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। ମାତ୍ର ୨୦୧୨-୧୩ରେ ଓଡ଼ିଶାର ପ୍ରତି କୃଷି ପରିବାରର ମାସିକ ଆୟ କେତେ ଥିଲା ସେନେଇ ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିନାହାନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ ୨୦୧୮-୧୯ ମସିହାରେ ଦେଶରେ କୃଷି ପରିବାରର ଆୟ ତୁଳନାରେ ଓଡ଼ିଶାର କୃଷି ପରିବାରର ଆୟ ୫୦୧୬ ଟଙ୍କା କମ୍ ଥିବା ଜଣାପଡ଼ିଛି। ସମାନ ଭାବେ ଶ୍ରୀ ମଙ୍ଗରାଜ ଓଡ଼ିଶାର କୃଷକଙ୍କ ଆୟ ବୃଦ୍ଧି ପାଇଁ କେଉଁ ପଦକ୍ଷେପ ନିଆଯାଇଚି ପ୍ରଶ୍ନ କରିଥିଲେ ହେଁ କେନ୍ଦ୍ର ସରକାର ଏନେଇ କୌଣସି ସ୍ପଷ୍ଟ ଉତ୍ତର ରଖିନାହାନ୍ତି। ବରଂ ଦେଶରେ କୃଷକଙ୍କ ଆୟ ବୃଦ୍ଧି ପାଇଁ ଫସଲ ଓ ପଶୁଧନ ଉତ୍ପାଦକତା ବୃଦ୍ଧି, ଫସଲ ସଘନତା ବୃଦ୍ଧି, ଉଚ୍ଚ ମୂଲ୍ୟ ଯୁକ୍ତ କୃଷିରେ ବିବିଧକରଣ, କୃଷକଙ୍କ ଉତ୍ପାଦିତ ଶସ୍ୟର ଲାଭକାରୀ ମୂଲ୍ୟ ପ୍ରଦାନ ପରି ପଦକ୍ଷେପ କେନ୍ଦ୍ର ସରକାର ନେଇଥିବା ମନ୍ତ୍ରୀ ଶ୍ରୀ ଠାକୁର ଉତ୍ତର ରଖିଛନ୍ତି। ଅପରପକ୍ଷେ ରାଜ୍ୟରେ ଡିଜିଟାଲ କୃଷିକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ମନ୍ତ୍ରୀ ନିଜ ଉତ୍ତରରେ ଉଲ୍ଲେଖ କରିଛନ୍ତି। କୃଷକ ଓଡ଼ିଶା, ଏଗ୍ରିଷ୍ଟେକ ମିଶନ, ଗୋ-ସୁଗମ, ସଫଳ, ଏଡିଏପିଟି, କୃଷି ସମୀକ୍ଷା କେନ୍ଦ୍ର ପରି ଯୋଜନା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଠାକୁର ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଉପରୋକ୍ତ ନୀତି ଗୁଡ଼ିକ ପ୍ରାୟତଃ ପୂର୍ବ ବିଜେଡି ସରକାର ସମୟରେ ଲାଗୁ ହୋଇଥିଲା।

# ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମୁହାଁମୁହିଁ; ୩ ମୃତ

ଗଣିଆ/ଦଶପଲ୍ଲା,୨୬।୭(ସମିସ): ଏକ ବାଇକ୍‌କୁ ରକ୍ଷା କରିବାକୁ ଯାଇ ଦୁଇ ଟ୍ରକ୍ ମଧ୍ୟରେ ମୁହଁମୁହିଁ ଧକ୍କା ହେବାରୁ ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ଼ ଜିଲ୍ଲା ଦଶପଲ୍ଲା ଟାକରା ନିକଟରେ ଆଜି ସଂଧ୍ୟାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ସେହିପରି, ଏହି ଅଘଟଣରେ ଆଉ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଟ୍ରକ୍ ଚାଳକ ଦୀପକ ଚୌହ୍ୱାନ, ଆପଲା ନାଇଡୁ। ଅନ୍ୟ ଜଣେ ମୃତକଙ୍କ ପରିଚୟ ମିଳିପାରିନାହିଁ। ଦଶପଲ୍ଲା ପୁଲିସ ଘଟଣାସ୍ଥଳରୁ ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଆଜି ସଂଧ୍ୟାରେ ରାୟଗଡ଼ାରୁ ଗୋଟିଏ ମାଲବୋଝେଇ ଟ୍ରକ୍ ଆସୁଥିବା ବେଳେ ଅନ୍ୟ ଟ୍ରକ୍‌ଟି ବିପରୀତ ଦିଗରେ ଆନ୍ଧ୍ରପ୍ରଦେଶରୁ ଆସିଥିଲା। ଦଶପଲ୍ଲା ଟାକରା ନିକଟରେ ଏକ ବାଇକ୍ ଟ୍ରକ୍ ଆଗରେ ଅତି ବେପରୁଆ ଭାବେ ଅତିକ୍ରମ କରିବାରୁ ଗୋଟିଏ ଟ୍ରକ୍ ଆରପଟେ ଆସୁଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ଏଥିରେ ଟ୍ରକ୍ ଚାଳକ ଦୀପକ ଚୌହ୍ୱାନ ଓ ଅନ୍ୟ ଏକ ଟ୍ରକ୍‌ରେ ଥିବା ଆପଲା ଓ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଟ୍ରକ୍‌ଦ୍ୱୟରେ ଥିବା ଅନ୍ୟ ୨ଜଣ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇବା ସହ ଯାତାୟାତରେ ବାଧକ ସୃଷ୍ଟି ହୋଇଥିଲା।



# ଦେବଝରଣରେ ବୁଡ଼ି ଭିମ୍‌ସାର ଛାତ୍ରଛାତ୍ରୀ ମୃତ

ସମ୍ବଲପୁର, ୨୬।୭ (ସମିସ): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଦେବଝରଣଠାରେ ଆଜି ଏକ ଅଘଟଣ ଘଟିଛି। ବୁର୍ଲା ଭିମସାରର ୬ ଜଣ ଡାକ୍ତରୀ ଛାତ୍ରଛାତ୍ରୀ ଦେବଝରଣ ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ଗାଧୋଇବା ସମୟରେ ଦୁଇଜଣ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଡାକ୍ତରୀ ଶେଷବର୍ଷ ଛାତ୍ରଛାତ୍ରୀ ସନ୍ଦୀପ ପୁରୀ (୨୪) ଓ ମୋନିକା ମୀନା (୨୪)। ଛାତ୍ରଛାତ୍ରୀଦ୍ୱୟଙ୍କ ଘର ରାଜସ୍ଥାନ ଓ ଦିଲ୍ଲୀରେ ବୋଲି ସୂଚନା ମିଳିଛି। ଲଗାଣ ବର୍ଷା ଯୋଗୁଁ ଜଳପ୍ରପାତର ଜଳସ୍ରୋତ ଅଧିକ ଥିଲା। ସେମାନେ ବାହାରି ନପାରି ପାଣିରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ଅଗ୍ନିଶମ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଭିମସାରର ଅଧୀକ୍ଷକ ଡା. ଲାଲମୋହନ ନାୟକ ଓ ଡିନ୍ ଡା. ପ୍ରଦୀପ ମହାନ୍ତିଙ୍କ ସହ ଏକ ଡାକ୍ତରୀ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଛନ୍ତି। ଘଟଣାସ୍ଥଳରେ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର ତଥା ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି।



ପ୍ରତିବର୍ଷ ବୁର୍ଲାର ଭିମସାର, ଭିସୁଟ୍ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନର ଜଣେ ଦୁଇଜଣ ଲେଖାଏଁ ଛାତ୍ରଛାତ୍ରୀ ଅଘଟଣରେ ପ୍ରାଣ ହରାଉଛନ୍ତି। ଏପରିକି, ଜଳାଶୟ ପାଖକୁ ନଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲେ ହେଁ ହଷ୍ଟେଲର ଛାତ୍ରଛାତ୍ରୀମାନେ ବାହାରକୁ ଯିବା ଏବଂ ପ୍ରାଣ ହରାଇବା ପାଇଁ ଦାୟୀ କିଏ ହେବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

# ପ୍ରତିଭା ରାୟଙ୍କୁ ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ ସମ୍ମାନ

ଭୁବନେଶ୍ୱର,୨୬।୭(ସମିସ): ଅଟଳ ଯୁବଶକ୍ତି ପକ୍ଷରୁ ଶନିବାର ସ୍ଥାନୀୟ ଜୟଦେବ ଭବନଠାରେ ପ୍ରଖ୍ୟାତ ସାରସ୍ୱତ ସାଧିକା ତଥା ଜ୍ଞାନପୀଠ ବିଜେତା ପ୍ରତିଭା ରାୟଙ୍କୁ 'ଅଟଳ ଶ୍ରେଷ୍ଠ ଓଡ଼ିଆ ରତ୍ନ' ସମ୍ମାନ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଯେତେବେଳେ ବି ଅଟଳ ବିହାରୀ ବାଜପେୟୀଙ୍କ କଥା ଆଲୋଚନା ହେବ, 'ପୋଖରାନ ପରମାଣୁ ପରୀକ୍ଷଣ' ଏବଂ 'କାର୍ଗିଲ ବିଜୟ' କଥା ସର୍ବାଗ୍ରେ ଆସିବ। ଅଟଳଜୀ କେବଳ ଜଣେ ରାଜନେତା ନୁହେଁ, ସେ ଜନମାନସର ହୃଦୟରେ ଥିବା ଏକ ଅଭିନ୍ନ ଅନୁଭୂତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଅଟଳଜୀଙ୍କ ଓଡ଼ିଶା ପ୍ରତି ପ୍ରଗାଢ ଭଲପାଇବା ଥିଲା। ସେ ଅନେକ ସମୟରେ ଓଡ଼ିଶା ପାଇଁ ରାସ୍ତା, ରେଳପଥ, ଶିକ୍ଷା, ଔଦ୍ୟୋଗିକ ରୂପାନ୍ତରଣ ଆଦି ରେ ଏକ ନୂଆ ଯୁଗର ଆରମ୍ଭ କରିଥିଲେ। ସେହି ଯୁଗପୁରୁଷଙ୍କ ସ୍ମରଣରେ ଏହି ସ୍ମରଣିକା 'ଯୁଗଜନ୍ମା ଅଟଳ' ଦ୍ୱାରା ଅଟଳଜୀଙ୍କ ଜୀବନ, ଚିନ୍ତାଧାରା, ସଂସ୍କୃତି, ଦୃଷ୍ଟିକୋଣ, ତାଙ୍କ ଦୃଢ଼ ପଦକ୍ଷେପ ଓ ଦେଶପ୍ରେମ ଉପରେ ଆଧାରିତ ଗୁରୁତ୍ୱପୂର୍ଣ୍ଣ ଲେଖାମାନେ ସଂପ୍ରେକ୍ଷଣ କରିବାକୁ ଚେଷ୍ଟା କରାଯାଇଛି। ଏହା କେବଳ ସ୍ମୃତି ନୁହଁ, ଏହା ଏକ ଦିଗଦର୍ଶନ- ଏକ ଅଟଳ ମାର୍ଗ ଯାହା ଆସନ୍ତା ପିଢିଙ୍କୁ ଅନୁପ୍ରେରଣା ଦେବ। ଏହି ଅବସରରେ ଓଡ଼ିଶାର ଅନେକ କ୍ଷେତ୍ରରେ ନିଜ ପ୍ରତିଭା ଦ୍ୱାରା ଦେଶ ଓ ରାଜ୍ୟକୁ ଗର୍ବିତ କରୁଥିବା ବ୍ୟକ୍ତିମାନଙ୍କୁ 'ଅଟଳ ସମ୍ମାନ ୨୦୨୫' ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ। ସମାଜସେବୀ ତଥା ରାଜନେତା ସମୀର ମହାନ୍ତିଙ୍କୁ ଅଟଳ ମିତ୍ର ରତ୍ନ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଦେବପ୍ରସାଦ ଦାଶଙ୍କୁ ଅଟଳ ସାହିତ୍ୟ ରତ୍ନ, ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଅଟଳ ଖେଳ ରତ୍ନ ସମ୍ମାନ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ଅଟଳ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ଜେଲ୍ ଗଲେ କୁବେର ଡେପୁଟୀ ରେଞ୍ଜର୍

ଜୟପୁର/ଭୁବନେଶ୍ୱର,୨୬।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟପୁର ବନଖଣ୍ଡର ଡେପୁଟି ରେଞ୍ଜର ରାମଚନ୍ଦ୍ର ନେପାକଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶ୍ରୀ ନେପାକ ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତିର ମାଲିକ ବୋଲି ଭିଜିଲାନ୍ସ କହିଛି।

ସୂଚନାନୁଯାୟୀ, ଶୁକ୍ରବାର ଡେପୁଟି ରେଞ୍ଜର୍ ଶ୍ରୀ ନେପାକଙ୍କ ଜୟପୁର ଓ ଭୁବନେଶ୍ୱରର ୬ଟି ଠିକଣାରେ ଚଢ଼ଉ କରିଥିଲା ଭିଜିଲାନ୍ସ ଟିମ୍। ଜୟପୁର ଏନ୍‌କେଟି ରୋଡ୍‌ରେ ଥିବା ୪୦୦୦ ବର୍ଗଫୁଟର ୩ ମହଲା କୋଠା ଓ ଜୟପୁର ଗୋଲଡେନ୍ ହାଇଟ୍ସ ଆପାର୍ଟମେଣ୍ଟରେ ଚଢ଼ଉ ବେଳେ ତାଙ୍କ ସଂପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ

- ଆୟଠାରୁ ୫୦୧ ପ୍ରତିଶତ ଅଧିକ ସଂପତ୍ତି

ଜଳକା ହୋଇଯାଇଥିଲେ। ଆପାର୍ଟମେଣ୍ଟର ୫୧୦ ନଂ ରୁମରୁ ଭିଜିଲାନ୍ସକୁ ଏକ ଗୁପ୍ତ ଟ୍ରେଜେରୀ ମିଳିଥିଲା। ସେଥିରେ ୧.୪୩ କୋଟି ନଗଦ ଟଙ୍କା ରହିଥିଲା। ପୁଳାପୁଳା ଟଙ୍କାବିଡ଼ା ସହିତ ୪ଟି ସୁନା ବିସ୍କୁଟ, ୧୦ ଗ୍ରାମ୍ ଓଜନର ୧୬ଟି ସୁନା କଏନ୍,



ସୁନା ହାର, ଚୁଡ଼ି, ମାଳି, ମଙ୍ଗଳସୂତ୍ର ଭଳି ବହୁ ଦାମୀ ଅଳଙ୍କାର ସାମଗ୍ରୀ ମିଳିଥିଲା। ଏହାବ୍ୟତୀତ ଜୟପୁର ସହରାଞ୍ଚଳରେ ୨ଟି ମୂଲ୍ୟବାନ ଜମି, ଭୁବନେଶ୍ୱର ପଟିଆ ରଘୁନାଥପୁରରେ ୧୮୦୦ ବର୍ଗଫୁଟର ୩ ବିଏଚ୍‌କେ ଫ୍ଲାଟ୍ ତାଙ୍କ ନାମରେ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା।

- ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ

# ପ୍ରଫେସର୍‌ଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ

ବାଲେଶ୍ୱର,୨୬।୭(ସମିସ): ବାଲେଶ୍ୱରରୁ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ ପ୍ରଫେସର୍‌ଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ଏସଂପର୍କରେ ରେମୁଣା ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ଜଣେ ଯୁବକକୁ ଗିରଫ କରିଛି। ସେ ହେଲା, ନୀଳଗିରି ଥାନା ଅନ୍ତର୍ଗତ ମର୍ଦ୍ଦରାଜପୁର ଅଞ୍ଚଳର ହରିହର ପାତ୍ର ଓରଫ୍ ଶଙ୍କର। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ପରିସରରେ ଶଙ୍କର ଜଣେ ଶ୍ରମିକ ଭାବେ କାର୍ଯ୍ୟରତ। ପ୍ରଫେସର୍‌ଙ୍କ ପତ୍ନୀ ଉପରେ ତା'ର ଖରାପ ନଜର ରହିଥିଲା। ବିଶ୍ୱବିଦ୍ୟାଳୟ ପରିସରରେ କାମ କରିବା ବେଳେ ସେ ମହିଳା ଓ ତାଙ୍କ ପରିବାର ଉପରେ ନଜର ରଖିଥିଲା। ଆଜି ସଂଧ୍ୟାରେ ପ୍ରଫେସର୍‌ଙ୍କ ଘରେ ତାଙ୍କ ପତ୍ନୀ ଏକୁଟିଆ ଥିବା ସୁଯୋଗ ନେଇ ଶଙ୍କର ତାଙ୍କ ଘରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିଲା। କିନ୍ତୁ ମହିଳାଜଣଙ୍କ ତାକୁ ବାଧା ଦେବା ସହ ଚିତ୍କାର କରିବାରୁ ସେ ସେଠାରୁ ପଳାଇଥିଲା। ପରେ ମହିଳାଜଣଙ୍କ ନିଜ ସ୍ୱାମୀଙ୍କୁ ସବୁ ଘଟଣା ଜଣାଇବା ପରେ ଏନେଇ ରେମୁଣା ଥାନାରେ ଏତଲା ହୋଇଥିଲା।

ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଭଳି ଘଟଣା ବଢ଼ି ଚାଲିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରି ଏକ ନାମକରା ଶିକ୍ଷାନୁଷ୍ଠାନ ପରିସରରେ ପ୍ରଫେସର୍‌ଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯିବା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

# ବର୍ଷିଲେ ଅରୁଣ ମୌସୁମୀ ଅଧିବେଶନ ଡାକିବାକୁ ସରକାରଙ୍କ ସାହସ ପାଉନି

ଭୁବନେଶ୍ୱର,୨୬।୭(ସମିସ): ବିଧାନସଭା ମୌସୁମୀ ଅଧିବେଶନ ଡାକିବାରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ନେଇ ଆଜି ପ୍ରବଳ ବର୍ଷିଛନ୍ତି ବିଜେଡିର ବରିଷ୍ଠ ବିଧାୟକ ଡ.ଅରୁଣ କୁମାର ସାହୁ। ଗତ କିଛି ମାସ ଭିତରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କ ଗଣଦୁଷ୍କର୍ମଠାରୁ ଆରମ୍ଭ କରି ବଳଙ୍ଗା ଘଟଣା ଯାଏ; ରାଜ୍ୟ ସରକାର ଜାତୀୟସ୍ତରରେ ନିନ୍ଦିତ ହୋଇଛନ୍ତି। ପ୍ରତିଦିନ ମହିଳାଙ୍କ ବିରୋଧରେ ଅତ୍ୟାଚାର, ଏବଂ ଦୁଷ୍କର୍ମ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ଲଜ୍ଜିତ କରିଛି। ସାରା ବିଶ୍ୱରେ ଓଡ଼ିଆ ଅସ୍ମିତା ବର୍ତ୍ତମାନ କ୍ଷତବିକ୍ଷତ ହୋଇଛି। ସେଥିପାଇଁ ବିଧାନସଭା ଅଧିବେଶନ ଡାକିବାକୁ ସରକାରଙ୍କ ସାହସ ପାଉନାହିଁ। ବିଧାନସଭା ଡକାଯାଉ। ସରକାରଙ୍କ ଆସ୍ଥା, ଅନାସ୍ଥା, ଅବସ୍ଥା ଓ ବ୍ୟବସ୍ଥା ସବୁ କିଛି ବିଧାନସଭାରେ ଆଲୋଚନା କରାଯିବ। ଏଥିପାଇଁ ବିଜେଡି ପୂରା ପ୍ରସ୍ତୁତ ବୋଲି ଡ. ସାହୁ କହିଛନ୍ତି।

ଗଣମାଧ୍ୟମକୁ ଡ. ସାହୁ କହିଛନ୍ତି ଯେ ବିଜେପି ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯେଉଁ ଚ୍ୟାଲେଞ୍ଜ ଦେଉଛନ୍ତି, ସେନେଇ ମୁଁ ତାଙ୍କୁ କିଛି କହିବାକୁ ଚାହୁଁଛି। ସେମାନେ ପ୍ରଥମେ ବିଧାନସଭା ଅଧିବେଶନ ଡାକନ୍ତୁ। ସେଠାରେ ଆମେ ଦେଖାଦେଖି ହେବା। ମୌସୁମୀ ଅଧିବେଶନ ଅଗଷ୍ଟ ପ୍ରଥମ ସପ୍ତାହରେ ବସିଥାଏ। ମାତ୍ର ଚଳିତଥର ରାଜ୍ୟ ସରକାର ଏଯାବତ୍ ଅଧିବେଶନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ କରିନାହାନ୍ତି। ସେମାନେ ସେପ୍ଟେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଏହି ଅଧିବେଶନ ଡାକିବାକୁ ଯୋଜନା କରୁଥିବାର ଖବର ମିଳୁଛି। ଏହାର କାରଣ ସମ୍ପର୍କରେ ମୁଁ ଅନୁଧ୍ୟାନ କରିବା ପରେ ଏକାଧିକ କାରଣ ଖୋଜି ପାଇଛି। ଗୋପାଳପୁରରେ ଛାତ୍ରୀ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ଆତ୍ମାହୁତି, ବଳଙ୍ଗା ଘଟଣା ସହ ରାଜ୍ୟବ୍ୟାପୀ ଦୈନିକ ମହିଳା ବିରୋଧୀ ଅତ୍ୟାଚାର ଏବଂ ଦୁଷ୍କର୍ମ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ଲଜ୍ଜିତ କରିଛି। ସାରା ବିଶ୍ୱରେ ଓଡ଼ିଆ ଅସ୍ମିତା ବର୍ତ୍ତମାନ କ୍ଷତବିକ୍ଷତ ହୋଇଛି। ସେଥିପାଇଁ ବିଧାନସଭା ଅଧିବେଶନ ଡାକିବାକୁ ସରକାରଙ୍କ ସାହସ ପାଉନାହିଁ। ଏମାନଙ୍କର ସମ୍ବିଧାନ ପ୍ରତି ସମ୍ମାନ ନାହିଁ କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସମ୍ମାନ ଦେଖାଇବାକୁ ଏମାନେ ଇଚ୍ଛୁକ ନୁହନ୍ତି। ଏମାନଙ୍କର ବର୍ଷ ଏକ ବିଫଳତା ଅନେକ। ସେହି ଡରରେ ଏମାନେ ବିଧାନସଭା ଡାକୁନାହାନ୍ତି ବୋଲି ଡ. ସାହୁ କହିଛନ୍ତି।

**ଅଧିବେଶନରେ ସରକାରଙ୍କ ଆସ୍ଥା, ଅନାସ୍ଥା, ଅବସ୍ଥା ଓ ବ୍ୟବସ୍ଥା ବିଷୟରେ ଆଲୋଚନା ପାଇଁ ବିଜେଡି ପ୍ରସ୍ତୁତ**

# ରାଜ୍ୟରେ କମୁନି ଡାଇରିଆ ଆତଙ୍କ

- ସଂକ୍ରମଣ ଉତ୍ସ ପାଉନି ସ୍ୱାସ୍ଥ୍ୟ ବିଭାଗ
- ଚିନ୍ତା ବଢ଼ାଉଛି ଗଞ୍ଜାମ, ନୂଆପଡ଼ା

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ଡାଇରିଆ ଆତଙ୍କ ଥମିବାର ନାଁ ଧରୁନି। ଗୋଟିଏ ଜିଲ୍ଲାରେ ସ୍ଥିତି ସୁଧୁରିବାବେଳକୁ ଆଉ ଗୋଟେ ଜିଲ୍ଲାରେ ପରିସ୍ଥିତି ଅଣାୟତ୍ତ ହୋଇଯାଉଛି। ଝାଡ଼ାବାନ୍ତି ବ୍ୟାପିବାର ଉତ୍ସକୁ ବି ସ୍ୱାସ୍ଥ୍ୟ ବିଭାଗ ଚିହ୍ନଟ କରିପାରୁନି। ପ୍ରଥମେ ଯାଜପୁରରେ କଲେରା ଭୂତାଣୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ଖାଦ୍ୟରେ ବିଷକ୍ରିୟା ନା ଡାଇରିଆ ବ୍ୟାପିଛୁ, ତାକୁ ଚହ୍ନଟ କରିବା କାଠିକାର ପାଠ ହୋଇଗଲାଣି। ଜଳ ଉତ୍ସ ସଫା ରଖିବା ସହ ନିୟମିତ ବ୍ୟବଧାନରେ ସଚେତନତା ଜାରି ରହିଛି। ଏହା ସତ୍ତ୍ୱେ ବି ଡାଇରିଆ ନିୟନ୍ତ୍ରଣକୁ ଆସୁନି। ବର୍ଷା ଋତୁ ଆରମ୍ଭରୁ ବ୍ୟାପିଥିବା ଏହି ସଂକ୍ରମଣ ଦିନକୁ ଦିନ ଭୟାବହ ହେବାରେ ଲାଗିଛି। ଶତାଧିକ ଲୋକେ ସଂକ୍ରମଣ ହେବା ସହ ପ୍ରାଣହାନୀ ବି ଘଟୁଛି। ତେଣୁ ଏହାର ସ୍ଥାୟୀ ପ୍ରତିକାର କରିବା ସହ ସଂକ୍ରମଣ ରୋକିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳରେ ଝାଡ଼ାବାନ୍ତି ଲାଗି ରହିଛି। ବର୍ତ୍ତମାନ ସ୍ଥିତି ସ୍ଥିର ରହିଥିବା ବେଳେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ଅନୁଧ୍ୟାନ କରୁଛନ୍ତି। ଏପଟେ ଗଜପତି ଜିଲ୍ଲାର ମୋହନାରେ ମଧ୍ୟ ଝାଡ଼ାବାନ୍ତି ବ୍ୟାପିଥିବା ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗଠନ ହୋଇଥିବା ଟିମ୍‌ର ଜଣେ ସଦସ୍ୟ ଅଛନ୍ତି। ଘଟଣାସ୍ଥଳରେ କ'ଣ ପରିସ୍ଥିତି ରହିଛି, ସାଧାରଣ ଭାବେ ରୋଗର ଉତ୍ସ କ'ଣ ରହିଛି, ସେନେଇ ଏକ ସମ୍ପୂର୍ଣ୍ଣ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଅନୁରୂପ ଅବସ୍ଥା ନୂଆପଡ଼ା ଜିଲ୍ଲାରେ ସଂକ୍ରମଣ ବ୍ୟାପିଥିବାବେଳେ ବଲାଙ୍ଗିର ମେଡିକାଲ କଲେଜର ଜଣେ ପ୍ରଫେସର ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ନୂଆପଡ଼ା ଯାଇଛନ୍ତି। ଏଠାରେ ଆକ୍ରାନ୍ତ ରୋଗୀମାନେ ସୁସ୍ଥ ହୋଇ ଘରକୁ ଫେରିଥିଲେ ହେଁ ସଂକ୍ରମଣ ବ୍ୟାପିବାର କାରଣ ଖୋଜା ଚାଲିଛି। ପାଣି ଓ ମଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇଛି।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଆଶ୍ରମ ସ୍କୁଲରେ ବି ସମାନ ସ୍ଥିତି ଦେଖାଦେଇଛି। ମୟୂରଭଞ୍ଜ ସିଡିଏମ୍‌ଓଙ୍କ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଡାଇରିଆର ଭୟାବହତାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ତେଣୁ ଏବେ ବ୍ୟାପୁଥିବା ଡାଇରିଆର ଉତ୍ସକୁ ଖୋଜିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ବିଭାଗୱାରୀ ବୈଠକ କରୁଛୁ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହ ମିଶି ଜଳ ଉତ୍ସ ସଫା କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଅଧିକାରୀ, ଅଙ୍ଗନବାଡି ଦିଦି, ଆଶାକର୍ମୀ ତୃଣମୂଳସ୍ତରରେ ଲୋକଙ୍କୁ ସଚେତନ କରୁଛନ୍ତି। ଏହାସତ୍ତ୍ୱେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ଦୃଢ଼ତାର ସହ ତା'ର ନିରୀକ୍ଷଣ କରାଯାଉଛି। ସଂକ୍ରମଣ ବ୍ୟାପୁଥିବା ସ୍ଥାନଗୁଡ଼ିକରୁ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ବାସ୍ତବରେ କେଉଁ କାରଣ ପାଇଁ ସଂକ୍ରମଣ ବ୍ୟାପୁଛି, ତା' ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ସକାଳ THE SAKALA



## ଚାଷୀଙ୍କ ମନରୁ ଲିଭିନି ରବି ଧାନ ସଂଗ୍ରହ କେଳେଙ୍କାରୀ

# ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ ଜଟିଳ ଅବସ୍ଥା

ବ୍ରହ୍ମଗିରି,୨୬।୭ (ସମିସ)

ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଗତ ୧୯ ତାରିଖରୁ ଆରମ୍ଭ ହୋଇଛି। ଚାଷୀମାନେ ପଞ୍ଜୀକରଣ ପାଇଁ ବ୍ରହ୍ମଗିରି ବ୍ଲକ୍‌ରେ ବିଭିନ୍ନ ସେବା ସମବାୟ ସମିତିକୁ ଦୀର୍ଘ ୭ ଦିନ ଧରି ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ୭ ଦିନ ହେଲା ସାଇଟ୍ ଖୋଲୁନି କହି ସମ୍ପାଦକ ଫେରାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଣେ ସରକାର ପଞ୍ଜୀକରଣ ସରଳୀକରଣ କରିଛନ୍ତି ବୋଲି ଡେଙ୍ଗୁରା ପିଟୁଛନ୍ତି। ବର୍ତ୍ତମାନ ସରଳୀକରଣ ପରିବର୍ତ୍ତେ ଏହାକୁ ଜଟିଳକରଣ କରାଯାଉଛି ବୋଲି ଚାଷୀ ହୃଦ୍‌ବୋଧ କରୁଛନ୍ତି। ବାପାଙ୍କ ମୃତ୍ୟୁ ଘଟିଥିଲେ ପଞ୍ଜୀକରଣ ବେଳେ ଡେଥ୍ ସାର୍ଟିଫିକେଟ୍ ଦେବାକୁ କହୁଛନ୍ତି। ଯାହାର ବାପାଙ୍କର ୫୦-୬୦ ବର୍ଷରୁ ମୃତ୍ୟୁ ହୋଇଛି, ସେମାନେ କେମିତି ବାପାଙ୍କ ଡେଥ୍ ସାର୍ଟିଫିକେଟ୍ ଦେଇପାରିବେ? ବାପାଙ୍କ ନାମରେ ଥିବା ଜମି ପଞ୍ଜୀକରଣ ବେଳେ ଅନ୍ୟ ଭାଇମାନେ ଯେଉଁମାନେ ଦୀର୍ଘ ଦିନ ହେଲା ଭିନ୍ନ ପରିବାର ହୋଇଗଲେଣି ସେମାନଙ୍କର ଆଧାର କାର୍ଡ ମାଗି ଦାଖଲ କରିବାକୁ କୁହାଯାଉଛି। ପାରିବାରିକ କଳହ କାରଣରୁ ଅନ୍ୟ ଭାଇମାନେ ଆଧାର କାର୍ଡ ଦେଉନାହାନ୍ତି। କିନ୍ତୁ ପଞ୍ଜୀକରଣ ବେଳେ ଏହାର ଆବଶ୍ୟକତା ନାହିଁ, କେବଳ ସରକାର ଜଟିଳ କରିବାକୁ ଏପରି ନୀତି ଅବଲମ୍ବନ କରୁଛନ୍ତି ବୋଲି ଜନମତ ପ୍ରକାଶ ପାଉଛି। ଯେଉଁ ଚାଷୀ ଯେତିକି ଜମି ଚାଷ କରୁଛି ଓ ସେହି ଜମିର ଖଜଣା ପୈଠ କରୁଛନ୍ତି, ତା'ର ଭେରିଫିକେସନ ସାର୍ଟିଫିକେଟ୍ ସ୍ଥାନୀୟ ରାଜସ୍ୱ ପରିଦର୍ଶକ ରେଜିଷ୍ଟ୍ରେସନ ଫର୍ମ ଉପରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ପଞ୍ଜୀକରଣ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି। ସେପଟେ ରବି ଧାନ ସଂଗ୍ରହ କେଳେଙ୍କାରୀ ଚାଷୀଙ୍କ ମନରୁ ଲିଭି ନ ଥିବାବେଳେ ପୁଣି ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ ଚାଷୀମାନଙ୍କ ପାଇଁ ଜଟିଳ ଅବସ୍ଥା ହୋଇପଡ଼ିଛି। ପୂର୍ବରୁ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କଲେ। ଏହାକୁ ନେଇ ଚାଷୀମାନେ ବେଶ୍ ଖୁସି ହୋଇଯାଇଥିଲେ। ଉତ୍ସାହିତ ହୋଇ ଚାଷ କରିଥିଲେ। ହେଲେ ଏବେ ବିକ୍ରି କରିବାବେଳେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଗତ ଦିନରେ ବ୍ରହ୍ମଗିରି ବ୍ଲକ୍‌ର ସମଗ୍ର ଚାଷୀକୁଳ ନିଜର ଧାନ ବିକ୍ରୟ କରିବା ପାଇଁ ରାଜରାସ୍ତାକୁ ଅବରୋଧ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କୁ ଦିଆଯାଇଥିବା ଟୋକନ୍ ଅବଧି ରହିଥିଲା। ହେଲେ ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ ନ କିଣି ପଞ୍ଜୀକରଣ ଟୋକନ୍ ବାତିଲ କରିଥିଲେ। ଜୁନ୍ ୩୦ରେ ଚାଷୀମାନଙ୍କ ଟୋକନ୍ ବାତିଲ୍ ହୋଇଥିଲା। ସେଲେ ଜୁନ୍ ୨୩ରେ ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବ୍ରହ୍ମଗିରି ବ୍ଲକ୍ ଆସିଥିଲେ। ବ୍ରହ୍ମଗିରିରେ ଘୋଷଣା କରିଥିଲେ ଯେ ଖୁର୍ଦ୍ଧାଗୁଡ଼ ବାହାର ଜିଲ୍ଲାରୁ ୧୬ଟି ମିଲର ଆସି ଧାନ ନେବେ। କିନ୍ତୁ ମନ୍ତ୍ରୀଙ୍କ ଘୋଷଣା ଘୋଷଣାରେ ହିଁ ରହିଯାଇଥିଲା। ସରକାରଙ୍କ ପକ୍ଷରୁ ପଞ୍ଜୀକରଣବେଳେ ଏସବୁ ଜଟିଳ ଅବସ୍ଥା ଦୂର କରି ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଧାନ ପଞ୍ଜୀକରଣ କାର୍ଯ୍ୟ କରିବାକୁ ବ୍ରହ୍ମଗିରି ବ୍ଲକ୍ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବସୁକେରାର ୨୬ତମ ଜ୍ଞାନ ବିଜ୍ଞାନ ମେଳା

# ୨୭୧ରୁ ୫୫ ପ୍ରକଳ୍ପ ସଂକୁଳସ୍ତରୀୟ ମେଳା ପାଇଁ ବିବେଚିତ



ସାକ୍ଷୀଗୋପାଳ,୨୬।୭ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁକେରା, ସାକ୍ଷୀଗୋପାଳର ୨୬ତମ ଜ୍ଞାନ ବିଜ୍ଞାନ ମେଳା ଶନିବାର ପୂର୍ବାହ୍ଣ ୧୦ଟାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଡାକ୍ତର ସୁଭାଶିଷ ଦାସ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ ତ୍ରିପାଠୀ, ସମ୍ପାଦକ ବାଉରିବନ୍ଧୁ ସ୍ୱାଇଁ, ସହ ସମ୍ପାଦକ ବିକାଶ ପ୍ରଧାନ, କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର, ଉପ ସଭାପତି ଶରତ ଚନ୍ଦ୍ର ନନ୍ଦ, ଅନୁଷ୍ଠାନର ବିଦ୍ୱତ ପରିଷଦ ସଭାପତି ନିରଞ୍ଜନ ମିଶ୍ର, ପ୍ରଣବ କୁମାର ମିଶ୍ର, ବିଦ୍ୱତ ପରିଷଦ ସଦସ୍ୟ ପ୍ରଫୁଲ୍ଲ ଜେନା, ଶରତ ଚନ୍ଦ୍ର ମିଶ୍ର, ବିଜ୍ଞାନ ଶିକ୍ଷକ ସତ୍ୟଜିତ୍ ଜେନା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବେଦପାଠ କରିଥିଲେ ଆଚାର୍ଯ୍ୟା ସସ୍ମିତା ବିଶ୍ୱାଳ। ଯୋଗଦେଇଥିବା ଅତିଥିମାନେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ମୂଲ୍ୟାୟନ କରିଥିଲେ। ମେଳାରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀରୁ ବିଭିନ୍ନ ବିଭାଗରୁ ୨୭୧ ଜଣ ଛାତ୍ରଛାତ୍ରୀ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏଥିରୁ ୫୫ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପକୁ ଉପସ୍ଥିତ ବିଚାରକ ମଣ୍ଡଳୀ ଯୋଗ୍ୟ ବିବେଚିତ କରିଥିଲେ। ଯୋଗ୍ୟ ବିବେଚିତ ୫୫ ପ୍ରକଳ୍ପର ପ୍ରତିଯୋଗୀମାନେ ଆସନ୍ତା ଅଗଷ୍ଟ ୨ରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗ ନେବେ ବୋଲି ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଦେବ କୁମାର ମିଶ୍ର ପ୍ରକାଶ କରିଛନ୍ତି।

# ଅଗ୍ନିକାଣ୍ଡରେ ୩ ବଖରା ଭସ୍ମୀଭୂତ

ଅସ୍ତରଙ୍ଗ,୨୬।୭ (ସମିସ): ଅସ୍ତରଙ୍ଗ ବ୍ଲକ୍ ଶିଶୁଅ ପଞ୍ଚାୟତ ଉଦୟକଣୀ ଗ୍ରାମ ୫ ନମ୍ବର ୱାର୍ଡରେ ବିଳମ୍ବିତ ରାତିରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଏହି ଗ୍ରାମର କପିଳା



କାଣ୍ଡି ତାଙ୍କ ପରିବାର ସହ ରୁହନ୍ତି। ସେ ଜଣେ ଦିନମଜୁରିଆ ହୋଇଥିବାବେଳେ ନିଜ ଝିଅର ବାହାଘର ପାଇଁ ଅଳଙ୍କାର, ଲୁଗା, ଟଙ୍କା ଏକ ବାକ୍ସରେ ରଖିଥିଲେ। ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗି ତାଙ୍କର ୩ ବଖରା ମାଟିଘାଟି ଚାଳ ଘର ଜଳିଯାଇଥିଲା। କୋଣାର୍କ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ତାଙ୍କର ସମସ୍ତ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଘରେ ଥିବା ଆସବାବପତ୍ର, ଝିଅ ବାହାଘର ପାଇଁ ଥିବା ଗହଣା, ଲୁଗାପଟା, ଟଙ୍କା ପଇସା, କିଛି କାଗଜପତ୍ର, ଏକ ସ୍କୁଟି ଓ ସାଇକଲ ମଧ୍ୟ ଜଳିଯାଇଛି। ଏ ବାବଦରେ ଅସ୍ତରଙ୍ଗ ତହସିଲ୍ ପକ୍ଷରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ସ୍ଥିତି ଅନୁଧ୍ୟାନ କରିବା ପରେ ଅସ୍ତରଙ୍ଗ ତହସିଲ୍ ତରଫରୁ ଏକ ପଲିଥିନ୍ ଯୋଗାଇ ଦିଆଯାଇଛି। ଆଗକୁ ତଦନ୍ତ ରିପୋର୍ଟ ଆସିବା ପରେ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ତହସିଲ୍‌ଦାର ପ୍ରଭୁ ପ୍ରସାଦ ପଣ୍ଡା କହିଛନ୍ତି। ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# କ୍ଲଷ୍ଟରସ୍ତରୀୟ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ



କୋଣାର୍କ,୨୬।୭ (ସମିସ): ଶନିବାର ଗୋପ ବ୍ଲକ୍ ଅନ୍ତର୍ଗତ ଭୈରବ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ କ୍ଲଷ୍ଟରସ୍ତରୀୟ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ନିଜ ମାଆଙ୍କ ନାମରେ ଗୋଟିଏ ଲେଖାଏଁ ବୃକ୍ଷ ଚାରାରୋପଣ କରିବା ସହିତ ଏହାର ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ହୋଇଛନ୍ତି। ପୂର୍ବାହ୍ଣରେ କ୍ଲଷ୍ଟର ଅନ୍ତର୍ଗତ ଶିରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଚେତନତା ସଭାରେ ଅତିଥି ରୂପେ ଚମ୍ପାହାର ଅଗ୍ନିଶମ ସେବାକେନ୍ଦ୍ର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, ଗୋପ ଏବିଇଓ ସମ୍ରାଟ ଭଞ୍ଜ ଭୋଇ, ତୁଳସୀ ପଟ୍ଟନାୟକ, ରାମକୃଷ୍ଣ ମହାନ୍ତି, ବନପାଳ ତପନ ନାୟକ, ବନପାଳ କାର୍ତ୍ତିକେଶ୍ୱର ମୁଣ୍ଡା, ବନରକ୍ଷୀ ରଶ୍ମିତା ପୃଷ୍ଟି, ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶ, ବାନାମ୍ବର ବେହେରା ଓ କାଳନ୍ଦୀ ଚରଣ ଜେନା ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। କ୍ଲଷ୍ଟର୍‌ର ଶିରିପୁର ପ୍ରକଳ୍ପ ୟୁପିଏସ୍, ରୁଦ୍ରାୟଣୀ ନୋଡାଲ ୟୁପିଏସ୍, ସିମିଳି ପ୍ରକଳ୍ପ ୟୁପିଏସ୍, ପାଇକରାପୁର ପିଏସ୍ ଓ ମାଟିଆପଡ଼ା ନୋଡାଲ ୟୁପିଏସ୍ ପରିସରରେ ଛାତ୍ରଛାତ୍ରୀମାନେ ନିଜ ନିଜ ମାଆଙ୍କ ନାମରେ ଗୋଟିଏ ଲେଖାଏଁ ବୃକ୍ଷ ଚାରାରୋପଣ କରିବା ସହିତ ଏହାର ଯତ୍ନ ନେବାପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଗଛ ଲଗାଇଥିବା ଛାତ୍ରଛାତ୍ରୀଙ୍କ ସୂଚନା ସମ୍ପର୍କିତ ଏକ କ୍ୟୁଆର୍ କୋଡ୍ ରୋପିତ ପ୍ରତି ଚାରାରେ ଝୁଲାଯାଇଛି। ୫ଟି ବିଦ୍ୟାଳୟ ପରିସରରେ ଶତାଧିକ ଅଁଳା, ବେଲ, ନିମ୍ବ, ପାଟଳି, ବଉଳ, କରଞ୍ଜ, ଶିଶୁ ପ୍ରଭୃତି ଚାରାରୋପଣ କରାଯାଇଛି। ଆସନ୍ତା ସପ୍ତାହରେ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସିଆର୍‌ସିସି ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି।

# ଓଷ୍ଟାର ବ୍ଲକ୍‌ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ



ପିପିଲି,୨୬।୭ (ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର (ଓଷ୍ଟା) ପିପିଲି ବ୍ଲକ୍ ପକ୍ଷରୁ ସାମ୍ବିଧାନିକ ସମ୍ମିଳନୀ ନହଳାପଡ଼ା ହାଇସ୍କୁଲଠାରେ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମ୍ପାଦକ ବିଭୁଦତ୍ତ ନାୟକ, ସମ୍ମାନିତ ଅତିଥି ଭାବେ ପବିତ୍ର କୁମାର ଦାସ, ଲକ୍ଷ୍ମୀଧର ତ୍ରିପାଠୀ, ଯାମିନୀକାନ୍ତ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କଠାରୁ ଶିକ୍ଷକମାନଙ୍କ ନାର୍ଯ୍ୟ ଦାବିକୁ ହାସଲ କରିବା ପାଇଁ ଆନ୍ଦୋଳନକୁ ଓହ୍ଲାଇବାକୁ ଆହ୍ୱାନ ଦେଇଥିଲେ। ୧୯୪ ଯୋଗ୍ୟ ବିବେଚିତ ସ୍କୁଲ୍‌କୁ ଅନୁଦାନ ପ୍ରଦାନ, ଅବସରପ୍ରାପ୍ତ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କୁ ପେନ୍‌ସନ୍ ପ୍ରଦାନ, କ୍ରୀଡ଼ା ଶିକ୍ଷକମାନଙ୍କ ଗ୍ରେଡ୍ ପେ', ହିନ୍ଦୀ ଶିକ୍ଷକ ତଥା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦରମା ଅସଙ୍ଗତ ସମାଧାନ ପାଇଁ ଆସନ୍ତା ଅଗଷ୍ଟ ମାସରେ ବିଇଓ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହ ୧୬ ତାରିଖରେ ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଓଷ୍ଟା ପିପିଲି ବ୍ଲକ୍ ସମ୍ପାଦକ ହେମନ୍ତ ପ୍ରଧାନ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଅମିୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିବାବେଳେ ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# 'ବେଟି ବଚାଓ, ବେଟି ପଢ଼ାଅ' କାର୍ଯ୍ୟକ୍ରମ



ଡେଲାଙ୍ଗ,୨୬।୭ (ସମିସ): ଡେଲାଙ୍ଗ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବେଟି ବଚାଓ ବେଟି ପଢ଼ାଅ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଆଜିର ସମାଜରେ ନାରୀମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ଓ ନିର୍ଯାତନାକୁ ରୋକିବା। ଏହି ଅବସରରେ ଡେଲାଙ୍ଗ ସେକ୍ଟର ପର୍ଯ୍ୟବେକ୍ଷିକା ସଂଘମିତ୍ରା ବେହେରାଙ୍କ ନେତୃତ୍ୱରେ ଡେଲାଙ୍ଗ-କୋଠବାଡ଼, ମୁନିନ୍ଧା ଓ କଲ୍ୟାଣପୁର ପଞ୍ଚାୟତ ଅଧୀନରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କର୍ମକର୍ତ୍ତାମାନଙ୍କ ସହିତ ୭୦ରୁ ଊର୍ଦ୍ଧ୍ୱ ବାଳିକା ଯୋଗଦେଇ ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ସାଉରିଆ ସେକ୍ଟର ପର୍ଯ୍ୟବେକ୍ଷିକା ଶାନ୍ତିଲତା ବାରିକଙ୍କ ନେତୃତ୍ୱରେ ସାଉରିଆ, ଘନିପୁର ଓ ସୁଜନପୁର ପ୍ରମୁଖ ପଞ୍ଚାୟତ ଅଧୀନରେ ରହିଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କର୍ମକର୍ତ୍ତା ଓ ୮୦ରୁ ଊର୍ଦ୍ଧ୍ୱ ବାଳିକା ଯୋଗଦେଇ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ସେହିପରି ଜେନାପୁର ସେକ୍ଟର ପର୍ଯ୍ୟବେକ୍ଷିକା ସୌମ୍ୟା ହୋତାଙ୍କ ନେତୃତ୍ୱରେ ଜେନାପୁର, ରେଞ୍ଚ ଓ ବେରବୋଇ ପଞ୍ଚାୟତ ଅଧୀନ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର କର୍ମକର୍ତ୍ତାଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ବାଳିକା ଯୋଗଦେଇଥିଲେ।

# ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ବୈଠକ



ସାକ୍ଷୀଗୋପାଳ,୨୬।୭ (ସମିସ): ସତ୍ୟବାଦୀ ବ୍ଲକ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ବ୍ଲକ୍‌ସ୍ତରୀୟ କନ୍‌ଭେନ୍‌ସନ୍ ସ୍ଥାନୀୟ ମଠସାହି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ସହିତ ବାରମ୍ବାର ଆଲୋଚନା ସତ୍ତ୍ୱେ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲିପଡ଼ିଥିବା ପଦରେ ଶିକ୍ଷକ ନିଯୁକ୍ତି, ନୂତନ ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅବସର ବୟସ ୬୨ବର୍ଷକୁ ବୃଦ୍ଧି, ଅବସର ପରେ ପେନ୍‌ସନ୍ ଇତ୍ୟାଦି ଦାବି ପୂରଣ ହୋଇପାରିଲା ନାହିଁ। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ଅଗଷ୍ଟ ୨ରେ ବ୍ଲକ୍ ଶିକ୍ଷାଧିକାରୀ ଅଫିସ ଏବଂ ଅଗଷ୍ଟ ୮ରେ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ଦପ୍ତର ଆଗରେ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟଶାସନ ସଚିବ ଏବଂ ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ଅଗଷ୍ଟ ୧୬ରେ ଶିକ୍ଷକ ଦାବି ଦିବସରେ ରାଜ୍ୟରେ ୪୦ହଜାର ଶିକ୍ଷକ ଭୁବନେଶ୍ୱର ବିଧାନସଭା ଆଗରେ ପ୍ରତିବାଦ କରିବେ। ଏହି ଅଭାବନୀୟ ପରିସ୍ଥିତି ପାଇଁ ସରକାର ଦାୟୀ ରହିବେ। ଏହି ବୈଠକରେ ରାଜ୍ୟ ଓଷ୍ଟାର ମୁଖପତ୍ର 'ଶିକ୍ଷାପ୍ରଦୀପ'ର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ପୁରୀ ଜିଲ୍ଲା ଓଷ୍ଟାର ସଭାପତି ବିଜୟକୁମାର ବରାଳ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାସ, ଉପସଭାପତି ଲକ୍ଷ୍ମୀଧର ଉପାଧ୍ୟାୟ, ସମ୍ପାଦକ ବିଭୂପ୍ରସାଦ ନାୟକ ଆନ୍ଦୋଳନରେ ବହୁତ ସଂଖ୍ୟାରେ ଯୋଗଦେବା ପାଇଁ ଆହ୍ୱାନ କରଛନ୍ତି। ସତ୍ୟବାଦୀ ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଜ ନିଜର ବକ୍ତବ୍ୟରେ ସରକାରଙ୍କ ଦାବି ପୂରଣ ଦିଗରେ ବିଳମ୍ବ ପାଇଁ ଅସନ୍ତୋଷ ପ୍ରକାଶ କରିଥିଲେ ବୋଲି ବ୍ଲକ୍ ସଭାପତି ବିଭୂପ୍ରସାଦ ମହାପାତ୍ର, ସମ୍ପାଦକ ସରୋଜ ନାୟକ ଜଣାଇଛନ୍ତି।

# ବିଜେପି ପକ୍ଷରୁ ବଳଙ୍ଗା ପୀଡ଼ିତାଙ୍କ ଘରେ ରାସନ ସାମଗ୍ରୀ ପ୍ରଦାନ

ବଳଙ୍ଗା,୨୬।୭ (ସମିସ): ବଳଙ୍ଗା ପୀଡ଼ିତାଙ୍କ ପରିବାରକୁ ତାଙ୍କ ବାସଭବନରେ ଭେଟିଛନ୍ତି ବିଜେପି ବଳଙ୍ଗା ମଣ୍ଡଳ କାର୍ଯ୍ୟକର୍ତ୍ତା। ମଣ୍ଡଳ ସଭାପତି ତଥା ସାଇଁଶ ଶାସନ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପୂର୍ବ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଦାଶ, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଭାକର ନାୟକ, ରତ୍ନାକର ମିଶ୍ର, ପ୍ରଫୁଲ୍ଲ ସାମନ୍ତସିଂହାର, ମୋହନ ପଣ୍ଡା, ନକୁଳ ଚନ୍ଦ୍ର ପ୍ରଧାନ, ଜୟନ୍ତ ରାୟ, ମହାବୀର ବରାଳ, ରଞ୍ଜନ ପ୍ରଧାନ, ବିଶ୍ୱରଞ୍ଜନ ବେହେରା, ଯଶୋବନ୍ତ ଖଟୋଇ ପ୍ରମୁଖଙ୍କ ଉପସ୍ଥିତିରେ କିଛି ରାସନ ସାମଗ୍ରୀ ପୀଡ଼ିତାଙ୍କ ପରିବାରକୁ ପ୍ରଦାନ କରାଯାଇଛି।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ବଳଙ୍ଗା,୨୬।୭ (ସମିସ): ଲଙ୍କେଶ୍ୱରୀ ମହିଳା ଉଚ୍ଚ ମାଧ୍ୟମିକ ବେରବୋଇ ବଳଙ୍ଗା +୨ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ନେଇ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା। ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ଛାତ୍ରୀମାନଙ୍କୁ ସାମ୍ପ୍ରତିକ ସମୟରେ ନିଜକୁ କିପରି ସୁରକ୍ଷିତ କରିପାରିବେ ବିସ୍ତୃତ ଆଲୋଚନା କରିଥିଲେ। ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ରେଡ୍‌କ୍ରସ୍ ତରଫରୁ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃକ୍ଷରୋପଣ କରି ପରିବେଶ ସଚେତନତା ଉପରେ ଆଲୋଚନା କରାଯାଇଥିଲା।

# ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ଡେଲାଙ୍ଗ,୨୬।୭ (ସମିସ): ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ପଞ୍ଚଦଶତମ ଜ୍ଞାନ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତିର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୨ଦିନ ଧରି ଚାଲିଥିବାବେଳେ ଏଥିରେ କନିଷ୍ଠ ବର୍ଗ, ସର୍ବକନିଷ୍ଠ ବର୍ଗ, ଶିଶୁ ବର୍ଗ, ବାଲ୍ ବର୍ଗ ଓ କିଶୋର ବର୍ଗର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବୋଲକଣାର ବିଜ୍ଞାନ ଶିକ୍ଷକ ମହେଶ୍ୱର ମହାରଣା, ବେରବୋଇ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶତ୍ରୁଘ୍ନ ଜେନା, ରାଧାକାନ୍ତ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଶାଶ୍ୱତ ପ୍ରିୟଦର୍ଶୀ, ଗୋପ ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କାହ୍ନୁଚରଣ ବେହେରା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଟୁକୁନି ମହାପାତ୍ର, ଗୁରୁମା' ବିଜୟଲକ୍ଷ୍ମୀ ନାୟକ, ଗୁରୁଜୀ ଅଂଶୁମାନ ସିଂହ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ଏହି ଅବସରରେ ମୋଟ ୧୬୩ଟି ପ୍ରକଳ୍ପ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବାବେଳେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରକଳ୍ପଗୁଡ଼ିକ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବିଦ୍ୟାଳୟର ଉପସଭାପତି ଜ୍ଞାନରଞ୍ଜନ ସିଂହ, ସମ୍ପାଦକ କିଶୋର ପ୍ରଧାନ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସତ୍ୟରଞ୍ଜନ ସ୍ୱାଇଁ, ସୌମ୍ୟାଶ୍ରୀ ମହାନ୍ତି, ମମତା ନାୟକ, ମୀନତି ବଳବନ୍ତରାୟ ପ୍ରମୁଖ ଗୁରୁଜୀ ଗୁରୁମା' କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳା ଓ ଶିଶୁ ସୁରକ୍ଷା ସଚେତନତା

ସାକ୍ଷୀଗୋପାଳ,୨୬।୭ (ସମିସ): ସତ୍ୟବାଦୀ ବ୍ଲକ୍ ମହିଳ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସତ୍ୟବାଦୀରେ ଥିବା ୧୬୫ ଅଙ୍ଗନବାଡ଼ି କେନ୍ଦ୍ରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳା ଓ ଶିଶୁମାନଙ୍କ ସୁରକ୍ଷା, ବେଟି ବଚାଓ ବେଟି ପଢ଼ଅର ଆହ୍ୱାନ ଦେଇ ଏକ ଶୋଭାଯାତ୍ରା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମର ମୁଖ୍ୟ ଭାବେ ରହିଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁ ବିଶେଷ କରି ଝିଅମାନଙ୍କ ସୁରକ୍ଷା ଲକ୍ଷ୍ୟରେ ସଚେତନ କରାଇବା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ ବୋଲି ଅଧିକାରୀ ଶ୍ରୀମତୀ ଦାଶ ପ୍ରକାଶ କରିଥିଲେ। ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟରେ କାହାଠାରୁ ଇଙ୍ଗିତ ମିଳେ ତେବେ ତତ୍‌କ୍ଷଣାତ୍ ମହିଳାମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଏମର୍‌ଜେନ୍ସି ନମ୍ବର ୧୧୨ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସୂଚନା ଦିଆଯାଇଥିଲା।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

କଣାସ,୨୬।୭ (ସମିସ): କଣାସ ବ୍ଲକ୍ ବଡାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଓଗାଳପୁରଠାରେ ସମାଜସେବୀ ସୁଶାନ୍ତ ପଲାଇଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ଧନେଶ୍ୱର ଲେଙ୍କା, ବିଦୁର ସାହୁ, ପ୍ରଭାସିନୀ ସାମନ୍ତରାୟ, ଦାଶରଥି ସାହୁ, ପ୍ରଫୁଲ୍ଲ ସ୍ୱାଇଁ, ସତ୍ୟବ୍ରତ ସାହୁ, ଘନଶ୍ୟାମ ଜେନା, ସୁଶିଲ ପ୍ରଧାନ, ଅର୍ଜୁନ ସାମନ୍ତରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। କାଦୁଆ, ଗୋପିନାଥପୁର, ବଡାଲ ପ୍ରଭୃତି ଗ୍ରାମ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ପୁରାତନ ସହପାଠୀ ଯୋଗଦେଇଥିଲେ। ଗଣେଶ ସାହୁ, ଗୋପବନ୍ଧୁ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଜନୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପରିସ୍ରାଗାର ନିର୍ମାଣ

ସାକ୍ଷୀଗୋପାଳ,୨୬।୭ (ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଗବକୁଣ୍ଡସ୍ଥିତ ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟର ୧୯୮୮ ମ୍ୟାଟ୍ରିକ୍ ବ୍ୟାଚ୍ ସହପାଠୀ ଓ ସହପାଠିନୀମାନେ ଦୀର୍ଘ ୩୨ ବର୍ଷ ପରେ ଏକାଠି ହୋଇ ଏକ ନିଆରା ବନ୍ଧୁମିଳନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ପୂର୍ବ




ସତ୍ୟବାଦୀ ଅଞ୍ଚଳର ପ୍ରସିଦ୍ଧ ଦେବୀପୀଠ ମା' ପାଳପୋଛି ଠାକୁରାଣୀଙ୍କ ପୀଠ ନିକଟରେ ୩୦ ହଜାର ଟଙ୍କା ବ୍ୟୟ କରି ଏକ ପରିସ୍ରାଗାର ନିର୍ମାଣ କରିଛନ୍ତି। ଏହି ବ୍ୟାଚ୍‌ର ପ୍ରଥମ ବୈଠକ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ରାୟଖଣ୍ଡି ଗ୍ରାମ ପଞ୍ଚାୟତର ହରିପୁର ଗ୍ରାମର ଅଧିଷ୍ଠାତ୍ରୀ ଠାକୁରାଣୀ ମା' ପାଳପୋଛିଙ୍କ ପୀଠରେ ଅନୁଷ୍ଠିତ ହୋଇଥିଲା। ରଶ୍ମିରେଖା କର, ବିଜୟ ହୋତା, ପ୍ରଦୀପ୍ତ ପଟ୍ଟନାୟକ ଓ ସୁରେଶ ମିଶ୍ରଙ୍କ ସମେତ ଉକ୍ତ ବ୍ୟାଚ୍‌ର ଛାତ୍ରଛାତ୍ରୀ ଅଞ୍ଚଳବାସୀଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି।

## 'ଭାଗବତରେ ସମାଜ ଶିକ୍ଷା' ଆଲୋଚନାଚକ୍ର

# 'ଭାଗବତରୁ ନୈତିକତା ମୂଲ୍ୟବୋଧର ଶିକ୍ଷାଲାଭ ହୁଏ'

ଖୋର୍ଦ୍ଧା/ଜଟଣୀ,୨୬।୭ (ସମିସ)



ଆମରି ସତ୍ୟ ବିକାଶ ପରିଷଦ ଜଟଣୀ ଓ ରୋଟାରୀ କ୍ଲବ୍ ଜଟଣୀ ମିଳିତ ଆନୁକୂଲ୍ୟରେ ରୋଟାରୀ କ୍ଲବ୍ ସଭାଗୃହରେ ସୁଦର୍ଶନ ମହାପାତ୍ରଙ୍କ ଆବାହକତ୍ୱ ଓ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଭାଗବତରେ ସମାଜ ଶିକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତ ଭାଷଣରେ ଡ. ପ୍ରମୋଦ ଚନ୍ଦ୍ର ଦାଶ ବର୍ତ୍ତମାନ ସମାଜରେ ଅନ୍ୟାୟ, ଅତ୍ୟାଚାର, ବ୍ୟଭିଚାରର ବୃଦ୍ଧି ପାଇ ସାମାଜିକ ଜୀବନ କଳୁଷିତ ହେଉଛି, ତା'ର ନିରାକରଣ ପାଇଁ ମାନସିକ ଶାନ୍ତି ଲୋଡ଼ା। ଏଥିପାଇଁ ଭାଗବତ ଗ୍ରନ୍ଥ ପାଠ କରିବା ଏବଂ ବୁଝିବାର ଉପଯୋଗିତା ଅଛି ବୋଲି ବର୍ଣ୍ଣନା କରିଥିଲେ। ପାଲା ଗାୟକ ସୁଦର୍ଶନ ମହାପାତ୍ର ଅତିଥି ସତ୍କାର ଦ୍ୱାରା ପାପକ୍ଷୟ ହୁଏ ବୋଲି କହିବା ସହିତ ସତ୍‌ସଙ୍ଗ, ସତ୍‌କର୍ମର ମହତ୍ୱ ସମ୍ବନ୍ଧରେ ଭାବଗତର ବାଣୀ ଉଦାହରଣ ସହ ଆଲୋଚନା କରିଥିଲେ। ପଣ୍ଡିତ ରମାକାନ୍ତ ମିଶ୍ର କର୍ମଫଳ ତ୍ୟାଗ ସହିତ କର୍ତ୍ତବ୍ୟ କର୍ମ ଆଚରଣ କରିବା ଓ ସତ୍ୟ, ସେବା, ପରୋପକାର ଦ୍ୱାରା ଭଗବତପ୍ରାପ୍ତି ସମ୍ଭବ ବୋଲି କହିଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ମୁଖ୍ୟ ଅତିଥି କାଶୀନାଥ ପାଣିଗ୍ରାହୀ ଭାଗବତରୁ ଶୁଦ୍ଧ ଆଚରଣ ଉଚ୍ଚାରଣ ଶିକ୍ଷା ସହିତ ନୈତିକତା ମୂଲ୍ୟବୋଧର ଶିକ୍ଷାଲାଭ ହୋଇଥାଏ ବୋଲି ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା କବି କାଶୀନାଥ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ରୋଟାରୀ କ୍ଲବ୍, ଜଟଣୀର ସଭାପତି ପ୍ରସାଦ ଜଗଦ୍ଦେବ ଭାଗବତପାଠ ଦ୍ୱାରା ବହୁ ସମସ୍ୟା ଦୂରୀଭୂତ ହୋଇଥାଏ ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ କବିତାପାଠ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୌଦାମିନୀ ବେହେରା, ଅଧ୍ୟାପିକା ଆରତୀ ସେନ୍ ଓ ଅଧ୍ୟାପିକା ରଜନୀ ରଣସିଂହ ସଂଯୋଜନା କରିଥିଲେ। ବ୍ରଜବନ୍ଧୁ ନାୟକ, ଜଗନ୍ନାଥ ନାୟକ, ପ୍ରଭାଷ ଚନ୍ଦ୍ର ମଙ୍ଗରାଜ, ନର୍ମଦା ଦୋରା, କିଶୋର ପାଇକରାୟ, ଜବାହରଲାଲ ସୁବୁଦ୍ଧି, ଡ. ସୁକାନ୍ତି ମହାପାତ୍ର, ଇଂ ଭକ୍ତବନ୍ଧୁ ଚୌଧୁରୀ, ମନୋରମା ପାଢ଼ୀ, ଜନାର୍ଦ୍ଦନ ମଙ୍ଗରାଜ, ରୋଟାରିଆନ ରସିକ ପଟେଲ, ରୋଟାରିଆନ ସୁନୀଲ ଅଗ୍ରୱାଲ୍, ସମରଜିତ୍ ପଟ୍ଟନାୟକ, ଦାଶରଥି ପଟ୍ଟନାୟକ, ଡ. ସୁବ୍ରତା ପାତ୍ର, ବିଭୂତି ଭୂଷଣ ନନ୍ଦ, ମଙ୍ଗୁଳି ପରିଡ଼ା, ବିଷ୍ଣୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁରେଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

୨୬/୭/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୭୩,୨୫୫/- ସୁନା: ୦୧.୨୦୦ ଗ୍ରାମ୍ ରୁପା: ୨୦.୨୦୦ ଗ୍ରାମ୍



# ୧୫ ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ



- ଢେଙ୍କାନାଳରୁ ଅଭିଯୁକ୍ତକୁ ବାନ୍ଧିଲା ପୁରୀ ପୁଲିସ
- ହତ୍ୟା ପରେ ଛାଡ଼ିଥିଲେ ଓଡ଼ିଶା; ବଦଳାଇଥିଲେ ବେଉସା

ପୁରୀ,୨୬।୭ (ସମିସ)

ଦୀର୍ଘ ୧୫ ବର୍ଷ ପରେ ଜଣେ ହତ୍ୟା ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି ପୁରୀ ଟାଉନ ଥାନା ପୁଲିସ। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରିବା ପରେ ଢେଙ୍କାନାଳରୁ ଅଭିଯୁକ୍ତକୁ ବାନ୍ଧିଛି ପୁରୀ ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ମେଣ୍ଢାପଡ଼ାର ପ୍ରକାଶ ପୃଷ୍ଟି (୫୧)। ହତ୍ୟାକାଣ୍ଡ ପରେ ଓଡ଼ିଶା ଛାଡ଼ିଥିବା ପ୍ରକାଶ ୫ ବର୍ଷ ପରେ ଫେରିଥିଲେ ହେଁ ନିଜ ବେଉଷା ବଦଳାଇ ଦେଇଥିଲେ। କିନ୍ତୁ ଶୁକ୍ରବାର ରାତିରେ ଟାଉନ ଥାନା ପୁଲିସ ତାଙ୍କ ଘରୁ ଧରିବାରେ ସଫଳ ହୋଇଛି।

ଅଭିଯୋଗ ଅନୁଯାୟୀ, ପୁରୀ ଭିଆଇପି ରୋଡ୍‌ରେ ଥିବା ବିଏସ୍‌ଏନ୍‌ଏଲ୍ ନୂଆକୋଠା କ୍ୟାମ୍ପସ୍‌ରେ ଏକ ବୋର୍‌ୱେଲ୍ ଖୋଳିବା ପାଇଁ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ବିଭିନ୍ନ ଗାଁରୁ ୬ ଜଣ ଶ୍ରମିକ ପୁରୀ ଆସିଥିଲେ। ସେମାନେ ବୋର୍‌ୱେଲ୍ ଖୋଳା କାମରେ ନିୟୋଜିତ ଥିଲେ। ସେମାନେ କ୍ୟାମ୍ପସ୍‌ରେ ଏକ ଅସ୍ଥାୟୀ କ୍ୟାମ୍ପ୍ କରି ରହୁଥିଲେ। ୨୦୧୦ ଏପ୍ରିଲ ୮ ତାରିଖରେ କାମ ସାରି ସନ୍ଧ୍ୟାରେ ଅଭିଯୁକ୍ତ ପ୍ରକାଶ ଏବଂ ଅନ୍ୟଜଣେ ଶ୍ରମିକ ମୋଚିଆ ଭୋଇ ଷ୍ଟେସନ ବଜାରକୁ ଯାଇଥିଲେ। ଉଭୟେ ରାତି ପ୍ରାୟ ୧୧ଟାରେ ନିଶାସକ୍ତ ଅବସ୍ଥାରେ କ୍ୟାମ୍ପ୍‌କୁ ଫେରିଥିଲେ। ଦୁଇଜଣଙ୍କ ଭିତରେ ପାଟିତୁଣ୍ଡ ଲାଗିଥିଲା। ଅନ୍ୟମାନେ ଉଭୟଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଉତ୍‌କ୍ଷିପ୍ତ ହୋଇ ପ୍ରକାଶ ଏକ ଦରପୋଡ଼ା କାଠରେ ମୋଚିଆଙ୍କୁ ଆକ୍ରମଣ କରିଥିଲା। ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିବାବେଳେ ସେ ଅଚେତ୍ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ୨୦୧୦ ଏପ୍ରିଲ ୯ରେ ପରଜଙ୍ଗ ଥାନା ଅନ୍ତର୍ଗତ ଚାନ୍ଦପୁରର ଲଳିତ ସାମଲ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା (ନଂ.୪୮/୧୦) ରୁଜୁ କରିଥିଲେ ମଧ୍ୟ ତଦନ୍ତକୁ ଆଗେଇ ନେଇ ନ ଥିଲେ। ଥାନାଧିକାରୀ ବି.ଏନ୍. ମହାନ୍ତିଙ୍କର ମଧ୍ୟ ବଦଳି ହୋଇଗଲା। ଅନ୍ୟପକ୍ଷରେ ଅଭିଯୁକ୍ତ ପ୍ରକାଶ ମଧ୍ୟ ଓଡ଼ିଶା ଛାଡ଼ି କୋଲକାତା ପଳାଇଥିଲା।

ଏପଟେ ପୁଲିସ ମଧ୍ୟ ଏହି କେସ୍ ପ୍ରତି ଏତେଟା ଗୁରୁତ୍ୱ ଦେଇ ନ ଥିଲା। ପ୍ରାୟ ୫ ବର୍ଷ କୋଲକାତାରେ ରହି ଘରକୁ ଫେରି ପରିବାର ସହ ରହିଥିଲା। ସେ ମଧ୍ୟ ହତ୍ୟା ମାମଲାକୁ ଭୁଲିଯାଇ ନିଜ ବେଉଷା ବଦଳାଇ ଦେଇଥିଲା। କେନ୍ଦୁଝରରେ ଗ୍ୟାରେଜ୍ କାମ କରୁଥିଲା ଅଭିଯୁକ୍ତ ପ୍ରକାଶ। ଅନ୍ୟପକ୍ଷରେ ଟାଉନ ପୁଲିସକୁ ଏବେ ସେହି ପୁରୁଣା ମାମଲାର ଚାର୍ଜ ମିଳିବା ପରେ ଆଇଆଇସି ଗୋକୁଳ ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହାର ତଦନ୍ତ ଚାଲିଥିଲା। ପୁଲିସ ପରଜଙ୍ଗ ଏବଂ କାମାକ୍ଷାନଗର ଥାନାର ୬ଟି ଗାଁକୁ ଯାଇ ସାକ୍ଷୀମାନଙ୍କୁ ପଚରାଉଚରା କରିଥିଲା। ସାକ୍ଷୀମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ମଧ୍ୟ ଘଟି ସାରିଥିବାବେଳେ ପୁଲିସ ଅନ୍ୟ ସାକ୍ଷୀ ଏବଂ ମୃତକଙ୍କ ସମ୍ପର୍କୀୟ, ସେତେବେଳେ ମୃତଦେହ ନେବାକୁ ଆସିଥିବା ସେଠାକାର ଜନପ୍ରତିନିଧି ଏମିତି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରିଥିଲା। ଯେହେତୁ ୧୫ ବର୍ଷ ଅତିକ୍ରାନ୍ତ କରିସାରିଛି, ତେଣୁ ଅଭିଯୁକ୍ତ ପ୍ରକାଶ ସମ୍ପର୍କରେ ମଧ୍ୟ ବିଭିନ୍ନ ଲୋକଙ୍କୁ ପଚରାଉଚରା କରି ପୁଲିସ ସ୍ପଷ୍ଟ ହୋଇଥିଲା। ଶୁକ୍ରବାର ରାତି ୯ଟା ୧୫ରେ ଅଭିଯୁକ୍ତ ପ୍ରକାଶକୁ ମେଣ୍ଢାପଡ଼ାସ୍ଥିତ ତା' ଘରୁ ଗିରଫ କରିଥିଲା ପୁରୀ ପୁଲିସ। ତାକୁ ପୁରୀ ଅଣାଯାଇ ଶନିବାର ଏସ୍‌ଡିଜେଏମ୍‌ଙ୍କ ନିକଟରେ ହାଜର ପରେ ଜେଲ୍‌କୁ ପଠାଇ ଦିଆଯାଇଛି।

- ଏସ୍‌ସିଏସ୍ କଲେଜ ଛାତ୍ର ଗଣ୍ଡଗୋଳ ମାମଲା

## ଦୁଇ ଜଣଙ୍କୁ ବାନ୍ଧିଲା ପୁଲିସ

ପୁରୀ,୨୬।୭ (ସମିସ): ଏସ୍‌ସିଏସ୍ କଲେଜରେ ଶୁକ୍ରବାର ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଛାତ୍ର ସଂସଦ ନିର୍ବାଚନକୁ ନେଇ ଆଶାୟୀଙ୍କ ମଧ୍ୟରେ ପାଟିତୁଣ୍ଡ ଏବଂ ହାତାହାତି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏବିଭିପି ଏବଂ ବିଜୁ ଛାତ୍ର ଜନତା ଦଳ ସମର୍ଥିତଙ୍କ ମଧ୍ୟ ଗଣ୍ଡଗୋଳ ଘଟି ମାମଲା ଥାନାକୁ ଯାଇଥିଲା। ଶନିବାର ଟାଉନ ଥାନା ଏବଂ କୁମ୍ଭାରପଡ଼ା ଥାନା ପୁଲିସ ଏହି ମାମଲାରେ ଉଭୟ ପକ୍ଷରୁ ଜଣେ ଲେଖାଏଁକୁ ଗିରଫ କରିଛି। ଟାଉନ ଥାନା ପୁଲିସ ଗିରଫ କରିଥିବା ବ୍ୟକ୍ତି ହେଲେ ଦେବାଶିଷ ଦାଶ (୨୧) ଏବଂ କୁମ୍ଭାରପଡ଼ା ଥାନା ପୁଲିସ ଗିରଫ କରିଥିବା ବ୍ୟକ୍ତି ହେଉଛନ୍ତି ଦଣ୍ଡତୋଟାର ତାପସ ମଙ୍ଗରାଜ (୨୦)। ଉଭୟଙ୍କୁ ପୁଲିସ କୋର୍ଟଚାଲାଣ କରିଛି। କଲେଜରେ ନିର୍ବାଚନ ହେବା ନେଇ ସରକାରଙ୍କ ପକ୍ଷରୁ କୌଣସି ତାରିଖ ଘୋଷଣା ହୋଇ ନ ଥିବାବେଳେ ବିଜ୍ଞପ୍ତି ମଧ୍ୟ ଜାରି ହୋଇନାହିଁ। ହେଲେ ପୁରୀ ସହରରେ ପ୍ରାକ୍ ନିର୍ବାଚନୀ ହିଂସା ଦେଖିବାକୁ ମିଳିଲାଣି। ନିର୍ବାଚନକୁ କେନ୍ଦ୍ରକରି ଦୁଇ ରାଜନୈତିକ ଦଳର ଛାତ୍ର ସଂଗଠନ ଅର୍ଥାତ୍ ଏବିଭିପି ଏବଂ ବିଜୁ ଛାତ୍ର ଜନତା ଦଳର ସମର୍ଥିତ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବିବାଦ ଦେଖିବାକୁ ମିଳିଛି। ଶୁକ୍ରବାର ସେମାନେ କଲେଜ ପରିସରରେ ଗଣ୍ଡଗୋଳ କରିଛନ୍ତି। ଏପରି କି ଉଭୟ ପକ୍ଷକୁ ସମର୍ଥନ ଦେବା ଲାଗି କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ମଧ୍ୟ ପହଞ୍ଚିଥିଲେ। ଫଳରେ ଗଣ୍ଡଗୋଳ ତୀବ୍ର ରୂପ ଧାରଣ କରିଥିଲା। ଟାଉନ ଥାନା ପୁଲିସ ୩ ଜଣଙ୍କୁ ଧରି ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ବେଳେ ଜଣଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଅନ୍ୟ ଦୁଇଜଣ ଗଣ୍ଡଗୋଳରେ ସମ୍ପୃକ୍ତି ନ ଥିବାରୁ ତାଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ଗୋଟିଏ ପକ୍ଷର କିଛି ବ୍ୟକ୍ତି ଘୋଡ଼ାବଜାରକୁ ଯାଇ ଜଣଙ୍କୁ ଆକ୍ରମଣ କରିଥିବା କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି।

ସିପିଏସ୍‌ରେ ନିଯୁକ୍ତି ସାକ୍ଷାତ୍‌କାର

## ୪୨ ଜଣଙ୍କୁ ମିଳିଲା ନିଯୁକ୍ତି ସୁଯୋଗ

ପୁରୀ,୨୬।୭ (ସମିସ)

ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍) ଓ ହାଇଦରାବାଦସ୍ଥିତ ଏସ୍‌ଏସ୍‌ଏସ୍‌ଭି ସଲ୍ୟୁସନ୍ ସହଯୋଗିତାରେ ଅରୋବିନ୍ଦ ଫାର୍ମା ଲିମିଟେଡ୍ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ନିମନ୍ତେ କଲେଜ ପରିସରରେ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ନିଯୁକ୍ତି ସାକ୍ଷାତ୍‌କାର ଅନୁଷ୍ଠିତ ହୋଇଯାଇଛି। ନିଯୁକ୍ତି ସାକ୍ଷାତ୍‌କାର ପୂର୍ବରୁ କଲେଜ ଅଧ୍ୟକ୍ଷ, ନିର୍ଦ୍ଦେଶକ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର ଓ ଏସ୍‌ଏସ୍‌ଏସ୍‌ଭି ସଲ୍ୟୁସନ୍‌ର ମୁଖ୍ୟ ପରିଚାଳକ ଟିଭିଏସ୍ ସ୍ୱରୂପ ଓ ମାନବସମ୍ବଳ ବିଭାଗର ମୁଖ୍ୟ ବିଶ୍ୱଜିତ୍ ଦାସ, ମାନବସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ କେ. ପ୍ରଭାକର ଓ ଅରୋବିନ୍ଦ ଫାର୍ମାର ଉପସଭାପତି ଗୌରୀ ଶଙ୍କର ଟିଙ୍କ ଉପସ୍ଥିତିରେ ଏକ ସଭାର ଆୟୋଜନ କରାଯାଇଥିଲା। ଉପସ୍ଥିତ ସମସ୍ତ ଆଶାୟୀଙ୍କୁ ଅଧ୍ୟକ୍ଷ ଡ. ମିଶ୍ର କଲେଜ ବିଷୟରେ ସବିଶେଷ ବିବରଣୀ ଦେବା ସହିତ ସେମାନଙ୍କୁ ଶୁଭକାମନା ଜଣାଇଥିଲେ। କଲେଜ ଫାର୍ମାସୀ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ଶତପ୍ରତିଶତ ନିଯୁକ୍ତିକୁ ଲକ୍ଷ୍ୟରେ ରଖି ବିଭିନ୍ନ ଫାର୍ମା କମ୍ପାନୀଙ୍କ ସହିତ ମିଶି ବର୍ଷସାରା ଏହିପରି ନିଯୁକ୍ତିଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ ବୋଲି କହିଥିଲେ। ଉପସ୍ଥିତ ସମସ୍ତ ଆଶାୟୀଙ୍କୁ ନିଜ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଲାଗି କଲେଜର ନିର୍ଦ୍ଦେଶକ ଡ. ମହାପାତ୍ର ପରାମର୍ଶ ଦେଇଥିଲେ। ଏହି ନିଯୁକ୍ତି ସାକ୍ଷାତ୍‌କାରରେ ନିଜ କଲେଜ ଓ ବାହାର ବିଭିନ୍ନ କଲେଜର ବହୁ ଆଶାୟୀ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୨ ଜଣ ପ୍ରାର୍ଥୀ ଯୋଗ୍ୟ ବିବେଚିତ ହୋଇ ଉକ୍ତ ଔଷଧ ପ୍ରସ୍ତୁତକାରୀ କମ୍ପାନୀରେ ନିଯୁକ୍ତିର ସୁଯୋଗ ପାଇଥିଲେ। ଏହି ନିଯୁକ୍ତି ସାକ୍ଷାତ୍‌କାରକୁ କଲେଜ ଅଧ୍ୟାପିକା ସୁନୀତା ମିଶ୍ର, ସଞ୍ଚୟିତା ମଣ୍ଡଳ, ଅଧ୍ୟାପକ ଜଶସ୍ୱୀ ରାୟ, ଅସୀତ୍ କୁମାର ଷଡ଼ଙ୍ଗୀ, ତୃପ୍ତି ରଞ୍ଜନ ପାଢ଼ୀ ଓ ବିଶ୍ୱଜିତ୍ ପାଇକରାୟ ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟାଳୟକୁ ଜଳ ବିଶୋଧକ ମେସିନ ପ୍ରଦାନ

ପୁରୀ,୨୬।୭ (ସମିସ): ଶ୍ରୀଜଗନ୍ନାଥ ଧାମ ଇନର ହ୍ୱିଲ୍ କ୍ଲବ୍ ପୁରୀ ପକ୍ଷରୁ ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କୁ ପାନୀୟଜଳ ଯୋଗାଣ ନିମନ୍ତେ ଏକ ୱାଟର ପ୍ୟୁରିଫାୟର ମେସିନ ସ୍ଥାପନ କରାଯାଇଛି। ଏହା ଛାତ୍ରୀମାନଙ୍କୁ ୩୦୦ ଲିଟର ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଇପାରିବ। ଅନୁଷ୍ଠାନର ସଭାପତି ଜ୍ୟୋତିର୍ମୟୀ ମହାନ୍ତି ଏହାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ଶୁଦ୍ଧ ପାନୀୟଜଳ ବଣ୍ଟନ କରିଥିଲେ। ଉପସଭାପତି ନିରୁପମା ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୀପ୍ତିମୟୀ ଦାସ, ସମ୍ପାଦିକା କଲ୍ୟାଣୀ ମଲ୍ଲିକ ଓ ସଭ୍ୟା ବନ୍ଦିତା ସାହୁ, ଇନ୍ଦିରା ସୁବୁଦ୍ଧି, ସୁନୀତା ସୁବୁଦ୍ଧି, ମିତାଲି ଦାସଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ବିରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ପରିଚାଳନା କମିଟିର ସଭ୍ୟସଭ୍ୟା, ସ୍ମାରକୀ ପୁରସ୍କାର ଟ୍ରଷ୍ଟର ସଭ୍ୟସଭ୍ୟା ସହଯୋଗ କରିଥିଲେ।

## ଶୃଙ୍ଖଳିତ ସମାଜ ପାଇଁ ଆଧ୍ୟାତ୍ମିକତା ଆବଶ୍ୟକ



ପୁରୀ,୨୬।୭ (ସମିସ)

ଉତ୍କଳୀୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ପ୍ରତିଟି ଜଗନ୍ନାଥ ଭକ୍ତ ସଂକଳ୍ପବଦ୍ଧ ହେବା ଉଚିତ୍ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବଦ୍ରି ମିଶ୍ର। ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର ଟ୍ରଷ୍ଟ କାଙ୍କଣ ଶିଖରୀ ଆନୁକୂଲ୍ୟରେ ବୁଦ୍ଧମନ୍ଦିର ପରିସରରେ ଡାକ୍ତର ରବିନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୮ତମ କଥାଲହରୀରେ ବିଶେଷ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ର କହିଥିଲେ ଯେ, ଅପସଂସ୍କୃତି କବଳରୁ ଆମ ପରିବାରକୁ ଉଦ୍ଧାର କରି ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ସହର ଓ ଗାଁ ଗାଁରେ ଆଧ୍ୟାତ୍ମିକ ଜନଜାଗରଣ ଏବେ ଏକ ଆବଶ୍ୟକତା। ସମ୍ପାଦକ ଇଂ ଦେବ ପ୍ରସାଦ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ପ୍ରବାଚକ ପଣ୍ଡିତ ଚାରଣ ଇଂ. ପାର୍ଥସାରଥୀ ଶ୍ରାବଣ ମାସରେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କରେ ପ୍ରବଚନ ରଖିଥିଲେ। ଏଥିରେ ଗବେଷକ ପୀତବାସ ରାଉତରାୟ, ଡ. ସୁଶାନ୍ତ ସାହୁ, ଡ. ସରୋଜ ସାହୁ, ଅଭିନନ୍ଦନ ଦାସ, ଶିକ୍ଷାବିତ୍ ଅଭୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଠାକୁରଙ୍କ ଆଳତି ଓ ମିଳିତ ଗୀତଗୋବିନ୍ଦ ପାଠ କରାଯାଇଥିଲା।

## କୂଳ ଲଂଘିଲା ସମୁଦ୍ର; ତାଡ଼ିନେଲା ବାଲି



ପୁରୀ,୨୬।୭ (ସମିସ): କୂଳ ଲଂଘିଛି ପୁରୀ ସମୁଦ୍ର। ଦେଖାଇଛି ଭୟଙ୍କର ରୂପ। ଶନିବାର ଉଗ୍ରରୂପ ଧାରଣ କରି ତାଡ଼ିନେଇଛି ବାଲି। ଫଳରେ ବେଳାଭୂମିର ବିଭିନ୍ନ ସ୍ଥାନରେ ବାଲି ଖାଇଯାଇଥିବା ଦେଖିବାକୁ ମିଳିଛି। ବ୍ଲୁ ଫ୍ଲାଗ୍ ବିଚ୍, ନୀଳାଦ୍ରି ବିଚ୍‌ଠାରୁ ଦିଗବାରିଣୀ ଆଡ଼କୁ ପ୍ରାୟ ୩ ଫୁଟ୍ ଗଭୀରରେ ବାଲି ତାଡ଼ିନେଇଛି। କେବଳ ଏହି ଗୋଟିଏ ସ୍ଥାନରେ ନୁହେଁ ପୁରୀ ବେଳାଭୂମିର ବିଭିନ୍ନ ସ୍ଥାନରେ ଏଭଳି କୂଳ ଖାଇଛି ସମୁଦ୍ର। ତେବେ ଏହା ସମୁଦ୍ରର ସ୍ୱାଭାବିକ ପ୍ରକ୍ରିୟା। ଅବକ୍ଷୟ ସ୍ଥାନ ପୁଣି ବାନ୍ଧି ହୋଇଯିବ ବୋଲି କହିଛନ୍ତି ପରିବେଶବିତ୍। କାରଣ ପୂର୍ବରୁ ଅନେକଥର ପୁରୀ ବେଳାଭୂମିରେ ଏହିଭଳି ସ୍ଥିତି ଦେଖିବାକୁ ମିଳିଛି। କିଛିଦିନ ପରେ ପୁଣି ତାହା ସ୍ୱାଭାବିକ ଅବସ୍ଥାକୁ ଫେରିଆସିଛି। ବିଗତ ବର୍ଷରେ ରାଜଭବନ ପଛ ପାଶ୍ୱର୍ରୁ ମେ' ଫେୟାର ହୋଟେଲ ପର୍ଯ୍ୟନ୍ତ ବେଳାଭୂମିରେ ପ୍ରାୟ ୨୦୦ ମିଟର ଲମ୍ବରେ ୫ ଫୁଟ୍ ଗଭୀରରେ ବାଲି ତାଡ଼ି ଦେଇଥିଲା ସମୁଦ୍ର। କିନ୍ତୁ ଏହାର କିଛିଦିନ ପରେ ପୁଣି ବେଳାଭୂମି ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ପୁରୀ,୨୬।୭ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡ଼ାବଜାର ପରିସରରେ ଶନିବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ, ବାଲ୍, କିଶୋର ବର୍ଗରେ ସଂସ୍କୃତି ବୋଧ, ବୈଦିକ ଗଣିତ, ବିଜ୍ଞାନରେ ପ୍ରତିଯୋଗିତା କରାଯାଇଥିଲା। ଏଥିସହ ଗଣିତ ପ୍ରଶ୍ନମଞ୍ଚ, ଗଣିତ ପ୍ରୟୋଗ, ପତ୍ରବାଚନ, ବିଜ୍ଞାନ ପ୍ରୟୋଗ ଆଦିର ଉପସ୍ଥାପନ କରାଯାଇଥିଲା। ଏଥିରେ ୨୫୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଶାନ୍ତିଲତା ସାହୁ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଅଭିମନ୍ୟୁ ଭୂୟାଁ, ଉପସଭାପତି ଡ. ସୀମାଞ୍ଚଳ ପଣ୍ଡା, ସମ୍ପାଦକ ଅରବିନ୍ଦ ଶତପଥୀ, ଯୁଗ୍ମ ସମ୍ପାଦକ ବିକାଶ ଦତ୍ତ, ମାନସ ରଞ୍ଜନ ପଣ୍ଡା, ସନ୍ତୋଷିନୀ ନାୟକ, ଜ୍ଞାନ ମନ୍ଦିର ଅଧ୍ୟକ୍ଷ ଅରବିନ୍ଦ ଦାସ, ପ୍ରଧାନାଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏଡିଏମ୍ ଶରତ ବେହେରା, ଡିଏଫ୍‌ଓ ସନ୍ତୋଷ ପାଣିଗ୍ରାହୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଅନଙ୍ଗ ଉଦୟ ବଳ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ଅରବିନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମାରୁତିନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ଡ. ମହେଶ୍ୱର ଦାଶଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲିଗୁଆଳି ହାଇସ୍କୁଲର ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିନୋଦ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ୧୩୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକଳ୍ପ, ପ୍ରଶ୍ନମଞ୍ଚ, ପତ୍ରବାଚନ, ମୂର୍ତ୍ତିକଳା ଆଦି ବିଭାଗରେ ଭାଗନେଇଥିଲେ। ୬୭ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସରୋଜ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ମହିଳା ଓ ଶିଶୁ ସୁରକ୍ଷା ସଚେତନତା ଶୋଭାଯାତ୍ରା

## 'ସମାଜରେ ଝିଅ ଓ ପୁଅ ଉଭୟଙ୍କ ଅବଦାନ ରହିଛି'

ପୁରୀ,୨୬।୭ (ସମିସ): ପୁରୀ ଜିଲ୍ଲା ପ୍ରଶାସନ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସମସ୍ତ ୨,୫୯୯ ଅଙ୍ଗନବାଡ଼ି କେନ୍ଦ୍ରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁମାନଙ୍କ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓର ଆହ୍ୱାନ ଦେଇ ଏହି ଶୋଭାଯାତ୍ରା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଅଞ୍ଚଳ ପରିକ୍ରମା କରିଥିଲା। ଜିଲ୍ଲାସ୍ତରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେଉରା ଓ ଅନ୍ୟ ଅଧିକାରୀମାନେ ଏହାର ପରିଚାଳନା କରିଥିଲେ। ସମାଜରେ ଝିଅ ଓ ପୁଅ ଉଭୟଙ୍କର ଅବଦାନ ରହିଛି। ଝିଅକୁ ଉପଯୁକ୍ତ ଭାବେ ସୁରକ୍ଷା ଦେଲେ ଓ ପଢ଼ାଇଲେ ସେ ମଧ୍ୟ ସମାଜରେ ଜଣେ ସମ୍ବଳ ହୋଇ ଉଭାହେବ। ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶିଶୁ ବିଶେଷକରି ଝିଅମାନଙ୍କ ସୁରକ୍ଷା ଲକ୍ଷ୍ୟରେ ସଚେତନ କରାଇବା ଏହି ଶୋଭାଯାତ୍ରାର ଉଦ୍ଦେଶ୍ୟ ବୋଲି ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ବେଉରା ସୂଚନା ଦେଇଥିଲେ। ଅପରପକ୍ଷରେ ଯଦି କୌଣସି କ୍ଷେତ୍ରରେ ଅସଦାଚରଣ ବା ସେହିଭଳି ମନ୍ଦ ଉଦ୍ଦେଶ୍ୟରେ କାହାଠାରୁ ଇଙ୍ଗିତ ମିଳେ ତେବେ ତତ୍‌କ୍ଷଣାତ ମହିଳାମାନଙ୍କ ସୁରକ୍ଷା ପାଇଁ ହେଲ୍ପ ଲାଇନ ନମ୍ବର ୧୮୧, ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବର ୧୦୯୮ ଓ ଏମର୍ଜେନ୍ସି ନମ୍ବର ୧୧୨ରେ ଯୋଗାଯୋଗ ପାଇଁ ଏହି ଶୋଭାଯାତ୍ରାରେ ସୂଚନା ଦିଆଯାଇଥିଲା। ଅପରପକ୍ଷରେ ସମସ୍ୟା ପାଇଁ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟମାନଙ୍କରେ ଆଇସିସି ବା ଇଣ୍ଟରନାଲ କମ୍ପ୍ଲେନ୍ କମିଟିର ସହାୟତା ନେବା ପାଇଁ ଅନୁରୋଧ କରାଯାଇଥିଲା।

## ବିଦ୍ୟାଳୟରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ପୁରୀ,୨୬।୭ (ସମିସ): ସଦର ବ୍ଲକ ଅନ୍ତର୍ଗତ ଚାରିଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ଲାଣ୍ଟେସନ ଡ୍ରାଇଭ୍ ଆନୁକୂଲ୍ୟରେ ଇକୋ କ୍ଲବର ମିଶନ ଲାଇଫ୍ ସମ୍ପର୍କିତ ସାପ୍ତାହିକ କାର୍ଯ୍ୟକ୍ରମ ଏକ୍ ପେଡ୍ ମା' କେ ନାମ୍ ସୋମବାର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୃକ୍ଷର ରକ୍ଷଣାବେକ୍ଷଣ ଓ ଉପକାରିତା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ତପ୍ରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ମହାବୀର ପ୍ରସାଦ ମହାପାତ୍ର, ବରିଷ୍ଠ ସହକାରୀ ଶିକ୍ଷକ ସତୀଶ ଚନ୍ଦ୍ର ବୋହିଦାରଙ୍କ ସମେତ ଶିକ୍ଷକ ଚକ୍ରଧର ପାଣି, ପ୍ରଶାନ୍ତ କୁମାର ପରିଡ଼ା, ହିରଣ୍ୟ ସେଠୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସୁକାନ୍ତ କୁମାର ଦାଶ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟଭାମା ମହାନ୍ତି, ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ, ଚିନ୍ମୟୀ ନାୟକ, ସ୍ୱପ୍ନା ପ୍ରଧାନ, ରୋଜାଲିନ୍ ବେହେରା ଓ କ୍ରୀଡ଼ା ଶିକ୍ଷୟିତ୍ରୀ ରୋଜାଲିନ ପ୍ରଧାନ, କନିଷ୍ଠ କିରାଣି ନିରୋଜ କୁମାର ତ୍ରିପାଠୀ ଏବଂ ରାତ୍ର ଜଗୁଆଳି ଅଜିତ କୁମାର ଦାସ, ପାଚିକା ପ୍ରତିମା ଦାସ, ପ୍ରମିଳା ସାହୁ ଓ ରୀନା ବେହେରାଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବନ୍ୟା ମୁକାବିଲା ପାଇଁ ପୁରୀ ଓ ଖୋର୍ଦ୍ଧା ଜଳସେଚନ ବିଭାଗ ସଜାଗ

**କଣାସ,୨୬।୭ (ସମିସ):** କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖା ନଦୀ ରାଜୁଆ, ମକରାରେ ବନ୍ୟାଜଳ ଆସିଲେ ପ୍ରତିବର୍ଷ ପୁରୀ ଓ ଖୋର୍ଦ୍ଧା ଡିଭିଜନ ଜଳସେଚନ ବିଭାଗର ଅଧିକାରୀମାନଙ୍କୁ ନାକେଦମ୍ ହେବାକୁ ପଡ଼ିଥାଏ। ଏପରିକି ପୁରୀର ଜିଲ୍ଲା ମୁଖ୍ୟ ଅଧିକାରୀମାନେ କଣାସରେ ଡେରାପକାନ୍ତି। ପ୍ରତି ବନ୍ୟା ସମୟରେ ଦୟାନଦୀ ବାମପାଶ୍ୱର୍ ବନ୍ଧ ନୂଆହାଟ, ତ୍ରିଲୋଚନପୁର, ଭାଟପଡ଼ା, ବସନ୍ତପୁର, ଡାହଣପାଶ୍ୱର୍ ବନ୍ଧ ମାଟିଆପଡ଼ା, ଯୋରକଣି ଓ ଅନେକ ସ୍ଥାନରେ ଗଳିଆ ପଡ଼ି ହଇଚଇ ସୃଷ୍ଟି କରେ। ଚଳିତ ବର୍ଷ ବନ୍ୟାର ମୁକାବିଲା ପାଇଁ ପୁରୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କୁହନ୍ତି, ବିଭିନ୍ନ ସ୍ଥାନରେ ବାଲିଅଖା, ବହ୍ଲା ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖାଯାଇଛି। ସେହିପରି ଖୋର୍ଦ୍ଧା ଡିଭିଜନ କନିଷ୍ଠ ଯନ୍ତ୍ରୀ ଶ୍ରୀ ମଲ୍ଲିକ କୁହନ୍ତି ଦୟାନଦୀର ଡାହଣ ପାଶ୍ୱର୍, ରାଜୁଆ ନଦୀର ବାମ ପାଶ୍ୱର୍, ଡାହଣ ପାଶ୍ୱର୍, ମକରା ନଦୀର ବାମପାଶ୍ୱର୍ ଓ ଡାହଣପାଶ୍ୱର୍ ନଦୀବନ୍ଧର ସୁରକ୍ଷା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ବାଲିବସ୍ତା ଓ ବହ୍ଲା ଗଚ୍ଛିତ ରଖାଯାଇଛି।

## ୧୦ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହେଲାନି ବିଦ୍ୟୁତ୍ ସବ୍‌ଷ୍ଟେସନ


କଣାସ,୨୬।୭ (ସମିସ)

୧୯୭୫ ମସିହାରେ କଣାସ ବ୍ଲକ୍‌କୁ ଖୋର୍ଦ୍ଧା ଗ୍ରିଡ୍‌ରୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଥିବା ବେଳେ ସେହିଦିନଠାରୁ ବିଭିନ୍ନ ସମସ୍ୟା ଲାଗିରହିଛି। ଯାହାଫଳରେ କଣାସ ବ୍ଲକ୍‌ର ବିଦ୍ୟୁତ୍ ଉପଭୋକ୍ତାମାନେ ଅନେକ ସମୟ ଧରି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର କଣାସଠାରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ୍ ନିର୍ମାଣ ପାଇଁ ଦାବି ହେବା ପରେ କଣାସ ବ୍ଲକ୍ ଯାମଳଗୋଦା ପଞ୍ଚାୟତର ଯାମଳଗୋଦାଠାରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ୍ ନିର୍ମାଣ କରି କଣାସ ଅଞ୍ଚଳରେ ବିଦ୍ୟୁତ୍ ସେବା କ୍ଷେତ୍ରରେ ସୁଧାର ଆଣିବା ଲାଗି ୨୦୧୫ରେ ୩୩/୧୧କେଭି ବିଦ୍ୟୁତ୍ ସବ୍‌ଷ୍ଟେସନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୦ବର୍ଷ ବିତିଯାଇଥିଲେ ମଧ୍ୟ ସବ୍‌ଷ୍ଟେସନ୍ ନିର୍ମାଣ କାର୍ଯ୍ୟ ଅଧୁରା ରହିଯାଇଛି। ଖୋର୍ଦ୍ଧା ଗ୍ରିଡ୍‌ରୁ ତିରିମଲ୍ଲ, ଡେଲାଙ୍ଗ, କଲ୍ୟାଣପୁର ଦେଇ କଣାସ ବିଦ୍ୟୁତ୍ ସବ୍‌ଷ୍ଟେସନ୍‌କୁ ଦୀର୍ଘ ୪୫ କି.ମି. ଦୂରତା ଅତିକ୍ରମ କରି ବିଦ୍ୟୁତ୍ ତାର ଆସିଥିବାରୁ ସାମାନ୍ୟ ପବନ ହେଲେ, ଟିକିଏ ମାତ୍ର ଗଛର ପତ୍ର ଦୋହଲିଲେ କଣାସ ଅଞ୍ଚଳ ଆନ୍ଧାରରେ ରୁହେ। ଯାମଳଗୋଦାଠାରେ ବିଦ୍ୟୁତ୍ ଗ୍ରିଡ୍ ନିର୍ମାଣ ହେବାପରେ ପୁରୀ ବିଦ୍ୟୁତ୍ ଗ୍ରିଡ୍‌ରୁ ବ୍ରହ୍ମଗିରି, ଖଜୁରିଆ ଦେଇ ଯାମଳଗୋଦା ବିଦ୍ୟୁତ୍ ସବ୍‌ଷ୍ଟେସନ୍‌କୁ ବିଦ୍ୟୁତ୍ ସଂଯୋଗ ନେଇ ବିଦ୍ୟୁତ୍ ଅଧିକାରୀମାନେ ପ୍ରସ୍ତାବ ଦେବାରୁ ୨୦୧୫ରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିଛିଦିନ ତଳେ ପୁରୀ ଗ୍ରିଡ୍‌ରୁ ବ୍ରହ୍ମଗିରି ଓ ଖଗୁରିଆ ଦେଇ ଯାମଳଗୋଦା ବିଦ୍ୟୁତ୍ ସବ୍‌ଷ୍ଟେସନ୍‌କୁ ବିଦ୍ୟୁତ୍ ସଂଯୋଗ କରି ପରୀକ୍ଷା କରୁଥିବାବେଳେ ଦେଖାଗଲା ପୁରୀ ବିଦ୍ୟୁତ୍ ଗ୍ରିଡ୍‌ରୁ ଠିକ୍ ଭାବରେ ବିଦ୍ୟୁତ୍ ପହଞ୍ଚିପାରୁ ନାହିଁ।



ଯାମଳଗୋଦାଠାରେ ବିଦ୍ୟୁତ୍ ସବ୍‌ଷ୍ଟେସନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଜଣେ ଉଚ୍ଚ ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ନିର୍ମାଣରେ କେତେକ ବୈଷୟିକ ତ୍ରୁଟି ଯୋଗୁଁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ।

ସୃଜନିକା
ସକାଳ THE SAKALA
www.sakalaepaper.com





# ଏହା ବି ନିଶା ତାହା ବି ନିଶା

ମୂଳ ହିନ୍ଦୀ: ମୁନ୍‌ସୀ ପ୍ରେମଚାନ୍ଦ
ଅନୁବାଦ: ସ୍ନିଗ୍ଧା ନାୟକ

ହୋଲି ଦିନ, ରାୟ ସାହେବ ପଣ୍ଡିତ ଘଷିଟେଲାଲଙ୍କ ବାରହଦରୀରେ ଭାଙ୍ଗ ଛଣା ହେଉଥିବା ବେଳେ, ତତ୍‌କ୍ଷଣାତ ଜଣାପଡ଼ିଲା ଯେ ଜିଲ୍ଲାଧୀଶ ମିଷ୍ଟର ବୁଲ୍ ଆସୁଛନ୍ତି। ବୁଲ୍ ସାହେବ ବହୁତ ମେଳାପୀ ବ୍ୟକ୍ତି ଥିଲେ ଆଉ ଏବେ ନିକଟରେ ବିଲାତରୁ ଆସିଥିଲେ। ଭାରତୀୟ ରୀତିନୀତିର ଜିଜ୍ଞାସୁ ଥିଲେ। ଅନେକ ମେଳାକୁ ଯାଉଥିଲେ। ବୋଧେ ଏଇ ବିଷୟ ଉପରେ କୌଣସି ଏକ ବଡ଼ ପୁସ୍ତକ ଲେଖୁଥିଲେ। ତାଙ୍କ ଆସିବାର ଖବର ପାଉପାଉ ଏଇଠି ବଡ଼ ହଙ୍ଗାମା ହେଲା। ସମସ୍ତେ ନଗ୍ନ ଅନାବୃତ ହୋଇ ଭାଙ୍ଗ ଛାଣୁଥିଲେ। କିଏ ଜାଣିଥିଲା କି ଏଇ ସମୟରେ ସାହେବ ଆସିବେ! ଫୁର୍ କରି ସବୁ ପଳାଇ ଗଲେ, କେହି ଉପରକୁ ଯାଇ ଲୁଚିଗଲା, କେହି ଘରକୁ ପଳାଇ ଗଲା କିନ୍ତୁ ବିଚରା ରାୟ ସାହେବ ଯେଉଁଠିକୁ ସେଇଠି ନିଶ୍ଚଳ ହୋଇ ବସି ରହିଲେ। ଅଧାଘଣ୍ଟା ଉଠିବାକୁ ନିଅନ୍ତି ଆଉ ଘଣ୍ଟାଏରେ ଗୋଟାଏ ପାଦ ରଖନ୍ତି, ଏଇ ଭାଗ ଦୌଡ଼ରେ ସେ କେମିତି ଭାଗନ୍ତେ! ଯେତେବେଳେ ଦେଖିଲେ ଯେ, ଆଉ ତାଙ୍କ ପ୍ରାଣ ବଞ୍ଚିବାର କୌଣସି ଉପାୟ ନାହିଁ ତ ଏମିତି ମୁହଁ ବନେଇ ଦେଲେ ଯେମିତି ଜାଣିଶୁଣି ଏଇ ସ୍ୱଦେଶୀ ଠାଣିରେ ସାହେବଙ୍କ ସ୍ୱାଗତ କରିବାକୁ ବସିଛନ୍ତି। ସାହେବ ବାରଣ୍ଡାକୁ ଆସୁଆସୁ କହିଲେ – "ହେଲୋ,ରାୟ ସାହେବ ଆଜି ତ ଆପଣଙ୍କର ହୋଲି ଅଟେ।"

ରାୟ ସାହେବ ହାତବାନ୍ଧି କହିଲେ - "ହଁ ସରକାର, ହୋଲି ଅଟେ।"

ବୁଲ୍- "ଖୁବ୍ ନାଲିରଙ୍ଗ ଖେଳୁଛ ?"

ରାୟ ସାହେବ – "ହଁ ସରକାର।"

ସାହେବ ପିଚକାରୀ ଉଠେଇ ନେଲେ। ସମ୍ମୁଖ ମାଠିଆରେ ରଙ୍ଗ ରଖା ହୋଇଥିଲା। ବୁଲ୍ ପିଚକାରୀ ଭାରି ନେଇ ପଣ୍ଡିତଜୀଙ୍କ ମୁହଁରେ ଛାଡ଼ିଲେ, ହେଲେ ପଣ୍ଡିତଜୀ ଉଠିଲେ ନାହିଁ।

ଧନ୍ୟ ଭାଗ! କେମିତି ଏ ସୌଭାଗ୍ୟପ୍ରାପ୍ତ ହେଇ ପାରିଛି। ବାଃରେ ହାକିମ ! ଏହାକୁ ପ୍ରଜାବତ୍ସଲ୍ୟ କୁହନ୍ତି। ଆହା ! ଏଇ ସମୟରେ ସେଠ୍ ଜୋଖନରାମ୍ ଥାଆନ୍ତେ ତ ଦେଖାଇ ଦିଅନ୍ତି କି ଏଠି ଜିଲ୍ଲାରେ ଅଫିସର୍ ଏତେ କୃପା କରନ୍ତି। କୁହନ୍ତୁ ଆସିକି ଯେ, ତାଙ୍କ ଉପରେ ଜଣେ ଗୋରା ମଧ୍ୟ ପିଚକାରୀ ମାରିଛନ୍ତି। ଜିଲ୍ଲାଧୀଶଙ୍କ କଥା ହିଁ କ'ଣ, ଏହା ପୂର୍ବ ତପସ୍ୟାର ଫଳ ଅଟେ ଆଉ କିଛି ନୁହଁ। କେହି ପ୍ରଥମେ ଏକ ସହସ୍ର ବର୍ଷ ତପସ୍ୟା କରୁ, ତେବେ ଏହି ପରମ ପଦ ପାଇପାରିବ। ହାତ ଯୋଡ଼ି କହିଲେ – "ଧର୍ମାବତାର, ଆଜି ଜୀବନ ସଫଳ ହେଇଗଲା ଯେ, ସରକାର ହୋଲି ଖେଳିଲେ ତ ମତେ ବି ହୁକୁମ ମିଳୁ ନିଜ ହୃଦୟର ଅଭିଳାଷ ପୂରଣ କରିନେବି।"

ଏହା କହି ରାୟ ସାହେବ ଫଗୁର ଗୋଟାଏ ଟିକା ସାହେବଙ୍କ ମଥାରେ ଲଗାଇଦେଲେ।

ବୁଲ୍ – "ଏହି ବଡ଼ ବେଲାରେ କ'ଣ ରଖାଯାଇଛି, ରାୟ ସାହେବ?"

ରାୟ – "ସରକାର, ଏହା ଭାଙ୍ଗ ଅଟେ। ବହୁତ ବିଧିପୂର୍ବକ ତିଆରି ହେଇଛି ହଜୁର୍।"

ବୁଲ୍ – "ଏହାକୁ ପିଇଲେ କ'ଣ ହେବ ?"

ରାୟ – "ହଜୁରଙ୍କ ଆଖି ଖୋଲିଯିବ। ବଡ଼ ବିଲକ୍ଷଣ ବସ୍ତୁ ଅଟେ ସରକାର।"

ବୁଲ୍ – "ଆମେ ବି ପିଇବା।"

ରାୟ ସାହେବଙ୍କୁ ଜଣାଗଲା ଯେମିତି ସ୍ୱର୍ଗର ଦ୍ୱାର ଖୋଲିଗଲା। ଆଉ ସେ ପୁଷ୍ପକ ବିମାନରେ ବସି ଉପରକୁ ଉଡ଼ିଉଡ଼ି ଚାଲିଛନ୍ତି। ଗ୍ଲାସ୍ ତ ସାହେବଙ୍କୁ ଦେବା ଉଚିତ ନ ଥିଲା, କିନ୍ତୁ କୁଲ୍ହଡ଼୍‌ରେ ଦେବାକୁ ସଙ୍କୋଚ ହେଉଥିଲା। ଶେଷରେ ଅନେକ ଉପର ତଳ ଭାବି ଗ୍ଲାସ୍‌ରେ ଭାଙ୍ଗ ଢାଳିଲେ ଆଉ ସାହେବଙ୍କୁ ଦେଲେ। ସାହେବ ପିଇଗଲେ। ତା' ସୁଗନ୍ଧରେ ଚିତ୍ତ ପ୍ରସନ୍ନ ହେଇଗଲା।

ତା' ପରଦିନ ରାୟ ସାହେବ ଏହି ସାକ୍ଷାତର ଉତ୍ତର ଦେବାକୁ ଗଲେ। ପ୍ରାତଃକାଳ ଜ୍ୟୋତିଷଙ୍କୁ ମୁହୂର୍ତ୍ତ ପଚାରିଲେ। ଠିକ୍ ସମୟରେ ଚାଲିଲେ। ସାହେବ ସେତେବେଳେ ଭୋଜନ କରୁଥିଲେ। ଖବର ପାଉପାଉ ସଲାମ୍ ଦେଲେ। ରାୟ ସାହେବ ଭିତରକୁ ଗଲେ ତ ମଦର ଦୁର୍ଗନ୍ଧରେ ନାକ ଫାଟିବାକୁ ଲାଗିଲା। ବିଚରା ଇଂରାଜୀ ଔଷଧ ପିଉ ନ ଥିଲେ। ନିଜ ଜୀବନରେ ମଦ କେବେ ଛୁଇଁ ନଥିଲେ। ଇଚ୍ଛା ହେଲା ଯେ ସେ ନାକ ବନ୍ଦ କରିଦିଅନ୍ତେ, କିନ୍ତୁ ଭୟ କଲେ ଯେ ସାହେବ ଖରାପ ନ ଭାବନ୍ତୁ! ଶ୍ୱାସ ରୋକି ବସିଥିଲେ। ସାହେବ ଗୋଟିଏ ଚୁସ୍କି ନେଲେ ଆଉ ଗ୍ଲାସ୍‌କୁ ମେଜ ଉପରେ ରଖି କହିଲେ – "ରାୟ ସାହେବ ମୁଁ କାଲି ଆପଣଙ୍କ ଭାଙ୍ଗ ପିଇଗଲି, ଆଜି ଆପଣଙ୍କୁ ଆମର ଭାଙ୍ଗ ପିଇବାକୁ ପଡ଼ିବ। ଆପଣଙ୍କ ଭାଙ୍ଗ ବହୁତ ଭଲ ଥିଲା। ମୁଁ ବହୁତ ଖାଦ୍ୟ ଖାଇଗଲି।"

ରାୟ – "ହଜୁର୍ ! ଆମେମାନେ ମଦକୁ ହାତରେ ବି ଛୁଉଁନା, ଆମ ଶାସ୍ତ୍ର ଏହାକୁ ଛୁଇଁବା ବି ପାପ ବୋଲି କହିଛି।"

ବୁଲ୍ ହସିକି କହିଲେ – "ନାଇଁ, ନାଇଁ ଆପଣଙ୍କୁ ପିଇବାକୁ ପଡ଼ିବ ରାୟ ସାହେବ! ପାପପୁଣ୍ୟ କିଛି ନୁହେଁ। ଏହା ଆମର ଭାଙ୍ଗ ଅଟେ। କିଛି ଫରକ୍ ନାହିଁ, ସେଥିରେ ବି ନିଶା ହୁଏ, ଏଥିରେ ବି ନିଶା ହୁଏ, ପୁଣି ଫରକ୍ କେମିତି ?"

ରାୟ – "ନା' ଧର୍ମାବତାର, ମଦକୁ ଆମର ଏଠି ବର୍ଜିତ କରାଯାଇଛି।"

ବୁଲ୍ – "ଏମିତି କେବେ ହେଇ ପାରେନା। ଶାସ୍ତ୍ର ମନା କରିବ ତ ଏହାକୁ ବି ମନା କରିବ, ସେଇଟାକୁ ବି ମନା କରିବ। ଆପଣ ଏହାକୁ ପିଅନ୍ତୁ। ଡରନ୍ତୁ ନାହିଁ, ବହୁତ ବଢ଼ିଆ ଅଟେ।" ଏହା କହି ସାହେବ ଗୋଟାଏ ଗ୍ଲାସ୍‌ରେ ମଦ ଢାଳି ରାୟ ସାହେବଙ୍କ ମୁହଁରେ ଲଗାଇଦେଲେ। ରାୟ ସାହେବ ମୁହଁ ଫେରାଇ ନେଲେ ଆଉ ଆଖି ବନ୍ଦ କରି ଦି' ହାତରେ ସାହେବଙ୍କ ହାତକୁ ହଟାଇବାକୁ ଲାଗିଲେ। ସାହେବଙ୍କୁ ଏ ରହସ୍ୟ ବୁଝା ପଡୁନଥିଲା। ସେ ଏଇୟା ବୁଝୁଥିଲେ ଯେ ସେ ଡରିଯାଇ ପିଉ ନାହାନ୍ତି। ନିଜ ମଜଭୁତ ହାତରେ ରାୟ ସାହେବଙ୍କ ବେକ ଧରିଲେ ଆଉ ଗ୍ଲାସ୍‌କୁ ମୁହଁ ଆଡ଼କୁ ବଢ଼ାଇଲେ। ରାୟ ସାହେବଙ୍କୁ କ୍ରୋଧ ଆସିଲା। ସେ ସମ୍ମାନ ସହିତ ସବୁ କିଛି କରି ପାରିବେ, କିନ୍ତୁ ଧର୍ମ ଛାଡ଼ିପାରିବେ ନାହିଁ। ଟିକିଏ କଠୋର ସ୍ୱରରେ କହିଲେ – "ହଜୁର୍, ଆମେ ବୈଷ୍ଣବ ଅଟୁ। ଆମେ ଏହାକୁ ଛୁଇଁବା ବି ପାପ ଭାବୁ।"

ରାୟ ସାହେବ ଏହା ପରେ ଆଗକୁ ଆଉ କିଛି କହି ପାରିଲେନି। କିଛି କ୍ଷଣ ପରେ ପୁଣି କହିଲେ – "ହଜୁର୍ ଭାଙ୍ଗ ପବିତ୍ର ବସ୍ତୁ ଅଟେ। ଋଷି,ମୁନି,ସାଧୁ, ମହାତ୍ମା,ଦେବୀ,ଦେବତା ସମସ୍ତେ ଏହାକୁ ସେବନ କରନ୍ତି। ସରକାର ଆମର ଏଠି ଏହାର ବଡ଼ ମହିମା ଲେଖା ଅଛି। କିଏ ଏମିତି ପଣ୍ଡିତ ଅଛି, ଯିଏ ବୁଟି ଛାଣି ନ ଥିବ। କିନ୍ତୁ ସରକାର ମଦର ନାମ ନେବା ବି ଆମେ ପାପ ମଣୁ।"

ବୁଲ୍ ଗ୍ଲାସ୍ ହଟାଇ ନେଲେ। ଆଉ ଚୌକି ଉପରେ ବସି କହିଲେ - "ତୁମେ ପାଗଳ ଭଳି କଥାବାର୍ତ୍ତା କରୁଛ। ଭାଙ୍ଗ ଓ ମଦ ଦିଟାକୁ ଧର୍ମଗ୍ରନ୍ଥ ଖରାପ କୁହେ। ତୁମେ ତାକୁ ଠିକ୍ ଭାବେ ବୁଝିନ। ନିଶାକୁ ତ ଏଥିପାଇଁ ସାରା ଦୁନିଆ ଖରାପ କୁହେ, କାରଣ ଏହାଦ୍ୱାରା ମଣିଷର ବିବେକ ମରିଯାଏ। ତେବେ ଭାଙ୍ଗ ପିଇବା ଦ୍ୱାରା ପଣ୍ଡିତ ଆଉ ଦେବତା ଲୋକଙ୍କ ବିବେକ କେମିତି ମରେନି! ଏହା ଆମେ ବୁଝି ପାରୁନି, ତୁମର ପଣ୍ଡିତ ଲୋକେ ଭାଙ୍ଗ ପିଇ ରାକ୍ଷସ କାହିଁକି ହୁଅନ୍ତି ନାହିଁ ! ମୁଁ ବୁଝୁଛି ଯେ, ତୁମର ପଣ୍ଡିତ ଲୋକ ଭାଙ୍ଗ ପିଇ ଶେଷ ହେଇଗଲେଣି। ତେବେ ତ ସେମାନେ କୁହନ୍ତି ଏଇଟା ଅଛୁତ, ସେ ଅପବିତ୍ର, ରୁଟି ଖାଇବୁନି, ମିଠାଇ ଖାଇବୁ। ଆମେ ଛୁଇଁ ଦେବୁ ତ ତୁମେ ପାଣି ପିଇବନି। ଏହି ସବୁ ବେକାର ଲୋକଙ୍କ କଥା। ଆଚ୍ଛା ସଲାମ୍ !"

ରାୟ ସାହେବଙ୍କ ଦେହରେ ଜୀବନ ଆସିଲା। ପଡ଼ିଉଠି ବାରଣ୍ଡାକୁ ଆସିଲେ, ଆଉ ଗାଡ଼ିରେ ବସି ଘର ଆଡ଼କୁ ଚାଲିଲେ। ■

ସୁନ୍ଦରଗଡ଼
ମୋ: ୯୫୭୧୦୩୩୨୭୯

# କବିତା ଆଉ ମୋ ଭିତରେ

ଉଦାସପଣ କେତେ ଯେ ସୁନ୍ଦର
ବରଷକ ଯାକ କବିତା ବୁଝାଇଲା
ନିଶୂନ ସଡ଼କରେ ନେଇ ବୁଲାଇଲା
ସନ୍ତପ୍ତ ଦୁନିଆ, ଉଦାସୀ ଚେହେରାର
କାହାଣୀ ଶୁଣାଇ

ଗଛତଳେ ବସାଇ
ବିଛେଇ ପଡ଼ିଥିବା ପତ୍ରମାନଙ୍କୁ
ପାପୁଲିରେ ଧରି
ପତ୍ରଝଡ଼ାର ନିଷ୍କର୍ଷ ବିଷୟରେ କୁହେ
ହସୁଥିବା ଲୋକମାନଙ୍କୁ ପଚାରିବାକୁ କହେ
ଅସମୟରେ କାହିଁକି ଯେ ହସୁଛନ୍ତି
ତାଙ୍କ ପାଖରେ ହସିବାର ସମୟ ଅଛି କି?
ଯେତେବେଳେ କି ପିଠି ପଛରେ ଆସୁଥାଏ
କ୍ରନ୍ଦନ-ଚିତ୍କାର-ହାହାକାର
ଆଲିଙ୍ଗନବଦ୍ଧ ଫୁସୁରୁଫାସର ପ୍ରେମ କରୁଥିବା
ଯୋଡ଼ିଙ୍କୁ ପଚାର
ତାଙ୍କୁ ଟିକିଏ ବି ଚିନ୍ତା ଅଛି
କାଲିର ପାଗ
ପ୍ରାଣଘାତକ ହୋଇପାରେ

ପଚାର ପଚାର ତାଙ୍କୁ ଯେଉଁମାନେ ଖୁସିରେ ଡେଇଁ
ତାଳି ମାରୁଛନ୍ତି, ସେମାନେ ଜାଣନ୍ତିନି କି?
ଚଳପ୍ରଚଳ ନିଃଶ୍ୱାସର କ'ଣ ବା ଭରସା
କେତେବେଳେ ବି ଅଟକି ଯାଇପାରେ ଆଉ ବାଲି ଘର ପରି
ଦେଖୁ ଦେଖୁ ଭୁଷୁଡ଼ି ପଡ଼ିବ ସମ୍ପୂର୍ଣ୍ଣ କୋଠାଘର
ପାରୁଛ ଯଦି ସମୟ ବଞ୍ଚାଅ
ପାରୁଛ ଯଦି ପ୍ରତି ପାହୁଣ୍ଡକୁ ପରୀକ୍ଷା କର
ଏସବୁ କି ରାସରଙ୍ଗ ଯେଉଁଠି ମିନିଟ୍‌ରେ ଯିବା ଆସିବା ନିର୍ଦ୍ଧାରିତ
ଦିନେ ମୁଁ ପଚାରି ବସିଲି
କ'ଣ ପାଇଁ ବସନ୍ତକୁ ମୁଁ ଜୀବନର
ନିଷ୍କର୍ଷ ବୋଲି ମାନିନେବି
ଯେତିକି ସତ୍ୟ ପତ୍ରଝଡ଼ା, ସେତିକି ବସନ୍ତ ବି
ଜୁଇ ନିଆଁ ଶୀତଳ ନ ହେଲେ ବି ଜନ୍ମ ବା କେଉଁଠି ଅଟକିଛି?
ବିୟୋଗ ଯଦି ସଦାସର୍ବଦା ତ ପ୍ରେମ କେଉଁଠି ନ ଫୁଟେ?
ଲକ୍ଷେ ସ୍ୱପ୍ନର ଅକାଳ ମୃତ୍ୟୁ ହେଲେ ବି
ଏଠାରେ ପ୍ରତ୍ୟେକ ପତ୍ର ସ୍ୱପ୍ନରେ କେଉଁ କ୍ଷଣେ ଯେ ବଞ୍ଚିନାହାନ୍ତି

ବଞ୍ଚିବି ଯେତେଦିନ
ରହିବି ବସନ୍ତ ସହିତ
ବନ୍ଧୁଗଣ, ଏ ତର୍କ ବିତର୍କ ଏଯାବତ୍ ଚାଲିଛି
କବିତା ଓ ମୋ ଭିତରେ। ■



ମୂଳ ହିନ୍ଦୀ: ରାଜକିଶୋର ରାଜନ
ଅନୁବାଦ: ଅଞ୍ଜୁମନ ଆରା



# ଦୁଃଖ

ତୁମ ଯିବାର ଦୁଃଖ ନାହିଁ
ମୋତେ ଛାଡ଼ି
ତୁମର ଯିବା ସୁନିଶ୍ଚିତ ଥିଲା
ତୁମକୁ କୋଉ କହିପାରିଲି
ତୁମେ ଅଛ ବୋଲି ଏ ଦୁନିଆ
ବଞ୍ଚିବା ପାଇଁ ଉପଯୁକ୍ତ

ଦିନେ ନା ଦିନେ ଏ ଦୁନିଆ
ତୁମ ପରି ସୁନ୍ଦର ହେବ
ଯଦିଓ ତାକୁ ଦେଖିବା ପାଇଁ
ମୁଁ ନଥିବି। ■

ହିନ୍ଦୀ ବିଭାଗ, ପ୍ରଫେସର ଏବଂ ଅଧ୍ୟକ୍ଷ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
କଟକ-୭୫୩୦୦୩
ମୋ: ୯୪୩୮ ୬୨୯୭୮୬

# ରବର୍ଟ ଫ୍ରଷ୍ଟଙ୍କ କବିତାରେ ଜୀବନର ଅନ୍ୱେଷା

ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର



ଇଂରାଜୀ ସାହିତ୍ୟର ଆଧୁନିକ ଯୁଗର ଚର୍ଚ୍ଚିତ ତଥା ପ୍ରତିଭାବାନ କବି ହେଉଛନ୍ତି ରବର୍ଟ ଲି. ଫ୍ରଷ୍ଟ (୧୮୭୪-୧୯୬୩)। ଆମେରିକାର ଏହି ଜନପ୍ରିୟ କବି ପାରିବାରିକ ଦୁରାବସ୍ଥା ଭିତରେ ମଧ୍ୟ କାଳଜୟୀ ସାହିତ୍ୟ ସୃଷ୍ଟି କରି ଯଥେଷ୍ଟ ସ୍ୱୀକୃତି ପାଇଛନ୍ତି। ପ୍ରକୃତିର ବିବିଧ ସୌନ୍ଦର୍ଯ୍ୟ ପ୍ରତି ସମର୍ପିତ ତାଙ୍କ କବିତାରେ ବାସ୍ତବବାଦୀ ସ୍ୱର ମଧ୍ୟ ଦେଖିବାକୁ ମିଳିଥାଏ। ଗ୍ରାମୀଣ ଜୀବନ, ସାଧାରଣ ଲୋକଙ୍କ କଥା ତଥା ଜୀବନ ଜଟିଳତାର ସରଳ ଚିତ୍ରଣ ଯୋଗୁଁ କବିତାଗୁଡ଼ିକ ଲୋକପ୍ରିୟ ହୋଇଥାଏ।

ମନୋରମ ପ୍ରକୃତି ମଧ୍ୟରେ ମାନବିକ ପ୍ରକ୍ରିୟା ଓ ମାନବ-ପ୍ରାଣରେ ପ୍ରକୃତିର ଅପରୂପ ପ୍ରଭାବ ହିଁ ପ୍ରକୃତି କବି ୱିଲିୟମ୍ ୱାର୍ଡସୱର୍ଥଙ୍କ ସାହିତ୍ୟର ଅନ୍ତଃସ୍ୱର। ତେବେ ଅନ୍ୟତମ ପ୍ରକୃତି କବି ରବର୍ଟ ଫ୍ରଷ୍ଟ ତାଙ୍କ ସାହିତ୍ୟରେ ପ୍ରକୃତିର ବାସ୍ତବ ଦିଗକୁ ଆକଳନ କରିପାରିଛନ୍ତି। ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟରେ ସେ କେବଳ ବିଭୋର ହୋଇ ନାହାନ୍ତି। ଏହାର ଅନ୍ଧାର ଦିଗକୁ ମଧ୍ୟ ଦେଖିବାରେ ସମର୍ଥ ହୋଇଛନ୍ତି। ଏଭଳି ଏକ ବଳିଷ୍ଠ କବିତା ହେଉଛି 'Stopping by Woods on a snowy evening'। ଏକଦା ରାସ୍ତାରେ ଯାଉଥିବା ବେଳେ ଘୋଡ଼ାରୁ ଓହ୍ଲାଇ ବରଫାବୃତ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କବି ଅଟକିଛନ୍ତି। କିନ୍ତୁ ଘୋଡ଼ା ଏହାକୁ ପସନ୍ଦ କରି ନାହିଁ। ତା'ର ବେକର ଘଣ୍ଟିକୁ ହଲାଇ ସତର୍କ କରୁଛି, ଆହୁରି ଆଗକୁ ଯିବା ପାଇଁ। ମଣିଷ ମନର ଇଚ୍ଛା ବିରୁଦ୍ଧରେ ଘୋଡ଼ା ରୂପୀ ବିବେକର ସତର୍କ ଘଣ୍ଟି ବାଜୁଛି। ଅଭିଭୂତ ମଧ୍ୟରେ ସଚେତନତା ନିଜକୁ ନୂତନ ଭାବରେ ଅବିଷ୍କାର କରିବାର ପ୍ରାଜ୍ଞବୋଧ ସୃଷ୍ଟି ହୋଇଛି। ବହୁ ଲୋକଙ୍କ ପସନ୍ଦ ହୋଇଥାଏ ଜୀବନର ଦର୍ଶନ ଆଧାରିତ ଏହି କବିତାର ଶେଷ ପଂକ୍ତି "The woods are lovely, dark and deep..." ଓଡ଼ିଆ କବି ମାୟାଧର ମାନସିଂହଙ୍କ ଭାଷାରେ କବିଙ୍କ ଏହି ଶେଷ ପଂକ୍ତି ହେଉଛି-

"ସୁନ୍ଦର ଯେତିକି ଅନ୍ଧାର ସେତିକି
ଏହି ଯେ ଗହନ ବନ।
ତେଣୁ ତୁ ଆପଣା ସଂକଳ୍ପେ ଅଟଳ
ଅଚଳ ରହରେ ମନ।
ଆଗକୁ ପଡ଼ିଛି ପଥ ବହୁଦୂର
ଆହୁରି କେତେ ଯେ ବାକି।
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ଆଗରୁ ଆଖି।"

ସେହିପରି କବିଙ୍କ ଜୀବନଧର୍ମୀ ଅନ୍ୟତମ କବିତା 'The road not taken' ମଣିଷ ଜୀବନର ମହାମନ୍ତ୍ର ଅଟେ। ବିଭକ୍ତ ହୋଇ ଦୁଇଟି ରାସ୍ତା ଜଙ୍ଗଲକୁ ପ୍ରବେଶ କରିଥିବା ବେଳେ ସ୍ୱଳ୍ପ ବ୍ୟବହୃତ ତଥା କଷ୍ଟକର ରାସ୍ତାକୁ କବି ଆପଣେଇଛନ୍ତି। ଜଟିଳ ରାସ୍ତାରେ ମଧ୍ୟ ଜୀବନର ଦୁଃସାହସିକତା ଅନୁଭବ କରିହୁଏ ଓ ସଫଳତା ମିଳିଥାଏ। ଏମିତି ମଣିଷ ଜୀବନରେ ଅନେକ ଦୋଛକି ଆସିଥାଏ। ନିର୍ଦ୍ଦିଷ୍ଟ ପସନ୍ଦକୁ ବାଛିବା କଷ୍ଟକର ହୋଇଥାଏ। ଜୀବନରେ ଗତିପଥକୁ ନିରୂପଣ କରିବା ପାଇଁ ସମ୍ମୁଖୀନ ହେଉଥିବା ଦ୍ୱନ୍ଦ୍ୱ କବିତାର ମୁଖ୍ୟ ଦିଗ ଅଟେ। କବିଙ୍କ ଆହୁରି ଏକ ପ୍ରତୀକଧର୍ମୀ କବିତା ହେଉଛି 'Fire & Ice'। କବି କହୁଛନ୍ତି, ଯଦି ପୃଥିବୀ ଧ୍ୱଂସ ହେବ ତା' ହେଲେ ଉତ୍ତପ୍ତ ଅଗ୍ନିରେ କିମ୍ବା ଜମାଟ ବାନ୍ଧିଥିବା ଶୀତଳ ବରଫରେ। ମଣିଷ ଅଧିକ ପାଇବାର ଇଚ୍ଛା ଅଥବା କାମନା ରୂପକ ଉତ୍ତାପ ହିଁ ସମାଜକୁ ଧ୍ୱଂସ କରିବ। ଠିକ୍ ସେହିପରି ବରଫ ଭଳି ଜମାଟ ବାନ୍ଧିଥିବା ମଣିଷ ମନର ଘୃଣା ସମାଜକୁ ରସାତଳଗାମୀ କରିବ। ତେଣୁ ଇଚ୍ଛା-ଅନିଚ୍ଛା, ପ୍ରେମ-ଘୃଣା ଆଦି ଯେ କୌଣସି ବିଷୟ ହେଉ ଜୀବନରେ ସମତୁଲ ରଖିବା ହିଁ ଜୀବନ ଜୀଇଁବାର ମନ୍ତ୍ର ଅଟେ। ସୁଖ-ଦୁଃଖ, ଆଲୁଅ-ଅନ୍ଧାର, ଆଶା-ନିରାଶାକୁ ନେଇ ମଣିଷ ଜୀବନ। ତେଣୁ ସବୁବେଳେ ଜଟିଳ ମିଶ୍ରିତ ବାସ୍ତବବାଦ, ନୈରାଶ୍ୟବାଦ ସହ ଅଦ୍ୱିତୀୟ ଆଶାବାଦ ହିଁ କବିଙ୍କ ସାହିତ୍ୟର ଦର୍ଶନ ଅଟେ। "ପାଚେରୀ ଭଲ ଥିଲେ ପଡ଼ୋଶୀ ଭଲ ରୁହନ୍ତି" ମାନସିକତାରେ ପରିବର୍ତ୍ତନ ଆଣିଛନ୍ତି ଲେଖକ। ମଣିଷର ଆଚରଣ ଭଲ ଥିଲେ କୌଣସି ପାଚେରୀର ଆବଶ୍ୟକତା ରହିବ ନାହିଁ ବୋଲି ତାଙ୍କ କବିତା 'Mending Wall' ବାର୍ତ୍ତା ଦେଇଥାଏ। ଭାଇ-ଭାଇ, ପାଖ-ପଡ଼ୋଶୀ କି ପରସ୍ପର ମଧ୍ୟରେ ସଂପର୍କର ତିକ୍ତତା, ଅହଂ ପ୍ରତିଦ୍ୱନ୍ଦ୍ୱିତା ଏକ ଧ୍ୱଂସାଭିମୁଖୀ ବିଶ୍ୱକୁ ଆମନ୍ତ୍ରିତ କରୁଥିବା ସମାଜ ପାଇଁ କବିତାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି। ଲୋକ ଗହଣରେ ଥାଇ ମଧ୍ୟ ସାଂପ୍ରତିକ ସମାଜରେ ନିଃସ୍ୱ, ନିଃସଙ୍ଗ, ନିରାଶା ତଥା ଏକାକୀତ୍ୱ ହେଉଥିବା ସ୍ୱଙ୍ଗ ନିର୍ଯାତନା ମଣିଷ ଜୀବନକୁ ନଷ୍ଟ ଭ୍ରଷ୍ଟ କରୁଛି। ଅନେକ ଯୁବପିଢ଼ି ଏହାର ଶିକାର ହେଉଛନ୍ତି। ଏଭଳି ସ୍ଥିତିରେ କବିଙ୍କ ସନେଟ୍ 'Acquainted with the Night' ଏକ ସଫଳ ବାର୍ତ୍ତା ଅଟେ।


ଚିନ୍ତା-ଚେତନା, ବାସ୍ତବ-କଳ୍ପନା, ସ୍ୱପ୍ନ-ସମ୍ଭାବନା ମଧ୍ୟରେ ଥିବା ବ୍ୟବଧାନକୁ ଦେଖିପାରିଛନ୍ତି କବି ରବର୍ଟ ଫ୍ରଷ୍ଟ। ଗୋଟିଏ ଆକାଶରେ ଚନ୍ଦ୍ର ଓ ସୂର୍ଯ୍ୟ ଥାଆନ୍ତି, ତଫାତ୍ ହେଉଛି ଦିନ ଓ ରାତି। ଠିକ୍ ସେହିପରି ଗୋଟିଏ ଶରୀରରେ କାମନା ବାସନାର ଲାଳସା ଓ ତୁଳସୀର ପବିତ୍ରତା ବି ପୂର୍ଣ୍ଣ ହୋଇଥାଏ, କିନ୍ତୁ ଫରକ୍ ହେଉଛି ମନ ଓ ବିବେକ। ମନ ଓ ବିବେକ ମଧ୍ୟରେ ଅନବରତ ସଂଗ୍ରାମ ଚାଲିଛି। ବିବେକ ହାରିଗଲେ ଅଭ୍ୟାସ କାବୁ କରିବ ଓ ମନ ହାରିଗଲେ ମଣିଷ ଅଭ୍ୟାସକୁ ମାରି ପାରିବ। ଆଜି ଏ ଦୋ ଛକିରେ ସମଗ୍ର ମଣିଷ ସମାଜ। ରାଜନୀତିର ଷଡ଼ଯନ୍ତ୍ରରେ ବିବସନା ହେଉଥିବା ଦ୍ରୌପଦୀ ବି ଦୋଛକିରେ ଥିଲେ, କିନ୍ତୁ ସଂଗ୍ରାମ କରିବାର ବଜ୍ର ଶପଥ ଗ୍ରହଣ କରିଥିଲେ। ଦିନେ ଅର୍ଜୁନ ବି ମହାଭାରତ ଯୁଦ୍ଧର ଦୋ ଛକିରେ ଛିଡ଼ା ହୋଇଥିଲେ। ଭଗବାନ ଶ୍ରୀକୃଷ୍ଣ କହିଥିଲେ- କର୍ମଣ୍ୟେ ବାଧିକାରସ୍ତେ... । ପଦ୍ମପତ୍ରର ଲିପ୍ତତା ଓ ନିର୍ଲିପ୍ତତା ଭଳି ବିକାର ଭିତରେ ନିର୍ବିକାର ଓ ନିର୍ଲିପ୍ତ ଖୋଜିବାକୁ ହେବ। ସରଳ ରେଖାରେ ନୁହେଁ, ଇସିଜି ପରୀକ୍ଷା କରୁଥିବା ଡାକ୍ତରଙ୍କ ଅଙ୍କାବଙ୍କା ଗାରରେ ହିଁ ଜୀବନ ଥାଏ। ତେଣୁ ବାସ୍ତବବାଦୀ କବି ରବର୍ଟ ଫ୍ରଷ୍ଟଙ୍କ କବିତାର ଜୀବନ ଦର୍ଶନ ହିଁ ସମୟର ଆହ୍ୱାନ ଅଟେ। ■

ବରଗଡ଼
ମୋ: ୯୩୮୨୭୭୬୩୫

# ପୁସ୍ତକ ପରିଚୟ

## ଅମୃତପୁରୁଷ ଶ୍ରୀଜଗନ୍ନାଥ

ସଂକଳନ ଓ ସଂପାଦନା
ପୀତବାସ ରାଉତରାୟ



ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ
ପିପିଏଲ୍ ହାଉସିଂ କଲୋନୀ, ଖଣ୍ଡଗିରି ଛକ
ଭୁବନେଶ୍ୱର-୧୯
ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ: ୨୦୨୫
ମୂଲ୍ୟ: ୪୦୦ ଟଙ୍କା

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର। ଶ୍ରୀମନ୍ଦିରରେ ବିରାଜିତ ଦେବଦେବୀଙ୍କ ପୂଜାପାର୍ବଣ, ବସନ, ଭୂଷଣ, ଭୋଗ, ସେବା କାର୍ଯ୍ୟରେ ସମର୍ପିତ ଅନେକ ସେବକ। ଶ୍ରୀଜୀଉଙ୍କ ସେବାରେ ସମର୍ପିତ ସେଭଳି କିଛି ସେବକଙ୍କ ଅନୁଭୂତି ଓ ଅନୁଭବକୁ ନେଇ ପୀତବାସ ରାଉତରାୟଙ୍କ ସଂପାଦନାରେ ପ୍ରକାଶ ପାଇଛି 'ଅମୃତପୁରୁଷ ଶ୍ରୀଜଗନ୍ନାଥ' ପୁସ୍ତକ। ଶ୍ରୀମନ୍ଦିରର ସେବାୟତଙ୍କ ନିଆରା ଅନୁଭୂତି, ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରଚିତ କେତୋଟି ହୃଦୟସ୍ପର୍ଶୀ ଗପ, କବିତା, ପ୍ରବନ୍ଧ, ସ୍ମୃତିକଥା, ସାକ୍ଷାତକାର ସଂକଳିତ ହୋଇଛି। ଦେଉଳ ପୁରୋହିତ ସିଦ୍ଧେଶ୍ୱର ମହାପାତ୍ର, ବଡ଼ୁସୁଆର ସେବକ ବିଶ୍ୱନାଥ ସାମନ୍ତରା, ଚୁନରା ସେବକ ଶରତ କୁମାର ମହାନ୍ତି, ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର, ଗରାବଡୁ ସେବକ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ଶ୍ରୀଜଗନ୍ନାଥଙ୍କ କରଣ ସେବକ ରବିନାରାୟଣ ଦାସ, ଦଇତାପତି ସୁଦର୍ଶନ ଦାସମହାପାତ୍ର ପ୍ରମୁଖ ସେବକଙ୍କ ଅନନ୍ୟ ଅନୁଭୂତି ପ୍ରକାଶ ପାଇଛି ଏହି ପୁସ୍ତକରେ। ସେହିପରି ବଳଦେବ ମହାରଥାଙ୍କ 'ଅମୃତପୁରୁଷ ଏକ ଅତିବାସ୍ତବ ପରିକଳ୍ପନା', ରଜତ କୁମାର କରଙ୍କ 'ଜଗନ୍ନାଥଙ୍କୁ ଜର', ଅଚ୍ୟୁତାନନ୍ଦ ପତିଙ୍କ 'ସବୁ କରାଉଥିବାର ଠାକୁର' ପ୍ରଭୃତି ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକଟି ଜଗନ୍ନାଥପ୍ରେମୀଙ୍କୁ ଭକ୍ତିଭାବରେ ତଲ୍ଲୀନ କରିବ ନିଶ୍ଚୟ। ■

## ପାପ ଓ ଅନ୍ୟାନ୍ୟ ଗଳ୍ପ

ପ୍ରଦ୍ୟୁମ୍ନ ପଟ୍ଟନାୟକ




ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର
ଭୁବନେଶ୍ୱର-୦୧
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୨୫ ଟଙ୍କା

ଜୀବନର କିଛି କଥା ଓ ବ୍ୟଥାରେ ଯେତେବେଳେ କଳ୍ପନାର ରଙ୍ଗ ବୋଳି ଦିଆଯାଏ, ସେଇଠି ସୃଷ୍ଟି ହୁଏ ଏକ ମନଛୁଆଁ ଗପ। ଜୀବନର ଏଭଳି କିଛି ନିଆରା ଅନୁଭୂତି ଓ ଅନୁଭବକୁ ନେଇ ପ୍ରକାଶ ପାଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକ। ଏହି ପୁସ୍ତକରେ ମୋଟ ୧୭ଟି ଗପ ସଂକଳିତ ହୋଇଛି। 'ପାପ', 'ଜନ୍ମାନ୍ତର', 'ବୁଝାମଣାର ଜୀବନ', 'ପ୍ରଶ୍ନବାଚୀ', 'ଅବିଶ୍ୱାସ', 'ସାୟାହ୍ନର ବର୍ଣ୍ଣବିଭା', 'ଲେଉଟାଣି', 'ନିଖୋଜ' ପ୍ରଭୃତି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଜୀବନର କିଛି ଅଭୁଲା ମୁହୂର୍ତ୍ତ, ଘଟଣା, ବାସ୍ତବ ଚରିତ୍ରକୁ ଆଧାର କରି ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ। ମଣିଷର ସବୁ କିଛି ଥିଲେ ମଧ୍ୟ କେବେ କେବେ ଜୀବନ ନିଃସଙ୍ଗ ମନେ ହୁଏ – ଏଭଳି ଏକ ବାସ୍ତବ କଥା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ ହୋଇଛି 'ନିଃସଙ୍ଗ ଜୀବନ' ଗପରେ। ରୁପା ଓ ମୁକୁନ୍ଦ ମାଷ୍ଟ୍ରେ ଚରିତ୍ର ଭିତରେ ଏହି ନିଃସଙ୍ଗ ଜୀବନକୁ ପାଠକମାନେ ଅନୁଭବ କରିପାରିବେ। ସେହିପରି ମଣିଷ – ମଣିଷ ମଧ୍ୟରେ ଆକର୍ଷଣରେ ନଥାଏ ବୟସ ବା ପଦପଦବିର ତାରତମ୍ୟ ନଥାଏ। ଏହା ପ୍ରମାଣିତ ହୋଇଛି 'ଆକର୍ଷଣ' ଗପର 'ଅଙ୍କିତା ମାଡାମ୍' ଓ 'ଅମର'ଙ୍କ ସମ୍ବନ୍ଧରୁ। ମାନବୀୟ ସଂପର୍କ, ମଣିଷର ସୁଖ-ଦୁଃଖ, ଆବେଗ-ଅନୁରାଗ, ଭୋଗ-ଅନିଭୋଗ, ସାମାଜିକ ବାସ୍ତବତାକୁ ଅତି ଚମତ୍କାର ଭାବେ ଗାଳ୍ପିକ ଏହି ପୁସ୍ତକର ଗପଗୁଡ଼ିକରେ ବର୍ଣ୍ଣନା କରିଛନ୍ତି। 'ପାପ ଓ ଅନନ୍ୟା ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଚେତନାର ଚିତ୍ରଲିପି

ଲକ୍ଷ୍ମୀପ୍ରିୟା ପୃଷ୍ଟି



ବନଫୁଲ
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର-୧୯
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଗରମ ଜାଉରୁ ଶିବେଇ ସାନ୍ତରା/ ଶିଖିଲେ ମନ୍ଦିର ଗଢ଼ି,/ ଯେଉଁ ମନ୍ଦିରରେ ରହିଥିଲା ଶିଳ୍ପୀ/ ଜୀବନ ଯନ୍ତ୍ରଣା ଜଡ଼ି।" (କଳ୍ପନାର କୋଣାର୍କ) ବିଶ୍ୱ ବିଖ୍ୟାତ କୋଣାର୍କର ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟ ଯେଭଳି ପର୍ଯ୍ୟଟକଙ୍କୁ ଅଭିଭୂତ କରେ, ସେହିପରି ଏହି ମନ୍ଦିର ନିର୍ମାଣ ପଛର ଇତିହାସ ଆଶ୍ଚର୍ଯ୍ୟଚକିତ କରେ। କୋଣାର୍କ ମନ୍ଦିରର ଇତିହାସ, ସୂକ୍ଷ୍ମ କାରୁକାର୍ଯ୍ୟ, ଶିଳ୍ପୀମାନଙ୍କ ଜୀବନଯନ୍ତ୍ରଣା ଅତି ହୃଦୟସ୍ପର୍ଶୀ ଭାବେ ପ୍ରକାଶ ପାଇଛି ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କ 'ଚେତନାର ଚିତ୍ରଲିପି' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକର କବିତାଗୁଡ଼ିକକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗ 'କଳ୍ପନାର କୋଣାର୍କ'ରେ ଏକାବନଟି ଓ ଦ୍ୱିତୀୟ ଭାଗ 'ଏକପଦୀ'ରେ ୨୬୪ଟି ମନଛୁଆଁ ଏକପଦୀ କବିତା ସଂକଳିତ ହୋଇଛି। 'କଳ୍ପନାର କୋଣାର୍କ'ରେ କୋଣାର୍କର ମନ୍ଦିର ନିର୍ମାଣଠାରୁ ଆରମ୍ଭ କରି ଭଗ୍ନସ୍ତୁପ ପାଲଟିବା ପର୍ଯ୍ୟନ୍ତ ଅତି ଚମତ୍କାର ଭାବେ କବି ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ଭାଗର ଏକପଦୀଗୁଡ଼ିକରେ ଋତୁ ବର୍ଣ୍ଣନା, ପ୍ରାକୃତିକ ସୌନ୍ଦର୍ଯ୍ୟ, ଈଶ୍ୱର ଭକ୍ତି, ମାନବୀୟ ପ୍ରେମ, ଜୀବନବୋଧ, ମୃତ୍ୟୁଚେତନା, ନିଃସଙ୍ଗବୋଧ ଆଦି ପ୍ରତିଫଳିତ ହୋଇଛି। କମ୍ ଶବ୍ଦ, ସରଳ ଭାଷା ଓ ନିରାଡ଼ମ୍ବର ଶୈଳୀରେ ନିଜର ଭାବକୁ କବି ପ୍ରକାଶ କରିଛନ୍ତି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନଛୁଆଁ ହୋଇପାରିବ ବୋଲି ଆଶା କରାଯାଏ। ■

# ଅନ୍‌ଲାଇନରେ ପତିତପାବନ ବାନା

## ବିକ୍ରି ପାଇଁ ଅନୁମତି ଦେଇଛି କିଏ ?

ପୁରୀ,୨୬।୭(ସମିସ): ଅନ୍‌ଲାଇନରେ ବିକ୍ରି ହେଉଛି ପତିତପାବନ ବାନା। ଯାହାକୁ ନେଇ ଏବେ ସନ୍ଦେହରେ ଭକ୍ତ, ସେବାୟତ। ବାସ୍ତବରେ ଏହି ବାନାକୁ ଅନ୍‌ଲାଇନରେ ବିକ୍ରି କରାଯିବା ପାଇଁ ସମ୍ପୃକ୍ତ କମ୍ପାନୀ ଅନୁମତି ପାଇଛି ନା ନାହିଁ, ଯଦି କିଏ ଦେଇଛି ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରିଛି। କେବଳ ବାନା ନୁହେଁ, ପୂର୍ବରୁ ଅନ୍‌ଲାଇନରେ ନିର୍ମାଲ୍ୟ, ଶୁଖିଲା ଭୋଗ, ମହାପ୍ରସାଦ ବିକ୍ରିକୁ ନେଇ ସ୍ୱର ଉଠାଇଛନ୍ତି ସେବାୟତ। ଅନ୍‌ଲାଇନରେ ବିକ୍ରି ହେଲେ ଏହିସବୁର ପବିତ୍ରତା ରକ୍ଷା ହେବ ନାହିଁ ବୋଲି ମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ହେଲେ ଏ ଦିଗରେ ମନ୍ଦିର ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାବେଳେ ଏମିତି କିଛି କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମନମାନୀ କରିବାକୁ ପରୋକ୍ଷରେ ସାହସ ପାଇଛନ୍ତି। ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ଏବେ ଅନ୍‌ଲାଇନରେ ପତିତପାବନ ବାନା ବିକ୍ରି କରାଯାଉଥିବା କୁହାଯାଉଥିଲେ ହେଁ, ବାସ୍ତବରେ ତାହାର ଶୁଦ୍ଧତା ଓ ପବିତ୍ରତାକୁ ନେଇ ଉଠିଛି ପ୍ରଶ୍ନ। ଅନ୍‌ଲାଇନରେ ଯିଏ ଯାହା ବିକ୍ରି କରୁ କିନ୍ତୁ ପତିତପାବନ ନାଁ କହି ପତାକା ବିକ୍ରି କରିବା ଦୋଷାବହ ବୋଲି କହିଛନ୍ତି ଶ୍ରୀମନ୍ଦିର ଚୁନରା ସେବାୟତ। ଏଠାରେ ପ୍ରଶ୍ନଉଠୁଛି ଅନ୍‌ଲାଇନରେ ବିକ୍ରି ପାଇଁ ଅନୁମତି ଦେଇଛି କିଏ?

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ଅନେକ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର ରହିଛି। ଏବେ




ଶ୍ରୀମନ୍ଦିର ନୀଳଚକ୍ରରେ ଲାଗୁଥିବା ବାନା କ୍ଷେତ୍ରରେ ଏଭଳି ଘଟଣା ନଜରକୁ ଆସିଛି। ଫ୍ଲିପ୍‌କାର୍ଟ୍‌ରେ ପତିତପାବନ ନାଁରେ ବାନା ବିକ୍ରି କରାଯାଉଛି। କମ୍ପାନୀ ଅନ୍‌ଲାଇନରେ ଏହା ଜଗନ୍ନାଥ ମନ୍ଦିର ପତିତପାବନ ବାନା ବୋଲି ଉଲ୍ଲେଖ କରିଛି। ଦୁଇଟି ରଙ୍ଗ ଅର୍ଥାତ୍ ହଳଦିଆ ଏବଂ ନାଲି ରଙ୍ଗରେ ଏହା ଉପଲବ୍ଧ। ଏହାର ମାହାତ୍ମ୍ୟ କ'ଣ, ଏହା କେଉଁ କାର୍ଯ୍ୟରେ ଲାଗେ ଏସବୁ ଉଲ୍ଲେଖ କରି ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଛି। ତେବେ ସବୁଠୁ ବଡ଼ କଥା ହେଉଛି ମହାପ୍ରଭୁଙ୍କ ନାଁରେ ଭକ୍ତଙ୍କୁ ଏକପ୍ରକାର ଶୋଷଣ କରାଯାଉଛି ବୋଲି କୁହାଯାଇପାରିବ। କାରଣ ଏଥିରେ ଏହି ପତାକା ପାଇଁ ଯେଉଁ ମୂଲ୍ୟ ରଖାଯାଇଛି ତାହା ବାସ୍ତବରେ ବିକ୍ରି ହେଉଥିବା ମୂଲ୍ୟଠାରୁ ଢେର୍ ଅଧିକ। ଏଥିରେ କମ୍ପାନୀ ପକ୍ଷରୁ ବିଭିନ୍ନ ସାଇଜ୍‌ର ପତାକା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ଗୋଟିଏ ୭୦୧ ଟଙ୍କା, ଗୋଟିଏ ୧,୫୪୯ ଟଙ୍କା, ଗୋଟିଏ ୧,୪୯୮ ଟଙ୍କା ରଖାଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା କେନ୍ଦ୍ରରେ ସବୁଠୁ ବଡ଼ ବାନା (ନୀଳଚକ୍ରର ଅଗ୍ରଭାଗରେ ଲାଗୁଥିବା ୧୪ ହାତିଆ) ୩୦୦ ଟଙ୍କାରେ ବିକ୍ରି ହେଉଥିବାବେଳେ କମ୍ପାନୀ ପ୍ରାୟ ୫ରୁ ୬ ଗୁଣା ଅଧିକରେ ବିକ୍ରି କରୁଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରୀମନ୍ଦିର ପତିତପାବନ ବାନା କହି ଯେଉଁ ପତାକା ବା ଧ୍ୱଜା ବିକ୍ରି କରାଯାଉଛି ବାସ୍ତବରେ ତା'ର ଶୁଦ୍ଧତା କିଏ ପରଖୁଛି। ଏହା ଶ୍ରୀମନ୍ଦିର ବାନା ନା ଅନ୍ୟ କେଉଁଠାର ସଠିକତା କ'ଣ? ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ତେଣୁ ବର୍ତ୍ତମାନ ଯେଉଁ ପତିତପାବନ ବାନା ଅନ୍‌ଲାଇନରେ ପୁଣି ମାତ୍ରାଧିକ ମୂଲ୍ୟରେ ବିକ୍ରି କରାଯାଉଛି ତାହାକୁ ଅନୁମତି ଦେଇଛି କିଏ? ଏମିତି ପ୍ରଶ୍ନ ଏବେ ଉଙ୍କି ମାରୁଥିବାବେଳେ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଚୁନରା ସେବକ।

ଅନ୍ୟପକ୍ଷରେ ଚୁନରା ସେବକଙ୍କ ମତରେ ଯେ କେହି ଅନ୍‌ଲାଇନରେ ତାଙ୍କର ସାମଗ୍ରୀ ଯେତେ ଟଙ୍କାରେ ବିକନ୍ତୁ ଆମର କିଛି କହିବାର ନାହିଁ। କିନ୍ତୁ ଶ୍ରୀମନ୍ଦିର ପତିତପାବନ ବାନା କହି ଏହାକୁ ବିକ୍ରି କରିବା ଦୋଷାବହ। ନୀଳଚକ୍ର ଓଲାଗି ବାନାକୁ ଶ୍ରୀମନ୍ଦିର ଭିତରେ କେବଳ ଚୁନରା ସେବକମାନେ ହିଁ ବିକ୍ରି କରିପାରିବେ। ଏହା ଆମର ଅଧିକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମାଜନ୍ କମ୍ପାନୀ ପାଖରେ ଏହା ପହଞ୍ଚିଲା କିପରି? ସେମାନେ ଭକ୍ତଙ୍କ ଭାବାବେଗକୁ କୁଠାରାଘାତ କରି ମିଛି କହି ବିକ୍ରି କରୁଛନ୍ତି। ପତିତପାବନ ବାନା କହିଲେ କେବଳ ଶ୍ରୀମନ୍ଦିର ଧ୍ୱଜାକୁ ହିଁ ବୁଝାଏ। ଏହା ଦୋଷାବହ, ସମସ୍ତଙ୍କ ଦୃଷ୍ଟିଗୋଚର ହେବା ଦରକାର। ଏ ନେଇ ଆମ ନିଯୋଗ କେବଳ ମନ୍ଦିର ପ୍ରଶାସନକୁ ଅବଗତ କରିବ, କିନ୍ତୁ ମନ୍ଦିର ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ଉଚିତ୍।

## ବାସୁଦେବପୁର ପୌରଧକ୍ଷାଙ୍କ ଘରୁ ନେଇଗଲେ ୧୫ଲକ୍ଷର ଗହଣା, ନଗଦ ୧୦ ଲକ୍ଷ

ବାଲେଶ୍ୱର,୨୬।୭(ସମିସ): ବାଲେଶ୍ୱର ସହରରେ ଚୋରି ଡକାୟତି ବଢ଼ି ଚାଲିଛି। ସଦର ଥାନା ଅଞ୍ଚଳରେ ଏକ ଆପାର୍ଟମେଣ୍ଟରେ ରହୁଥିବା ଭଦ୍ରକ ବାସୁଦେବପୁର ଏନ୍‌ଏସି ଅଧକ୍ଷା ନିବେଦିତା ବେହେରାଙ୍କ ଘରେ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ୧୫ ଲକ୍ଷର ସୁନାଗହଣା ସହ ନଗଦ ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ସଂପର୍କରେ ନିବେଦିତାଙ୍କ ସ୍ୱାମୀ ଶୁଭେନ୍ଦୁ ଭୂଷଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅତିରିକ୍ତ ଏସ୍‌ପି ଆଲୋକ ରାୟ, ସଦର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଲୁଟ୍‌ର ସମସ୍ତ ଦୃଶ୍ୟ ଆପାର୍ଟମେଣ୍ଟର ସିସିଟିଭିରେ କଏଦ୍ ହୋଇଛି। ପୁଲିସ୍ ତାହାକୁ ତର୍ଜମା କରି ଲୁଟେରାଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି।

## ପିକ୍‌ଅପ୍ ଧକ୍କାରେ ସାମ୍ବାଦିକ ମୃତ

ତରଭା, ୨୬।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ବୈରାସର ନିବାସୀ ରାଜକୁମାର ମାହାଣା (୭୫)ଙ୍କ ଆଜି ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଛି। ସକାଳୁ ସକାଳୁ ସେ ତାଙ୍କ ପଡ଼ୋଶୀ ପ୍ରଦୀପ ଅଗ୍ରୱାଲଙ୍କ ସହ ଚା' ପିଇବା ପାଇଁ ବାଇକ୍‌ରେ ବୈରାସର ବସଷ୍ଟାଣ୍ଡକୁ ଯାଇଥିଲେ। ଚା' ଦୋକାନ ସମ୍ମୁଖରେ ଶ୍ରୀ ମହାଣା ବାଇକ୍‌ରୁ ଓହ୍ଲାଉଥିବା ବେଳେ ବଲାଙ୍ଗୀରରୁ ସୋନପୁର ପଟକୁ ଦ୍ରୁତ ଗତିରେ ଆସୁଥିବା ଏକ ପିକ୍‌ଅପ୍ ତାଙ୍କ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଶ୍ରୀ ମାହାଣା ରାସ୍ତା ଉପରେ ଛିଟିକି ପଡ଼ିବା ପରେ ତାଙ୍କ



ଡାହାଣ ଜଙ୍ଘ ଓ ବାମ ଆଣ୍ଠୁ ଉପରେ ଗାଡ଼ିଟି ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ରାଜକୁମାରଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ସାମାନ୍ୟ ଆହତ ହୋଇଥିବା ପ୍ରଦୀପଙ୍କ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ରାଜକୁମାରଙ୍କ ମରଶରୀର ବ୍ୟବଚ୍ଛେଦ ପରେ ତାଙ୍କ ବାସଭବନକୁ ଅଣାଯାଇଥିଲା। ତରଭା ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁତ୍ର ଜିତେନ୍ଦ୍ର ମାହାଣା ମୁଖାଗ୍ନି ଦେଇଥିଲେ।

## ନାବାଳିକା ପୋଡ଼ି ଘଟଣା

# ଆଉ ୪ ଜଣଙ୍କ ବୟାନ ରେକର୍ଡ

ବଳଙ୍ଗା/ନିମାପଡ଼ା,୨୬।୭(ସମିସ): ବଳଙ୍ଗା ଘଟଣାରେ ମୁହଁ ଖୋଲିଛନ୍ତି ଏସ୍‌ପି ପିନାକ୍ ମିଶ୍ର। ବଳଙ୍ଗା ଘଟଣା ଉପରେ ତଦନ୍ତ ଆହୁରି ଚାଲିଛି। ଏ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ତଦନ୍ତ ପାଇଁ ଆଉ ଟିକେ ସମୟ ଲାଗୁଛି। ତଦନ୍ତ ଯାହାବି କରୁଛୁ ତଦନ୍ତ ସପକ୍ଷ ଟିକେ ସମୟ ଲାଗୁଛି।

### କୌଣସି ନିଷ୍କର୍ଷରେ ଆମେ ପହଞ୍ଚି ପାରିନୁ: ଏସ୍‌ପି

ତଦନ୍ତରେ କୌଣସି ପ୍ରକାରର ଖିଅ ଯେମିତି ନ ଛାଡୁ, ସେଥିପ୍ରତି ଧ୍ୟାନ ରଖୁଛୁ। କୌଣସି ନିଷ୍କର୍ଷ ଭିତରେ ଆମେ ପହଞ୍ଚି ପାରିନୁ। ମୂଲ୍ୟବାନ ପ୍ରମାଣ ଆମେ ହସ୍ତଗତ କରିଛୁ। ଆଗାମୀ ଦିନରେ ଏହା ପ୍ରତିକ୍ରିୟା ରଖିବୁ ବୋଲି କହିଛନ୍ତି। ଏପଟେ ଶୁକ୍ରବାର ବଳଙ୍ଗା ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ମିଳିତ ଭାବେ ଦିଲ୍ଲୀ ଏମ୍ସରେ ପୀଡ଼ିତାଙ୍କ ବୟାନ ଆଉଥରେ ରେକର୍ଡ କରିଥିବା ବେଳେ ଶନିବାର ସମ୍ପୂର୍ଣ୍ଣ ଘଟଣା ଉପରୁ ପରଦା ଉଠିବା ନେଇ ଯେଉଁ ଚର୍ଚ୍ଚା ଚାଲିଥିଲା, ବର୍ତ୍ତମାନ ପୁରୀ ଏସ୍‌ପିଙ୍କ ବୟାନ ଘଟଣାରେ ଆହୁରି ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଏପଟେ ପୀଡ଼ିତାଙ୍କ ପ୍ରଥମ ବୟାନ ଆଉ ବର୍ତ୍ତମାନର ବୟାନ ତାଳମେଳ ଖାଉ ନଥିବା ଚର୍ଚ୍ଚା ହେବା ପରେ ପୁଣି କ୍ରାଇମ୍‌ବ୍ରାଞ୍ଚ ପୀଡ଼ିତାଙ୍କ ବୟାନ ରେକର୍ଡ କରିପାରେ ବୋଲି କୁହାଯାଉଛି।



ସମସ୍ତ ତଦନ୍ତ ପ୍ରକ୍ରିୟା ଏବଂ ଘଟଣା ଭିତରେ ଗୋଟିଏ କଥା ଏବେ ସମସ୍ତଙ୍କ ସାମ୍ନାକୁ ଆସିଛି ପୁଲିସର ନିଷ୍କ୍ରିୟତା।

ସେପଟେ ଏହି ଘଟଣାରେ ପୁରୀ ହେଡ୍‌କ୍ୱାର୍ଟର ଏସ୍‌ଡିପିଓଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ଜଣେ ସମ୍ପର୍କୀୟ ପିଉସୀ, ବାନ୍ଧବୀ, ଗାଁର ଜଣେ ଯୁବକ ଓ ଅନ୍ୟ ଜଣେ ମହିଳା ପ୍ରମୁଖ ୪ ଜଣଙ୍କ ଶନିବାର ସନ୍ଧ୍ୟାରେ ନିମାପଡ଼ା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ କରାଯାଇଛି। ପୁରୀ ଏସ୍‌ପି ପିନାକ ମିଶ୍ର ଏହି ୪ଜଣଙ୍କୁ ଉକ୍ତ ଘଟଣା ସମ୍ପର୍କରେ ପଚରାଉଚରା ପରେ ସେମାନଙ୍କୁ ନିମାପଡ଼ା ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା।

## କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍ ନେଲା ମହିଳାଙ୍କ ଜୀବନ

କଣ୍ଟାବାଞ୍ଜି/ତୁରେକେଲା,୨୬।୭(ସମିସ): କ୍ୱାକ୍‌ର ଭୁଲ୍ ଇଞ୍ଜେକସନ୍‌ରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ମହୁଲପାଟିଗାଁର ଡିଙ୍ଗରପୁଟାଙ୍କ ସ୍ତ୍ରୀ ଭଗବାନୀ ପୁଟା। ପୁଲିସ୍ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଗିରଫ ଦାବି ନେଇ ଥାନାର ଦ୍ୱାରସ୍ଥ ପରିବାର

ସୂଚନାନୁଯାୟୀ, କିଛି ଦିନ ଧରି ଭଗବାନୀ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ତେବେ ଗାଁରେ ବୁଲୁଥିବା କ୍ୱାକ୍ ଲର୍କିଗାଁର ରଂଜିତ ମେହେର ତାଙ୍କର ଚିକିତ୍ସା କରିଥିଲେ। ସେ ତାଙ୍କୁ ଏକ ଇଞ୍ଜେକସନ୍ ଦେଇଥିଲେ। ଏହାର କିଛି ସମୟ ପରେ ଭଗବାନୀ ଅଚେତ ହୋଇଯାଇଥିଲେ। ତାଙ୍କ ଚେତା ନ ଫେରିବାରୁ ପରିବାରଲୋକ ତାଙ୍କୁ ତୁରେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାରବର୍ଗ ସମ୍ପୃକ୍ତ କ୍ୱାକ ରଂଜିତ ମେହେରଙ୍କ ବିରୋଧରେ ତୁରେକେଲା ଥାନାରେ ଅଭିଯୋଗ କରିଛନ୍ତି। ପ୍ରମାଣ ସ୍ୱରୂପ ରଂଜିତ ଦେଇଥିବା ଉକ୍ତ ଇଞ୍ଜେକସନ୍‌କୁ ପୁଲିସ୍‌କୁ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୁଣି ଝୁଲିଲା...

ପ୍ରଥମେ ରାଜ୍ୟ କମିଟି, ପଦାଧିକାରୀ ଓ ରାଜ୍ୟ କାର୍ଯ୍ୟକାରିଣୀ ଗଠନ ନେଇ ଆଲୋଚନା ହୋଇଛି। ଏହାସହ ବୋର୍ଡ ଏବଂ ନିଗମ ପଦ ନେଇ ମଧ୍ୟ ଖୁବଶୀଘ୍ର ନିଷ୍ପତ୍ତି ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ ନିଗମ, ବୋର୍ଡରେ ଦୀର୍ଘଦିନ ଧରି ନିଯୁକ୍ତି ହୋଇନଥିବାରୁ ଏଗୁଡ଼ିକ ପ୍ରାୟ ଅକାମୀ ଅବସ୍ଥାରେ ରହିଛି। ବିଭିନ୍ନ ଅକାଦେମୀ ଏବଂ କମିଶନ ମଧ୍ୟ ସମଦଶା ଭୋଗୁଛନ୍ତି। ଏଗୁଡ଼ିକ ସବୁ ରାଜ୍ୟ ସରକାର ଏବଂ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟନ୍ତି। ଏସବୁ ଅଙ୍ଗ ଏତେଦିନ ଧରି ମୁରବୀଶୂନ୍ୟ ହୋଇ ପଡ଼ିବା ରାଜ୍ୟ ପାଇଁ ଭଲ ସଙ୍କେତ ନୁହେଁ। ସରକାର ତୁରନ୍ତ ସମସ୍ତ ପଦବୀ ପୂରଣ କରି ରାଜ୍ୟ ପ୍ରଶାସନକୁ ଗତିଶୀଳ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ମଣ୍ଡଳୀ।

### ଅବପାତ ଆଣିଲା...

ଏଥିଯୋଗୁଁ ଆଜି ସନ୍ଧ୍ୟା ସୁଦ୍ଧା ଖଇରମାଳଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ଅଧିକ ସଂଖ୍ୟକ ଗେଟ୍ ଖୋଲିଲେ ଏହା ବୃଦ୍ଧି ପାଇ ନିକଟବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଗତ ୨୪ ଘଣ୍ଟାରେ ତଳମୁଣ୍ଡରେ ମଧ୍ୟ ୨୯.୬୫ ମିମି ବର୍ଷା ହୋଇଛି। ପୁଣି ଏଭଳି ବର୍ଷା ଲାଗି ରହିବା ସହ ଗେଟ୍ ସଂଖ୍ୟା ୩୦ରୁ ଊର୍ଦ୍ଧ୍ୱ ହେଲେ ସମ୍ବଲପୁର ସହରରୁ ମହାନଦୀକୁ ଯାଉଥିବା ଜଳପ୍ରବାହକୁ ଅବରୋଧ କରାଯାଇ ସମ୍ବଲପୁରରେ ପଛୁଆ ପାଣି (ବ୍ୟାକ୍-ୱାଟର) ଯୋଗୁଁ କୃତ୍ରିମ ବନ୍ୟା ସ୍ଥିତି ଉତ୍ପନ୍ନ ହେବାର ସମ୍ଭାବନା ମଧ୍ୟ ରହିଛି।

ହୀରାକୁଦ ମହାନଦୀ ଅବବାହିକା, ବୁର୍ଲା ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକ ଇଂ. ସୁଶୀଲ କୁମାର ବେହେରା କହିଛନ୍ତି, ହୀରାକୁଦ ନଦୀବନ୍ଧରେ ୬୨୫ଫୁଟ୍ ପର୍ଯ୍ୟନ୍ତ ଜଳଧାରଣ କ୍ଷମତା ଅଛି। ତେଣୁ ବନ୍ୟାର କୌଣସି ଆଶଙ୍କା ନାହିଁ। ଉପରମୁଣ୍ଡରୁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ ବୃଦ୍ଧି ପାଇବା ଯୋଗୁଁ ଜଳସ୍ତର ବୃଦ୍ଧି ପାଉଛି। ବର୍ଷା କମିଗଲେ, ତାହା ମଧ୍ୟ କମିଯିବ। ଏବେ ସେହି ୨୦ଟି ଗେଟ୍ ଖୋଲା ରହିବ। ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳ କମିଲେ ତାହା ମଧ୍ୟ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ସେ କହିଛନ୍ତି।

ଉପରମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାର ଫୁଲିବାରେ ଲାଗିଛି। ଆଜି ସଂଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୧.୫୮ ଫୁଟ୍‌ରେ ପହଞ୍ଚିଛି। ଗତକାଲିଠାରୁ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବା ବେଳେ କ୍ରମାଗତ ଭାବେ ବଢୁଥିବା ଜଳସ୍ତରକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଗେଟ୍ ଖୋଲାଯିବାର ସମ୍ଭାବନା ରହିଛି। ବର୍ତ୍ତମାନ ନଦୀବନ୍ଧର ବାମପଟର ୧୩ଟି ଓ ଡାହାଣ ପଟର ୭ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫,୨୩,୩୭୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିକ୍ଷାନୁଷ୍ଠାନ, କେନାଲ ଆଦି ଦେଇ ୩,୩୮,୮୧୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୯୯,୫୬୦ ଘନଫୁଟ, ପାୱାର ଚେନାଲ ଦେଇ ୩୪,୯୮୮ ଘନଫୁଟ, ଶିକ୍ଷାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୪,୦୨୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

ଅପରପକ୍ଷେ, ତଳମୁଣ୍ଡରେ ବେଲଗାଁଠାରେ ୧୫,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୫୯,୦୨୦କ୍ୟୁସେକ୍, ଖଇରମାଳଠାରେ ୪,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୯୨,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୨,୧୭,୧୫୨କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୪୯.୪୭ମିମି ଏବଂ ତଳମୁଣ୍ଡରେ ୨୯.୬୫ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### ମଉଳିଲା ମେଟ୍ରୋ...

ଭଲପାଇବାରେ ଲାଗିଲେ। ତ୍ରିଶୂଳିଆ ପର୍ଯ୍ୟନ୍ତ ନୁହେଁ କଟକର ଏସ୍‌ସିବି ପର୍ଯ୍ୟନ୍ତ ମେଟ୍ରୋ ଗଡାଇବେ ବୋଲି ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଲେ।

ଏଭଳି ବୟାନବାଜି ଚାଲିଥିଲା ବେଳେ ସରକାର ଚୁପ୍‌ଚାପ୍ ଅଚାନକ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ସ୍ଥଗିତ କରିଦେଲେ। ସବୁ କିଛି ଧିରେ ଧିରେ ବନ୍ଦ କରିଦିଆଇଗଲା। ପ୍ରକଳ୍ପ ପାଇଁ ଚାଲିଥିବା ମୃତ୍ତିକା ପରୀକ୍ଷା ଅଧାରୁ ବନ୍ଦ ହୋଇଗଲା। ଠିକା ସଂସ୍ଥା ମେସିନ୍ ହଟାଇନେଲା। ଏହାସତ୍ତ୍ୱ ମଧ୍ୟ ମନ୍ତ୍ରୀମାନଙ୍କ ଭାଷଣବାଜି ବନ୍ଦ ହୋଇ ନ ଥିଲା। ଗୋଟିଏ ପଟେ ଷଡ଼ଯନ୍ତ୍ର ଚାଲିଥିଲା ବେଳେ ଅନ୍ୟପଟେ ମନ୍ତ୍ରୀମାନେ ରାଜ୍ୟବାସୀଙ୍କୁ ନୂଆ ନୂଆ ସ୍ୱପ୍ନ ବିକ୍ରି କରିଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମେଟ୍ରୋ ପ୍ରକଳ୍ପ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଡାକଲେ। ଗୃହ ନଗର ଉନ୍ନୟନ ମନ୍ତ୍ରୀ କହିବାକୁ ଲାଗିଲେ ମେଟ୍ରୋ ପ୍ରକଳ୍ପକୁ ଅତ୍ୟାଧୁନିକ କରାଯିବ। ଉପରେ ଟ୍ରେନ୍ ଚାଲିବ ତଳେ ଯାନବାହାନ ଚଳାଚଳ କରିବ। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ବିଭାଗ ଛାଡି ମେଟ୍ରୋ କଥା କହିବାକୁ ଲାଗିଲେ। ସେ ଆଉ ପାଦେ ଅଗକୁ ଯାଇ କହିଲେ ଯେ ଭୁବନେଶ୍ୱରରେ ମେଟ୍ରୋ ମାଟିତଳେ ଯିବ। ହେଲେ ମନ୍ତ୍ରୀ ମାନଙ୍କ ଏଭଳି ବୟାନବାଜିରୁ ବୁଦ୍ଧିଜୀବୀମାନେ ଯଦିଓ ମେଟ୍ରୋ ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇ ଯାଉଛି ବୋଲି ଅନୁମାନ କରୁଥିଲେ। କିନ୍ତୁ ମନ୍ତ୍ରୀମାନେ ନିଜ କଥାର ଚାତୁର୍ଯ୍ୟତାରେ ମେଟ୍ରୋକୁ ନେଇ ଗଣମାଧ୍ୟମରେ ହେଡ୍‌ଲାଇନ୍ ବନାଇ ଚାଲିଥିଲେ। ଏପରିକି ମେଟ୍ରୋକୁ ନେଇ ବୈଠକ ପରେ ବୈଠକ ଡକାଯାଉଥିଲା। ଗତ ସପ୍ତାହରେ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଯଦି ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିବାର ଥିଲା ତେବେ ଏତେ ନାଟକବାଜି କାହିଁକି ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି।

ଦିଲ୍ଲୀ ଭଳି ଓଡ଼ିଶାରେ ବି ମେଟ୍ରୋ ଗଡ଼ିବ ବୋଲି ରାଜ୍ୟବାସୀ ସ୍ୱପ୍ନ ଦେଖିଥିଲେ। ପୂର୍ବ ସରକାରଙ୍କ ସମୟରେ ଏଥିପାଇଁ କାମ ବି ଆରମ୍ଭ ହୋଇଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ ସହ ଚୁକ୍ତି ବାତିଲ କରିବା ପରେ ସରକାରଙ୍କ ଏଭଳି ଷଡ଼ଯନ୍ତ୍ରକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

### ୧୦ ବର୍ଷ ପଛକୁ...

ଉଲ୍ଲେଖନୀୟ ଭାବେ ହ୍ରାସ କରିବା ସହିତ ସହରର ସଂପ୍ରସାରଣ ପାଇଁ ଏକ ବଡ଼ ମାଧ୍ୟମ ହୋଇଥାନ୍ତା। ଉନ୍ନତ ଗତିଶୀଳତା ପାଇଁ ମେଟ୍ରୋ ସିଷ୍ଟମର ଜରୁରୀ ଆବଶ୍ୟକତାକୁ ଉପଲବ୍‌ଧ କରି ଆମେ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୨୦୨୭ ସୁଦ୍ଧା ଏକ ଦୃଢ଼ ସମୟସୀମା ନିର୍ଦ୍ଧାରଣ କରିଥିଲୁ। ଏବେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମଆରସି)ର ଠିକାଦାରମାନଙ୍କୁ ଦିଆଯାଇଥିବା ନୋଟିସରୁ ଜଣାପଡ଼ିଛି ଯେ ଓଡ଼ିଶା ସରକାର ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ରଦ୍ଦ କରିଦେଇଛନ୍ତି। ଡବଲ ଇଞ୍ଜିନ ସରକାର ମେଟ୍ରୋ ରେଳ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ବାତିଲ କରି ଓଡ଼ିଶାର ଜନତାଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଡବଲ ଇଞ୍ଜିନର ଏହି ଆଘାତକାରୀ ନିଷ୍ପତ୍ତି ସହରକୁ ୧୦ ବର୍ଷ ପଛକୁ ଠେଲିଦେବ ।।ବୋଲି ସେ କହିଛନ୍ତି।

### ପୁଅକୁ ଫାଶୀ ଦେଇ...

ହୋଇଥିଲା। ଏଥିରେ ରାଗିଯାଇ ସ୍ୱାମୀ ଓ ପୁଅକୁ ଛାଡ଼ି ପୂଜା ରାତିରେ କେଉଁଆଡ଼େ ଚାଲି ଯାଇଥିଲେ। ଦୀପକ ଉକ୍ତ ରାତି ଓ ଶନିବାର ଦିନସାରା ପୂଜାଙ୍କୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର ପତ୍ତା ପାଇନଥିଲେ। ଏଥିରେ ଦୀପକ ବିଚଳିତ ହୋଇପଡ଼ିଥିଲେ। ଏହା ସାଙ୍ଗକୁ ପୁଅର ଦେହ ଖରାପ ତାଙ୍କ ଚିନ୍ତା ବଢ଼ାଇ ଦେଇଥିଲା। ପୁଅକୁ ଔଷଧ ଖୁଆଇବା ପରେ ଉଭୟ ବାପ-ପୁଅ ଆଜି ରୁମ୍‌ର କବାଟ ଆଉଜାଇ ଶୋଇଥିଲେ। କିଛି ସମୟ ପରେ ଦୀପକଙ୍କ ମା' ଡାକିବାରୁ କେହି ଶୁଣିନଥିଲେ। ସନ୍ଦେହ ହେବାରୁ ସେ ଘର ଭିତରକୁ ଯାଇ ଦେଖିବା ବେଳକୁ ଦୁହିଁଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିଲା। ଖବର ପାଇ ସାତଶଙ୍ଖ ଫାଣ୍ଡି ଅଧିକାରୀ ଏବଂ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛନ୍ତି। ରବିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବର ପଞ୍ଚାନାମା କରାଯିବ।


**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, no. 1147/25 dtd.25.07. 2025, I Sri Kumuti Kutruka, S/o- Late Raiphul Kutruka resident of Vill.- Dambakupa, Po.- Jhigidi, Ps.- Bissam Cuttack, Dist.- Rayagada, Odisha state that, actual name of my son is **Bijaya Kutruka** but in his Aadhar card his name has been wrongly mentioned as Biju Kutruka and date of birth wrongly mentioned as 01/01/2013 instead of 09/11/2007. Hence actual name of my son is **Bijaya Kutruka** and **DOB: 09/11/2007** for all purposes.

**AFFIDAVIT**

I, Sanjay Poddar, aged about 52 years, S/o- Shyam Sundar Poddar, resident of At- Old Station Road, Rourkela, Ps- Plant Site, Dist- Sundargarh, Odisha, Pin- 769004 declare by this affidavit No. 1462, dtd. 24.07.2025, that now onwards I shall be known as **SANJAY KUMAR PODDAR** for all future purposes.

**NOTICE**

By virtue of an affidavit sworn before The Notary Public, Sunabeda dated 26/07/2025, I, Sri Khagapati Petia, S/o Pachu Petia, Vill.- Hadaput, Po.- Nandapur, Ps.- Nandapur, District- Koraput declare that, I have changed my son's name from **Kailash Chandra Petia** to **Kailash Petia**. Henceforth, my son shall be known as **Kailash Petia** for all purposes.
Sd/-
Khagapati Petia

**AFFIDAVIT**

I, Upendra Prasad Pandia S/o Late-Lakshman Pandia, Resident of Vill-Kanhupur, PO-Manipur, Via-Tudigadia, Dist-Baleswar, Odisha Pin-756047, declare by this affidavit No 3014 Dated 16.07.2025 that now onwards I shall be known as **UPENDRA PANDIA** for all future purposes.

**AFFIDAVIT**

By virtue of an affidavit sworn before Notary Public, Cuttack, no. 9395/23725 dated 22.07.2025, I, HIMANSHU SEKHAR SATAPATHY, S/o-Umesh Chandra Satapathy, resident of At- Lochapada Bank Colony, Third Lane, Gate Bazar, Brahmapur Sadar, Dist.- Ganjam-760001, Odisha, state that, my actual name is **Himanshu Sekhar Satapathy** but in my Passport my name has been wrongly mentioned as Himanshu Sekher Satpathy. Hence **Himanshu Sekher Satapathy** and **Himanshu Sekhar Satapathy** is one and same person. That I will be known as **Himanshu Sekhar Satapathy** from now onwards.

**AFFIDAVIT**

By virtue of an affidavit sworn before Executive Magistrate Keonjhar dated 11th July 2025, I, Hemanta Kumar Kalandi, Address At/Po-Khendra, Ps-Jhumpura, Dist-Keonjhar, Odisha, India, Pin Code-758031 declare that I have changed the name of my son from Udit Kumar Kalandi to Pratyush Kalandi. Henceforth, he shall be known as **Pratyush Kalandi** for all purposes.

**AFFIDAVIT**

I, Rina Raul, aged about 45 years, W/o- Prabodha Kumar Samal, resident of At- Mundideuli, Po/Ps- Kamakhyanagar, Dist- Dhenkanal, Odisha, Pin- 759018 declare by this affidavit No. 1461, dtd- 25/07/2025, that now onwards I shall be known as **RINARANI SAMAL** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-357ER, ତା.18.07.2025ରିଖ

କାର୍ଯ୍ୟର ନାମ : ... 1x25 kV ... ଟ୍ରାକ୍ସନ ସବ୍-ଷ୍ଟେସନ (TSS), ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (Paralleling) ପୋଷ୍ଟ(SP) ଏବଂ ସବ୍-ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (Paralleling) ପୋଷ୍ଟ(SSP)ର ...

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2079.58 ଲକ୍ଷ, EMD (ଟଙ୍କାରେ) : 11,89,800/-, ... : 18 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.19.08.2025 ରିଖ 1200 ଘଣ୍ଟାରେ।

... www.ireps.gov.in ... IREPS ... ଅନୁଲଗ୍ନକ-B, G ଏବଂ G1 ... 2 ... ଅନୁଲଗ୍ନକ-I ... 3.1 ...

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I/ ଭୁବନେଶ୍ୱର
PR-66/CI/25-26

**AFFIDAVIT**

By virtue of an affidavit No. 8032, dtd. 21.07.2025 before the Notary Public, Nabarangpur, I, Surendra Harijan, have changed my name, my son's name and my father's name from Surendra Das / Raja Das / Harishchandra Das to Surendra Harijan / Raja Harijan / Harishchandra Harijan respectively. Henceforth I shall be known as Surendra Harijan, S/o- Harishchandra Harijan and my son will be called as Raja Harijan, S/o- Surendra Harijan for all purposes.
Sd/- Surendra Harijan

Office of the Principal
**GETESWAR SANSKRIT COLLEGE**
Matigada, Oupada, Balasore, Pin - 756049
Mob: 9937348089, Mail Id: geteswarsanskritcollege@gmail.com

**TENDER NOTICE**

Inviting tender for IT & Internet from registered IT suppliers for Geteswar Sankrit College.
1) Desktop H.P. (i3 - 13 GENERATION) – 6 NOS, 2) UPS – 6 Nos., 3) H.P. MFM printers – 2 Nos., 4) LED SONY (65 inch) – 1 Nos., 5) Wireless Mice and Camera for virtual meeting: 1 no. (Logi Tech), 6) Internet facilities.
Last date of tender application within **7 day** from the date of paper advertisement.

For details contact: 9937348089

Sd/- Principal
Geteswar Sanskrit College,
Matigada, Oupada, Balasore

**AFFIDAVIT**

By virtue of an affidavit before the Notary Public, Titilagarh, on dated-23/07/2025. I, **Motimala Padhan** (new name), formerly called as **Ruji Padhan** (old name), W/o Dukhiram Padhan, permanent resident of AT- Solbandh, P.O.- Solbandh, P.S. Patnagarh, Dist- Balangir, (Odisha), PIN- 767025 affirm that I have changed my name from **Ruji Padhan** (old name) To **Motimala Padhan** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Motimala Padhan** (new name).
**Motimala Padhan**

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE: KEONJHAR
email: se_nerwkjr@rediffmail.com
O-486
eProcurement Notice for Road Works under Periodical Maintenance
Identification No. NCB-10/RWCKJR/2025-26
No. 3004 / Date 22.07.2025

1. Name of the work :- Periodical Renewal Work of 5 year completed PMGSY (Post DLP) roads for Financial Year: 2025-26 under State Budget Grant in the District of Keonjhar.
2. No. of work :- 06 (Six) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10/ RWCKJR/ 2025-26 | Dt.30.07.25 at 11.00 A.M. | Dt.13.08.25 up to 5.00 P.M. | Dt.12.08.25 up to 5.00 P.M. | Dt.14.08.25 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in

Chief Construction Engineer,
R.W. Circle, Keonjhar.
OIPR-25177/11/0083/2526

**NOTICE**
(above 18 years of age)

By virtue of an affidavit sworn before Executive Magistrate, Kaptipada, Udala , dated 21-07-2025 (affidavit date) I, Vizayeeta Raysingha (new name) , Address At/P.O.-Sainkula Dist-Mayurbhanj, Pin-757102 (Complete Odisha address) declare that I have changed my name from Biyayita Rayasingh (old name) to Vizayeeta Raysingha (new name) Henceforth, I shall be known as Vizayeeta Raysingha (new name) for all purposes.
Vizayeeta Raysingha

● ଜଳଯୋଗାଣ ପ୍ରକଳ୍ପ ନିର୍ମାଣକୁ ୩ ବର୍ଷ ବିତିଲା

# ଏଯାଏଁ ହେଲାନି କାର୍ଯ୍ୟକ୍ରମ; ପାଣି ପାଇଁ ଲୋକେ ହନ୍ତସନ୍ତ

ଗଣିଆ,୨୬।୭(ସମିସ): ଗାଁ ଗାଁରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ



କରାଯାଇଛି। ଏହି ଜଳଯୋଗାଣ ପ୍ରକଳ୍ପ ମାଧ୍ୟମରେ ବୋରିଂ ନିର୍ମାଣ କରି ଗାଁ ଗୁଡିକରେ ବାସ କରୁଥିବା ଜନସାଧାରଣଙ୍କୁ ଜଳଯୋଗାଇବା ଫଳରେ ଅନେକ ସ୍ଥାନରେ ଜଳସଙ୍କଟ ଦୂର ହେଉଛି। ଏଥିପାଇଁ ଜଳଯୋଗାଣ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ରାଜ୍ୟର ଏଭଳି ଅନେକ ସ୍ଥାନ ଅଛି ଯେଉଁଠି ପ୍ରକଳ୍ପ ନିର୍ମାଣ କରାଯାଇଛି ସତ କିନ୍ତୁ କାର୍ଯ୍ୟକାରୀ ହୋଇପାରୁନି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତ କାଳିଆପଡା ଠାରେ କିଶୋର ପ୍ରସାଦ-୨ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି। ୨୦୨୨ ମସିହାରୁ ଏହି ପ୍ରକଳ୍ପ ନିର୍ମାଣ କରାଯାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ସରକାରଙ୍କର ଏହି ଜନହିତକର ଯୋଜନାର ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରିନାହ। ଗାଁରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ ସରିଯାଇଛି କିନ୍ତୁ ଜଳଯୋଗାଣ ହୋଇପାରୁନାହ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ନହେବାରୁ କିଶୋର ପ୍ରସାଦ ଜଳଯୋଗାଣ ପ୍ରକଳ୍ପରୁ କାଳିଆପଡା ଗ୍ରାମକୁ ପାଣି ଯୋଗାଇ ଦିଆଯାଉଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ଭଳି ମନେ ହେଉଛି। ଫଳରେ ଗ୍ରାମବାସୀ ଠିକରେ ପାଣି ଟୋପେ ପାଇ ପାରୁ ନାହାନ୍ତି। ନିର୍ମାଣଧୀନ ପ୍ରକଳ୍ପଟିରେ ଅନାବନା ଗଛଲତା ଉଠି ଭୂତକୋଠି ପାଲଟିଗଲାଣି। ତୁରନ୍ତ ଉକ୍ତ ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରାଗଲେ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# କାର୍ଗିଲ ବିଜୟ ଦିବସ ପାଳିତ



ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ ଏବଂ ଓଡ଼ଗାଁ ଥାନା ଏସ୍ଆଇ ଚକ୍ରଧର ସିଂ ଯୋଗ ଦେଇଥିଲେ। ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଭେଙ୍କଟସ୍ୱାମୀ ପାଣିଗ୍ରାହୀ, ନାରାୟଣ ପ୍ରଧାନ, ସଞ୍ଜୁଲତା ମିଶ୍ର, ଅମିତା ଦାଶ, ସସ୍ମିତା ପାଣିଗ୍ରାହୀ, ପ୍ରଭାତୀ ତ୍ରିପାଠୀ, ପ୍ରଭାତୀ ଖଣ୍ଡା, ସନ୍ତୋଷିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କାଗଜକଲମରେ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା

# ମାଣ୍ଡିଆ କେଳେଙ୍କାରୀ ଏନ୍‌ଜିଓକୁ ମକା ଦାୟିତ୍ୱ

## ପ୍ରସ୍ତୁତ ହେଉଛି ଭୂତ ଚାଷୀ ତାଲିକା / ଯୋଜନା କାର୍ଯ୍ୟକାରିତା ନେଇ ପ୍ରଶ୍ନ

ନୟାଗଡ଼,୨୬।୭(ସମିସ)

ନୟାଗଡ଼ ଜିଲ୍ଲାରେ କୃଷି ବିଭାଗରେ ବ୍ୟାପକ କେଳେଙ୍କାରୀ ହେଉଥିବା ବେଳେ ଚାଷୀଟିଏ ସର୍ବନିମ୍ନ ସୁବିଧା ପାଇବାରୁ ବଞ୍ଚିତ ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ପରେ ଯୋଜାନ ପଣୟନ କରାଯାଉଥିବା ବେଳେ ବାସ୍ତବତା କିନ୍ତୁ ଭିନ୍ନ ବୋଲି ଅନୁଭବ ହେଉଛି। ନୟାଗଡ଼ ଜିଲ୍ଲାରେ ମିଲେଟ୍ ମିଶନ ତଥା ଶ୍ରୀଅନ୍ନ ଅଭିଯାନ କେଳେଙ୍କାରୀରେ ସମ୍ପୃକ୍ତ ଦୁଇଟି ଏନ୍‌ଜିଓକୁ ମୁଖ୍ୟମନ୍ତ୍ରୀ ମକା ମିଶନ ଯୋଜନା ଦାୟିତ୍ୱ ଦିଆଯାଇଛି। ମକା ମିଶନ କାର୍ଯ୍ୟକାରୀ ହେବା ପୂର୍ବରୁ ଦୁଇ ଏନ୍‌ଜିଓ ଏବେ ଭୂତ ଚାଷୀ ଯୋଗାଡ଼ରେ ଲାଗି ପଡ଼ିଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାରେ ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ମକା ମିଶନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ତଥା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଦୁଇଟି ବ୍ଲକ ୧୫ଟି ପଞ୍ଚାୟତକୁ ସାମିଲ କରାଯାଇଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ୮ଟି ପଞ୍ଚାୟତକୁ ମକା ମିଶନ ଯୋଜନାରେ ସାମିଲ କରାଯାଇଥିବା ବେଳେ ୩ ଶହ ହେକ୍ଟର ଜମିରେ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୬୧୧ ଜଣ ଚାଷୀ ଚାଷ କରିବାକୁ ଆଗ୍ରହୀ ଥିବା କୃଷି ବିଭାଗ ତଥ୍ୟରୁ ସୂଚନା ମିଳିଛି। ତେବେ ଏହି ମକା ମିଶନ କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଦାୟିତ୍ୱ ନିଗମ ନାମକ ଏନ୍‌ଜିଓକୁ ଦିଆଯାଇଛି। ସେହିଭଳି ଭାବେ ଦଶପଲ୍ଲା ବ୍ଲକର ୭ଟି ପଞ୍ଚାୟତକୁ ମକା ମିଶନ ଯୋଜନା ପାଇଁ ଚୟନ କରାଯାଇଥିବା ବେଳେ ୭୦୬ ଜଣ ଚାଷୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଚାଷୀମାନେ ୩ ଶହ ହେକ୍ଟର ଜମିରେ ଚାଷ କରିବେ ବୋଲି ଜଣାପଡ଼ିଛି।

ଦଶପଲ୍ଲା ବ୍ଲକରେ ମକା ମିଶନ ଦାୟିତ୍ୱ ଇକୋ ସଲ୍ୟୁସନ୍ ନାମକ ସଂସ୍ଥାକୁ ଦିଆଯାଇଛି। ଏହି ଦୁଇ ଏନ୍‌ଜିଓ ମାଣ୍ଡିଆ କେଳେଙ୍କାରୀରେ ସମ୍ପୃକ୍ତ ଥିବା ବେଳେ କିଭଳି ଦୁଇ ଏନ୍‌ଜିଓକୁ ମକା ମିଶନ ପାଇଁ ପୁଣି ଚୟନ କରାଯାଇଛି ବୋଲି ପ୍ରଶ୍ନ ଉଠିଛି। ନିଗମ ନାମକ ସଂସ୍ଥା ୨୦୨୪-୨୫ ଆର୍ଥିକ ବର୍ଷରେ ଭାପୁର ବ୍ଲକରେ ମାଣ୍ଡିଆ ଦାୟିତ୍ୱ ନେଇଥିଲା। ସେହିଭଳି ଭାବେ ଇକୋ ସଲ୍ୟୁସନ୍ ଓଡ଼ଗାଁ ବ୍ଲକରେ ମାଣ୍ଡିଆ ଦାୟିତ୍ୱ ନେଇଥିଲା। ଚାଷ ନକରି ଚାଷୀଙ୍କ ନାଁରେ ସହାୟତାକୁ ଦୁଇ ଏନ୍‌ଜିଓ ଲୁଟ କରିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଯାହାର ତଦନ୍ତ ମଧ୍ୟ କରାଯାଇଛି। ତଥାପି ଏହି ଦୁଇ ଏନ୍‌ଜିଓକୁ ପୁଣି ମକା ମିଶନ ପାଇଁ ଚୟନ କରାଯିବା ଜିଲ୍ଲାବାସୀଙ୍କୁ ଚିନ୍ତାରେ ପକାଇଛି। କୃଷି ବିଭାଗ ଅଧିକାରୀଙ୍କୁ ହାତ କରି ଏନଜିଓମାନେ ଦାୟିତ୍ୱ ମୁଣ୍ଡାଇ ଚାଷୀଙ୍କ ନାଁରେ ସରକାରଙ୍କୁ ଲୁଟ କରୁଥିବା ଅଭିଯୋଗ ହୋଇଛି। ମକା ମିଶନ ଯୋଜନାରେ କୃଷି ବିଭାଗ ଚାଷୀଙ୍କୁ ମାଗଣ ବିହନ ଯୋଗାଇ ଦେବାକୁ ବ୍ୟବସ୍ଥା କରୁଛି। ଏହା ସହିତ ଚାଷୀ ସାର, ଔଷଧ କ୍ରୟ ଉପରେ ରାଜ୍ୟ ସରକାର ସବସିଡ୍ ଦେବେ ବୋଲି ସୂଚନା ମିଳିଛି। ଚାଷୀଙ୍କ ନାଁରେ ଏହି ଦୁଇ ଏନଜିଓ ବାରମ୍ବାର ହରିଲୁଟ କରୁଥିବାରୁ ସେମାନଙ୍କୁ ମକା ମିଶନ ଯୋଜନାରୁ ହଟାଇବା ପାଇଁ ଦାବି ହେଉଛି।

# ନୟାଗଡ଼ ପୌର ପରିଷଦ ▶ କଲ୍ୟାଣ ମଣ୍ଡପ ଲିଜ୍ ଅବଧି ବୃଦ୍ଧିକୁ ନେଇ ଅସନ୍ତୋଷ

ନୟାଗଡ଼,୨୬।୭(ସମିସ): ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥିବା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଲିଜ ଅବଧି ବୃଦ୍ଧିକୁ ନେଇ ସରକାରୀ ଦଳ ଓ ଜନସାଧାରଣଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖାଯାଇଛି। ୨୦୨୦ ମସିହାରେ ୩ ବର୍ଷ ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଲିଜ ଦିଆଯିବାକୁ ଟେଣ୍ଡର ହୋଇଥିଲା। ଏହାକୁ ୧୧ ଲକ୍ଷ ୯୩ ହଜାର ୧୦୦ ଟଙ୍କାରେ ତିନିବର୍ଷ ପାଇଁ ଲିଜ୍ ଦିଆଯାଇଥିଲା। ୨୦୨୦ ଓ ୨୦୨୧ ମସିହାରେ କରୋନା ମହାମାରୀ ପାଇଁ ସାମାଜିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଥିଲା। ଫଳରେ ଲିଜ୍ ଧାରୀଙ୍କୁ ଅତିରିକ୍ତ ଦୁଇ ବର୍ଷ ସମୟ ଦିଆଯାଇଥିଲା। ୨୦୨୫ ମେ' ୩୧ ତାରିଖରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଲିଜ୍ ଶେଷ ହେଉଥିବା ବେଳେ ଉକ୍ତ ଲିଜ ଧାରୀଙ୍କୁ ପୁନଃ ଏକ ବର୍ଷ ପାଇଁ ଲିଜ୍ ଦିଆଯିବାକୁ ପୌର ପରିଷଦରେ ନିଷ୍ପତ୍ତି ନିଆଯାଇଛି। ଏନେଇ ଗତ ଅପ୍ରେଲ ମାସ ବୈଠକରେ ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ ହୋଇଥିବା ବେଳେ ଗତ ବୈଠକରେ ଉକ୍ତ ପ୍ରସ୍ତାବକୁ ଦୃଢ଼ୀକରଣ କରାଯାଇଛି। ଯାହାକୁ ନେଇ ସରକାରୀ ଦଳ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଲିଜଧାରୀଙ୍କୁ କରୋନା ପାଇଁ ଅତିରିକ୍ତ ଦୁଇ ବର୍ଷ ସମୟ ଦିଆ ଯାଇଥିବା ବେଳେ କଲ୍ୟାଣ ମଣ୍ଡପକୁ ପୁନଃ ଟେଣ୍ଡର କରାନଯାଇ କାହିଁକି ପୌର ପରିଷଦ ପକ୍ଷରୁ ଲିଜ ଅବଧିକୁ ବୃଦ୍ଧି କରାଗଲା ବୋଲି ପ୍ରଶ୍ନ ଉଠିଛି।

## ମହାପୁରୁଷଙ୍କ ନାମରେ ରାସ୍ତାର ନାଁ

ନୟାଗଡ଼ ପୌର ପରିଷଦ ପକ୍ଷରୁ ସହରର ୧୮ଟି ରାସ୍ତାକୁ ମହାପୁରୁଷଙ୍କ ନାମରେ ନାମିତ କରାଯାଇଛି। ସେଗୁଡ଼ିକ ମଧ୍ୟରେ ନୟାଗଡ଼ ଗୋଲେଇ ଛକଠାରୁ ପିଟିଏସ୍ ପର୍ଯ୍ୟନ୍ତ ରାସ୍ତାକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ କରାଯାଇଛି। ସେହିଭଳି ଭାବେ ଗୋଲେଇ ଛକଠାରୁ ଇଟାମାଟି ପର୍ଯ୍ୟନ୍ତ ରାସ୍ତାକୁ ଯଦୁମଣି ମାର୍ଗ, ଖଣ୍ଡପଡ଼ା ରାସ୍ତାକୁ ପଠାଣି ସାମନ୍ତ ମାର୍ଗ, ଦେବୋତ୍ତର କଲୋନୀ ୫ମ ଲେନଠାରୁ କଇଥଗାଡ଼ିଆ ପର୍ଯ୍ୟନ୍ତ ରାସ୍ତାକୁ ସହିଦ୍ ରଘୁ-ଦିବାକର ମାର୍ଗ, ଗୋଲେଇ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକୁ ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ମାର୍ଗ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରୁ ରେଳଷ୍ଟେସନ ପର୍ଯ୍ୟନ୍ତ ରାସ୍ତାକୁ ଶହୀଦ୍ କଷ୍ଟି ଡାକୁଆ ମାର୍ଗ, ପିଟିଏସ୍ ଛକଠାରୁ ଲେଙ୍କୁଡ଼ିପଡ଼ା ପର୍ଯ୍ୟନ୍ତ ରାସ୍ତାକୁ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ନାମରେ ସଦାନନ୍ଦ ମାର୍ଗ କରାଯାଇଛି। ଲେଙ୍କୁଡ଼ିପଡ଼ା କଲ୍ୟାଣମଣ୍ଡପଠାରୁ ଧବଳେଇ ପର୍ଯ୍ୟନ୍ତ ରାସ୍ତାକୁ ବିନାୟକ ମିଶ୍ର ମାର୍ଗ, ପୁରୁଣା ସହର ବ୍ରାହ୍ମଣସାହିଠାରୁ ପଶ୍ଚିମ ୟୁପି ସ୍କୁଲ ପର୍ଯ୍ୟନ୍ତ ଗୋବିନ୍ଦଚନ୍ଦ୍ର ଶୂରଦେଓ ମାର୍ଗ, ଓଡ଼ଗାଁ ଛକଠାରୁ କଚେରି ବଜାର ପ୍ରତିମୂର୍ତ୍ତୀ ପର୍ଯ୍ୟନ୍ତ ଦାଶିଆ ଅଜା ମାର୍ଗ, ଜିଲ୍ଲା ପାଠାଗାରଠାରୁ ସାଗରପୋଖରୀ ଦେଇ ଦକ୍ଷିଣକାଳୀ ପର୍ଯ୍ୟନ୍ତ ବିଧାର ସାମନ୍ତ ମାର୍ଗ, ରାମସାହୁ ଗଳିଠାରୁ ପୁରୁଣା ହଷ୍ଟେଲ ପର୍ଯ୍ୟନ୍ତ ଗଳ୍ପସାଗର ବାଞ୍ଛାନିଧି ସାହୁ ମାର୍ଗ, ତ୍ରିନାଥ ଛକଠାରୁ ନୂଆରାଜବାଟି ପର୍ଯ୍ୟନ୍ତ ରାଜା କୃଷ୍ଣଚନ୍ଦ୍ର ମାର୍ଗ, ଜଗନ୍ନାଥ ମନ୍ଦିରଠାରୁ ଡିଆରଡିଏ ପର୍ଯ୍ୟନ୍ତ ରଘୁନାଥ ଦାସ ମାର୍ଗ, ମହିଳା ମହାବିଦ୍ୟାଳୟ ରାସ୍ତାକୁ ଶ୍ରୀଧର ଦାଶ ମାର୍ଗ, ସିନ୍ଦୁରିଆଠାରୁ ପାଟଚଣ୍ଡି ମନ୍ଦିର ଦେଇ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ମାର୍ଗ ବାଞ୍ଛାନିଧି ସେନାପତି ମାର୍ଗ, ମହିଳା ମହାବିଦ୍ୟାଳୟ ପଛପାଖ ରାସ୍ତାକୁ ଲକ୍ଷ୍ମଣ ମହାରଣା ମାର୍ଗ ନାମରେ ନାମିତ କରାଯାଇଛି। ଏନେଇ ପୌର ପରିଷଦ ପକ୍ଷରୁ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗୃହିତ ହୋଇଛି।

● କାଉଡ଼ିଆଙ୍କ ଅଟୋ ଦୁର୍ଘଟଣା ଘଟଣା

# ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

ନୟାଗଡ଼/ଶରଣକୁଳ,୨୬।୭(ସମିସ): କାଉଡ଼ିଆଙ୍କ ଅଟୋ ଓ ପିକଅପ୍ ଦୁର୍ଘଟଣା ଘଟଣାରେ ଆଉ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ମୃତକ ହେଲେ ଅଟୋଚାଳକ ଘନଶ୍ୟାମ ପଡ଼ିଆରୀ। ସୂଚନା ଅନୁସାରେ ଗତ ରବିବାର ୭ ଜଣ କାଉଡିଆଙ୍କୁ ନେଇ ନୟାଗଡ଼ ପଟୁ ଆସୁଥିବା ଏକ ଅଟୋ ଶରଣକୁଳ ଥାନା ଅନ୍ତର୍ଗତ କଲ୍ୟାଣପୁର ସ୍କୁଲ ନିକଟରେ ଏକ ପିକ୍‌ଅପ୍ ସହ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ କଟରାଝରି ଗ୍ରାମର ପୂଜା ସ୍ୱାଇଁ ନାମକ ଜଣେ କାଉଡିଆଙ୍କୁ ମୃତ୍ୟୁ ହୋଇଥିଲା। ଅନ୍ୟମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣାର ୨ ଦିନ ପରେ ବିଟଳଗାଡ଼ିଆ ଗ୍ରାମର ରମା ଦାସଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ଗତକାଲି ରାତିରେ ଅଟୋ ଚାଳକ ପାଣିପୋଇଲା ଗ୍ରାମର ଘନଶ୍ୟାମ ପଡ଼ିଆରୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଦୁର୍ଘଟଣାରେ ଆହତ ହୋଇଥିବା ଖୋର୍ଦ୍ଧା ସ୍ୱପ୍ନେଶ୍ୱରପୁର ଗ୍ରାମର ଗୀତାଞ୍ଜଳୀ ସୁନ୍ଦରାୟ, ବଡଦେଶ ହରିପୁର ଗ୍ରାମର ଝରଣା ପ୍ରଧାନ ଓ ଦୀପକ ପ୍ରଧାନ, କଟକ ଜିଲ୍ଲା ନରସିଂହପୁରର ରିଙ୍କି ଗୁରୁ, ସିଙ୍ଗାରପୁର ଗ୍ରାମର ସାହିଲ ପ୍ରଧାନ ଏବେ ଚିକିତ୍ସାଧିନ ଥିବା ଜଣାପଡିଛି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଖଣ୍ଡପଡ଼ା,୨୬।୭(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ୨ନଂ. ୱାର୍ଡର ଧର୍ମ ପରାୟଣା ମହିଳା ତଥା ସ୍ୱର୍ଗତ ଅରୁଣ କୁମାର ପ୍ରଧାନଙ୍କ ପତ୍ନୀ ହାରାମଣି ପ୍ରଧାନ (୭୧)ଙ୍କ ଶନିବାର ସକାଳେ ପରଲୋକ



ହୋଇଯାଇଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସୂର୍ଯ୍ୟନାରାୟଣ ପ୍ରଧାନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ପ୍ରଧାନଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକପ୍ରକାଶ ପାଇଛି।

# ରାଜରାସ୍ତାରେ ବୁଲା ଗାଈଗୋରୁ

ଗଣିଆ,୨୬।୭(ସମିସ): ଗଣିଆରେ ଏବେ ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଗାଈଗୋରୁ ରାସ୍ତା ଉପରେ ଶୋଇ ରହିବା ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଶେଷକରି ଗଣିଆ ବଜାର ଉପରେ ଏହି ସମସ୍ୟା ଲାଗି ରହୁଛି। ଖୋର୍ଦ୍ଧା ଠାରୁ ବଲାଙ୍ଗିର ପର୍ଯ୍ୟନ୍ତ ତିଆରି ହୋଇଥିବା ରାଜ୍ୟ ରାଜପଥ ଗଣିଆ ଦେଇ ଦଶପଲ୍ଲା ସହିତ ସଂଯୋଗ ହୋଇଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ବସ୍, ଟ୍ରକ୍ ଦଶ ଚକିଆ ଯାନ, ଡମ୍ଫର ଆଦି ଯାତାୟାତ କରୁଛି। ତେବେ ଗାଈଗୋରୁ ରାସ୍ତାରେ ଶୋଇ ରହୁଥିବା ହେତୁ ସେମାନଙ୍କୁ ଘଉଡ଼ାଇବା ସମ୍ଭବ ହେଉନାହିଁ। ଅନେକ ସମୟରେ ରାସ୍ତାରେ ଗାଡି ମଟର ଛିଡ଼ାହୋଇ ରାସ୍ତା ଜାମ୍ ହେଉଛି। ଗଣିଆରେ ଦୀର୍ଘ ଦିନ ହେବ କାଞ୍ଜିଆହୁଦା ଭାଙ୍ଗି ଯାଇଥିବାରୁ ରାଜରାସ୍ତା ଏବେ ବୁଲା ଗାଈ ଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ରାତିରେ ଯାଉଥିବା ବସ୍ ଗୁଡିକ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍କୁଲ,କଲେଜ ଯାଉଥିବା ଛାତ୍ର ଛାତ୍ରୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଏବେ ଶ୍ରାବଣ ମାସ ଥିବାରୁ ଗଣିଆର ପ୍ରମୁଖ ଭୋଳେଶ୍ୱର ପୀଠକୁ କାଉଡିଆଙ୍କ ସୁଅ ଛୁଟୁଥିବା ବେଳେ ସେମାନେ ରାସ୍ତାରେ ଗଲା ବେଳେ ଘଣ୍ଟି ଶବ୍ଦ ଶୁଣି ସେମାନଙ୍କୁ ଗୋଡାଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ସୋଲପଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁସୁରକ୍ଷା ଅଧିକାରୀ ୧୦୯୮ ଟୋଲ ଫ୍ରି' ନମ୍ବର ବିଷୟରେ ସଚେତନ କରିଥିବା ବେଳେ ଚାଇଲ୍ଡ ହେଲ୍ପ ଲାଇନର କାଉନସିଲର୍ ଚନ୍ଦ୍ରଶେଖର ବେହେରା, କେଶ ୱାର୍କର ଗୌରବ ରାଉତ ୧୦୯୮ ଟୋଲ ଫ୍ରି' ନମ୍ବରର କାର୍ଯ୍ୟକାରିତା, ଶିଶୁ ମାନଙ୍କ ପୃଷ୍ଟପୋଷକତା ଓ ଆଇନର କାର୍ଯ୍ୟକାରିତା ବାଲ୍ୟ ବିବାହ, ଶିଶୁଚାଳନ, ଶିଶୁ ଶ୍ରମିକ, ଆଇନ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁମାନଙ୍କର ବିଷୟରେ ଆଲୋକପାତ କରିଥିଲେ। ସୋଲପଟା ସ୍କୁଲର ଶହେରୁ ଅଧିକ ଛାତ୍ର ଛାତ୍ରୀ ମାନଙ୍କୁ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଭିଡ଼ିଓ ପରିବେଷଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ନେଇ ବାଲ୍ୟ ବିବାହ ନକରିବା ନିମନ୍ତେ ଏକ ଶପଥ ପାଠ କରାଯାଇଥିଲା। ସୋଲପଟା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମା କୁମାରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ନନ୍ଦ ସହଯୋଗ କରିଥିଲେ।

# ଡିଜିଟାଲ ମୁଦ୍ରା ବ୍ୟବହାର ସଚେତନତା

ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗୌଡ଼ପୁଟ ପଞ୍ଚାୟତରେ ସୁଭଦ୍ରା ହିତାଧିକାରୀଙ୍କୁ ନେଇ ଡିଜିଟାଲ ମୁଦ୍ରାର ବ୍ୟବହାର ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ କ୍ଷେତ୍ରୀୟ ପ୍ରବନ୍ଧକ ଭଗତ୍ ବେହେରା ଯୋଗଦେଇ ଡିଜିଟାଲ ମୁଦ୍ରାର ବ୍ୟବହାର ସଂପର୍କରେ ହିତାଧିକାରୀଙ୍କୁ ଭାବେ ବୁଝାଇଥିଲେ। ସୁଭଦ୍ରା ହିତାଧିକାରୀଙ୍କ ୩ୟ କିସ୍ତି ଅର୍ଥ ଏହି ଆପ ମଧ୍ୟମରେ ଡିଜିଟାଲ ମୁଦ୍ରା ଭାବେ ସିଧାସଳଖ ପହଞ୍ଚିବ। ହିତାଧିକାରୀ ଉକ୍ତ ଆପ ମାଧ୍ୟମରେ ଆସିଥିବା ଅର୍ଥକୁ ଡିଜିଟାଲ ମୁଦ୍ରା ଭାବେ ମୋବାଇଲ ମନିପର୍ସରୁ ଖର୍ଚ୍ଚ କରିପାରିବେ। ଏଥିସହିତ ଉକ୍ତ ଆପ ମାଧ୍ୟମରେ ସୁଭଦ୍ରା ହିତାଧିକାରୀଙ୍କ ୩ୟ କିସ୍ତି ଅର୍ଥ ପହଞ୍ଚିଲେ ସେମାନଙ୍କ ପାଇଁ ଅଜଥା ବ୍ୟାଙ୍କ ଝିନଝଟ ରହିବ ନାହିଁ। ଯେଉଁ ହିତାଧିକାରୀ ମାନେ ଏହି ଆପର ବ୍ୟବହାର ଜାଣିପାରିବେ ନାହିଁ, ସେମାନଙ୍କ ନିକଟକୁ ବ୍ୟାଙ୍କ ମାଧ୍ୟମରେ ଅର୍ଥ ପହଞ୍ଚିବ। ଆଜିର କାର୍ଯ୍ୟକ୍ରମରେ ଗୌଡ଼ପୁଟ ସରପଞ୍ଚ ତ୍ରିନାଥ ନାଏକ ଯୋଗ ଦେଇଥିବା ବେଳେ କିଓସ୍କ ବ୍ୟାଙ୍କ ଅପରେଟର ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆବଶ୍ୟକତାରୁ ବିକଳ୍ପ ଓ ବିକଳ୍ପରୁ ଜନ୍ମ ପ୍ରକଳ୍ପ

# ପାୱାର ଟିଲରକୁ ନୂଆ ରୂପ ଦେଲେ ଜଗନ୍ନାଥ

ଓଡ଼ଗାଁ,୨୬।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ଚାଷୀ ଜଗନ୍ନାଥ ନାୟକଙ୍କ ଆବଶ୍ୟକତାରୁ ବିକଳ୍ପ ଓ ବିକଳ୍ପରୁ ପ୍ରକଳ୍ପ ନିର୍ମାଣ କରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଚାଷ କାର୍ଯ୍ୟକୁ ସହଜ ସରଳ କରିବା ପାଇଁ ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗ୍ରାମର ଚାଷୀ ଜଗନ୍ନାଥ ବିଗତ ବର୍ଷ ଗୋଟିଏ ପାୱାର ଟ୍ରିଲର କିଣିଥିଲେ। ଏହାକୁ ଚଳାଇ ଚାଷକାର୍ଯ୍ୟ କରିବା ସମୟରେ ହାଣ୍ଡେଲକୁ ଧରି ବିଲ ମଧ୍ୟରେ ଚାଲିବାକୁ ପଡ଼ିଥିଲା। ଶୁଖିଲା ବିଲଚାଷ କରିବା ଅଲଗା କଥା, ମାତ୍ର ବିଲରେ ଚାଲି ଚାଲି ଜମିକୁ କାଦୁଅ କରିବା ବେଳେ ସେ ହାଲିଆ ହୋଇ ପଡୁଥିଲେ। ଶରୀରକୁ ଅଧିକ କଷ୍ଟ ହେଉଥିଲା। କଷ୍ଟକୁ ଲାଘବ କରିବା ପାଇଁ ତାଙ୍କ ମନରେ ଉଦ୍ୟମ ସୃଷ୍ଟି ହୋଇଥିଲା। ପରିକଳ୍ପିତ ଯୋଜନା



ଅନୁସାରେ କବାଡିଆରୁ ଜଗନ୍ନାଥ ୨ଟି ବାଇକ୍ ଚକ ଆଣି ସେଥିରେ ଟାୟାର ଟିୟୁ ପକାଇ ଲୁହାର ଆଙ୍ଗଲ ଓଲଡିଂ କରି ଏକ ଫ୍ରେମ୍ ପ୍ରସ୍ତୁତ କଲେ। ଫ୍ରେମ୍ ଉପରେ ସିଟ୍ ତିଆରି କରି ତାକୁ ପାୱାର ଟ୍ରିଲର ସହିତ ସଠିକ୍ ଭାବେ ଯୋଡ଼ି ଜମି କାଦୁଅ କାର୍ଯ୍ୟ କଲେ। ଏଥର ଦିନସାରା ଜମିରେ କାଦୁଅ କଲେ ମଧ୍ୟ ଆଉ ହାଲିଆ ହେଲେ ନାହିଁ। ବିନା ଇଞ୍ଜିନିୟରିଂ ଶିକ୍ଷାରେ ନିଜ ଆବଶ୍ୟକତାକୁ ପୂରଣ କରିବା ପାଇଁ ମନରେ ସୃଷ୍ଟି ଉପାୟକୁ ସେ ସାକାର କରିପାରିଛନ୍ତି। ଏଭଳି ସଫଳତା ପ୍ରକାଶ ପାଇବା ପରେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ପାରିବ ନିଶ୍ଚୟ। ସ୍ଥାନୀୟ ପ୍ରଶାସନ ହେଉ ଅଥବା କୃଷି ବିଭାଗ ଦ୍ୱାରା ତାଙ୍କର ସଫଳତାକୁ ପ୍ରଚାର ପ୍ରସାର କଲେ, ତାହା ଅଧିକ ଲୋକାଭିମୁଖୀ ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ମଧୁକର୍ଣ୍ଣିକା ପାହାଡ଼ରୁ ଖସୁଛି ମାଟି ଅତଡ଼ା

## ଗାର୍ଡୱାଲ୍ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦାବି

ଖଣ୍ଡପଡ଼ା,୨୬।୭(ସମିସ)

ନୟାଗଡ଼ ଜିଲ୍ଲା ରାଜ୍ୟରେ ପର୍ଯ୍ୟଟନ ସ୍ଥଳୀ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଜିଲ୍ଲାର କେନ୍ଦ୍ରସ୍ଥଳୀଠାରୁ ଆରମ୍ଭ କରି ଚତୁଃପାଶ୍ୱର୍ରେ ପ୍ରାକୃତିକ ଭରା ଆକର୍ଷଣୀୟ ଚିତ୍ରପଟ ରହିଛି।



ଏହା ସାଙ୍ଗକୁ ପ୍ରମୁଖ ଦେବସ୍ଥଳୀ ଯୋଗୁଁ ଏହି ଜିଲ୍ଲାର ସମ୍ମାନକୁ ଆଉ ପାଦେ ଆଗକୁ ନେଇଛି। ସେହିଭଳି ଜିଲ୍ଲାର ଉତ୍ତର ଦିଗରେ ଥିବା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ଗ୍ରାମର ଗୋକୁଳାନନ୍ଦଜୀଉଙ୍କ ମନ୍ଦିର ହେଉଛି ଅନ୍ୟତମ। ଏହି ସ୍ଥାନଟି ଓଡ଼ିଶା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗରେ ସ୍ଥାନ ପାଇଥିବାରୁ ଏଠାରେ ପର୍ଯ୍ୟଟକମାନଙ୍କ ରହିବା ଏବଂ ସେମାନଙ୍କୁ ଆକର୍ଷିତ କରିବା ପାଇଁ ନିକଟରେ ଥିବା ଗୋକୁଳାନନ୍ଦ ପାହାଡ ଶିଖରରେ ରାଜ୍ୟ ସରକାର ଏକ ଇକୋ ଟୁରିଜିମ ନିର୍ମାଣ କରିଛନ୍ତି। ଯେଉଁଠାରେ ବର୍ଷସାରା ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ଭିଡ ଦେଖିବାକୁ ମିଳିଥାଏ। ପ୍ରଭୁ ଗୋକୁଳାନନ୍ଦଙ୍କ ପାଦଦେଶରେ ବହିଯାଇଥିବା ମହାନଦୀର ବିସ୍ତୀର୍ଣ୍ଣ ଜଳରାଶି ସାଙ୍ଗକୁ ଏଠିକାର ସବୁଜିମା ପାହାଡ଼ ଜଙ୍ଗଲ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରେ। ବହୁ ଦୂରଦୂରାନ୍ତରୁ ଲୋକମାନେ ଏଠାକୁ ଆସି ଠାକୁର ଦର୍ଶନ କରିବା, ଇକୋଟୁରିଜିମରେ ବୁଲାବୁଲି କରିବା ସାଙ୍ଗକୁ ଫୋଟୋ ଉଠାଇବା ସହ ମହାନଦୀ କୂଳରେ ପରିବାର ଓ ସାଙ୍ଗସାଥିଙ୍କ ସହ ମିଶି ଭୋଜିଭାତ କରି ବେଶ ମଜା ନିଅନ୍ତି। ପର୍ଯ୍ୟଟକ ମାନଙ୍କ ସମସ୍ତ ସୁବିଧା ପାଇଁ ରାଜ୍ୟ ସରକାର ଏଠି କୋଟି କୋଟି ଟଙ୍କା ବିନିଯୋଗ କରିଛନ୍ତି। ବର୍ତ୍ତମାନ ଏହି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଗତ କିଛି ବର୍ଷ ହେଲା ଏକ ମୁଖ୍ୟ ସମସ୍ୟା ଦେଖିବାକୁ ମିଳିଛି। ପୂର୍ବରୁ ଗୋକୁଳାନନ୍ଦଙ୍କ ପୀଠକୁ ଯାତାୟତ କରିବା ପାଇଁ ମହାନଦୀ ପାଶ୍ୱର୍ର ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଆରମ୍ଭ ହୋଇଥିବା ବିସ୍ତୀର୍ଣ୍ଣ ପାହାଡକୁ କଟାଯାଇ ରାସ୍ତା ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହି ରାସ୍ତାଟି କ୍ରମଶଃ ଦୃବଳ ହେବା ସହ ପର୍ଯ୍ୟଟକ ମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ଯାତାୟତ କରିବା ପାଇଁ ବିପଦ ସୃଷ୍ଟି କରିଛି। ବର୍ଷା ଋତୁରେ ହେଉଥିବା ଲଘୁଚାପଜନିତ ବର୍ଷା ଯୋଗୁଁ ଗୋକୁଳାନନ୍ଦ ପାହାଡ଼ରୁ ମାଟି, ପଥର ଧସିବାର ଦେଖା ଦେଇଛି। ଏହା ସାଙ୍ଗକୁ ମୂଲ୍ୟବାନ ଗଛ ସବୁ ଉପୁଡିବାରେ ଲାଗିଛି। ପାହାଡର ସ୍ଥିତି ଯାହା ରହିଛି ଆଗକୁ ଉକ୍ତ କଂକ୍ରିଟ ରାସ୍ତାଟି ମହାନଦୀ ରେ ଲୀନ ହେବାର ବହୁ ସମ୍ଭାବନା ରହିଛି।

ଏଣୁ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ଯଥା ପୂର୍ବରୁ ଏହି ସମସ୍ୟାର ସମାଧାନ ନିମନ୍ତେ ଯତ୍ନବାନ ହେବା ସହିତ ପାହାଡ଼ ପାଦଦେଶକୁ ଲାଗି କଂକ୍ରିଟ ଗାର୍ଡ ୱାଲ ନିର୍ମାଣ କରିବା ପାଇଁ ଅଞ୍ଚଳର ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ସାଧାରଣ ଲୋକେ ଦାବି କରିଛନ୍ତି।

# ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା



ନୟାଗଡ଼,୨୬।୭(ସମିସ): ଓଡ଼ିଆ ଭାଷା, ସାହିତ୍ୟ ପାଇଁ ନିରନ୍ତର ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି କରାବା ପାଇଁ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ସ୍ତରରେ 'ନୂଆ ସ୍ୱର ନିଆରା କଥା' ପରି କାର୍ଯ୍ୟକ୍ରମ ଆୟୋଜନ କରିବା ସହ ବିଭିନ୍ନ ସେବାମୂଳକ କାର୍ଯ୍ୟ କରି ଆସୁଥିବା ଉତ୍କଳ ସମ୍ମିଳନୀ ନୟାଗଡ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ କରାଯାଇଛି।

ଉତ୍କଳ ସମ୍ମିଳନୀ ରାଜ୍ୟ ସଂଗଠନର ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ନିର୍ବାଚନରେ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପର୍ଯ୍ୟବେକ୍ଷକ ହାଡିବନ୍ଧୁ ମହାକୁଡ଼ ଏବଂ ନିର୍ବାଚନ ଅଧିକାରୀ ଭାବେ ଗୋକୁଳ କୁମାର ଷଡ଼ଙ୍ଗୀ ଯୋଗଦେଇ ନୂତନ କର୍ମକର୍ତ୍ତା ନିର୍ବାଚନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ପ୍ରଭୁଦତ୍ତ ପ୍ରଧାନ ଓ ଉର୍ମିଳା ବାଳା ମିଶ୍ର ନିର୍ବାଚନ ନିୟମାବଳୀ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ବସିରନ୍ ବିବି, ଉପସଭାପତି ଅରୁଣ କୁମାର ମହାନ୍ତି ଓ ପ୍ରଫେସର ମହମ୍ମଦ ଓମାର ମଲ୍ଲିକ, ସଂପାଦକ ସୁଦର୍ଶନ ପ୍ରଧାନ, ସଂଗଠନ ସଂପାଦକ ପ୍ରଦୀପ କୁମାର ସାହୁ, ଯୁଗ୍ମ ସଂପାଦକ ଗୋପୀନାଥ ସେଠୀ, କୋଷାଧ୍ୟକ୍ଷ ମମତା ମଞ୍ଜରୀ ଦେବୀ ନିର୍ବାଚିତ ହୋଇଛନ୍ତି। ତତ୍ ସହିତ ପନ୍ଦର ଜଣ ସଦସ୍ୟ କାର୍ଯ୍ୟକାରୀ ସମିତିକୁ ମଧ୍ୟ ନିର୍ବାଚିତ ହେଲେ। ଜିଲ୍ଲା ଶାଖା ପ୍ରାକ୍ତନ ସଂପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିବା ବେଳେ ନିଳୀମା ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

■ ଦୋକାନରୁ ସଟର ଭାଙ୍ଗି ଲୁଟ୍ ଘଟଣା

# ଅଭିଯୁକ୍ତ ଗିରଫ, ଟଙ୍କା ଜବତ

ଜଟଣୀ, ୨୬।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ପଥରଚକଡ଼ା ସାହିରୁ ଏକ ଦୋକାନରୁ ସଟର ଓ ଛାତ ତାଡ଼ି ଟଙ୍କା ଲୁଟ୍ ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ତରାବୋଇ ପଥରଚକଡ଼ା ସାହିର ଶ୍ରୀମନ୍ତ ବରାଳ ଓରଫ ମାନସ (୩୦)। ତା' ନିକଟରୁ ନଗଦ ୧୦ ହଜାର ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଳନ୍ଧର ବରାଳ ଓ ଅଭିଯୁକ୍ତ ମାନସ ଉଭୟ ଗୋଟିଏ ଗାଁର ଲୋକ। ଉଭୟଙ୍କ ମଧ୍ୟରେ କିଛିଦିନ ହେଲା ବିବାଦ ଲାଗି ରହି ଆସିଥିଲା। ଗତ ୨୫ ତାରିଖ ମଧ୍ୟାହ୍ନ ସମୟରେ ମାନସ ଜଳନ୍ଧର ବରାଳଙ୍କ ଦୋକାନର ସଟର ଓ ଛାତ ତାଡ଼ି ଦୋକାନ ଭିତରୁ ୧୦ ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ଦୋକାନ ଭାଙ୍ଗି ଲୁଟ୍ ହୋଇଥିବା ଜାଣି ମାଲିକ ଜଳନ୍ଧର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଥିବାବେଳେ ତରାବୋଇ ବୁଲି ବଜାର ନିକଟରେ ଅଭିଯୁକ୍ତ ବୁଲୁଥିବା ଖବର ପାଇ ପୁଲିସ ଚଢ଼ଉ କରି ତାକୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ (ନଂ ୩୩୩/୨୫) ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ପୁଲିସ।

# ବ୍ୟାପୁଛି ଫାଟୁଆ, ବଜବଜିଆ, ସାହାଣ; ଚିନ୍ତାରେ ଚାଷୀ

ଖୋର୍ଦ୍ଧା, ୨୬।୭ (ସମିସ)



ଗ୍ରାମାଞ୍ଚଳଗୁଡ଼ିକରେ ଗୋ-ପାଳକମାନଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ଗୋରୁଙ୍କ ଚିକିତ୍ସା ପାଇଁ ମାଗଣାରେ ଟୀକାକରଣଠାରୁ ଆରମ୍ଭ କରି ବିନା ମୂଲ୍ୟରେ ଔଷଧ ଆଦି ପ୍ରଦାନ କରାଯାଉଛି। ଗୋ-ସମ୍ପଦର ବିକାଶ ପାଇଁ

● ଟୀକାକରଣରେ ସହଯୋଗ କରିବାକୁ ନିବେଦନ କଲେ ସିଡିଭିଓ

ଅତ୍ୟାଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଚାଷୀମାନେ ବେଶ୍ ଲାଭବାନ ହୋଇପାରୁଛନ୍ତି। ପୂର୍ବାପେକ୍ଷା ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳରେ ଦେଶୀ ଗାଈଙ୍କ ଚାହିଦା ରହିଥିବାବେଳେ ସେମାନଙ୍କ ବଂଶ ବିପଦ ଆଡ଼କୁ ଠେଲି ହୋଇଯାଉଛି। ସେହିପରି ଶଙ୍କର ଜାତୀୟ ଗାଈ ଚାଷ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ଦ୍ୱିଗୁଣିତ ହେଉଛି। ଏହି ଗୋ-ପାଳନ କରି ଗାଁ ଲୋକମାନେ ବେଶ୍ ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ମାତ୍ର ବର୍ଷାଦିନେ ଗୋରୁଙ୍କଠାରେ ବ୍ୟାପୁଛି ଫାଟୁଆ, ଚଉଆ, ବଜବଜିଆ, ସାହାଣ ଆଦି ରୋଗ। ଶହ ଶହ ଗୋରୁଗାଈ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଗୋରୁଙ୍କଠାରେ ଏହି ରୋଗ ଗାଁକୁ ଗାଁ ବ୍ୟାପିବାରେ ଲାଗିଛି। ଅକାଳରେ ଗୋରୁଙ୍କ ଜୀବନ ଚାଲିଯାଉଛି। ଫଳରେ ଗୋ-ଚାଷୀଙ୍କ ଆର୍ôଥକ ମେରୁଦଣ୍ଡ ଭାଙ୍ଗି ଯିବାକୁ ବସିଛି।

ପ୍ରକାଶ ଥାଉକି, ଗୃହପାଳିତ ପଶୁମାନେ ବର୍ଷା ଦିନିଆ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏଇ ଦିନ କେଇଟା ମଧ୍ୟରେ ଫାଟୁଆ, ଚଉଆ, ବଜବଜିଆ, ସାହାଣ ଆଦି ରୋଗରେ ଅନେକ ଗୋରୁ ଆକ୍ରାନ୍ତ ହେଲେଣି। ପ୍ରତି ଗାଁରେ ଏହି ରୋଗ ଏବେ ଗୋରୁଙ୍କଠାରେ ଦେଖାଦେଉଥିବା ଅଭିଯୋଗ ହେଉଛି। ଏ ରୋଗ ସବୁ ବାୟୁବାହିତ। ବିଶେଷକରି କଅଁଳା ବାଛୁରୀମାନଙ୍କୁ ଟିକା ଦିଆଯାଇ ନ ଥିବାରୁ ଏହି ରୋଗର ଶିକାର ହେଉଥିବା ନଜିର ରହିଛି। ଏ ଦିଗରେ ବିଭାଗ ପକ୍ଷରୁ ଆବଶ୍ୟକୀୟ ସଚେତନତା କରାଯାଉ ନ ଥିବା ଅଭିଯୋଗ ହେଉଛି। ଗୋରୁଗାଈ ମାଲିକମାନେ ପ୍ରାଣୀଧନ ବିଭାଗ ସମୟକୁ ଅପେକ୍ଷା ନ କରି ବରଂ ଆକ୍ରାନ୍ତ ପ୍ରାଣୀଙ୍କୁ ଘରୋଇ ଉପାୟରେ ଚିକିତ୍ସା କରୁଛନ୍ତି। ବିଭାଗ ପକ୍ଷରୁ ମାଗଣା ଔଷଧ ଓ ସଚେତନତା ଶିବିର ଜରିଆରେ ଏ ନେଇ ଗୋ-ରକ୍ଷକଙ୍କୁ ସଚେତନ କରାଇବାକୁ ସାଧାରଣରେ ଦାବି ହେଉଛି।

ଏ ନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବିନାରାୟଣ ପଟ୍ଟନାୟକଙ୍କୁ ପଚାରିବାରେ ସେ କୁହନ୍ତି, ବର୍ଷାଦିନରେ ଏହି ରୋଗ ହେଉଛି। ଏହାର ପ୍ରଭାବ କିଛିଦିନ ରହିବ। ଏ ଦିଗରେ ଗୋରୁଗାଈଙ୍କୁ ଯତ୍ନ ନିଆଯିବା ସହ ଔଷଧ ପ୍ରଦାନ କଲେ ରୋଗ ଭଲ ହୋଇଯିବ। ଚଉଆ ଏକ ଅଢ଼େଇଦିନିଆ ଜ୍ୱର। ସାହାଣ ନେଇ କୌଣସି ଅଭିଯୋଗ ଆସିନି। ସମସ୍ତ ରୋଗ ପାଇଁ ଟୀକାକରଣ ଜାରି ରହିଛି। ତେବେ ଫାଟୁଆ ମାରାତ୍ମକ ରୋଗ ହୋଇଥିବାରୁ ଏହାକୁ ବିଶେଷ ଗୁରୁତ୍ୱ ଦିଆଯାଇ ଟୀକାକରଣ କରାଯାଉଛି। ପ୍ରତ୍ୟେକ ଅଞ୍ଚଳରେ ଟୀକାକରଣ ସରିଛି। ଭ୍ରାମ୍ୟମାଣ ଗାଡ଼ି ଯୋଗେ ସାହାଣ ଓ ବଜବଜିଆ ଟିକା ମଧ୍ୟ ଦିଆଯାଉଛି। ଚାଷୀମାନେ ପ୍ରାଣୀଧନ କର୍ମଚାରୀଙ୍କୁ ଟୀକାକରଣରେ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

# ଜାତୀୟ ବନ୍ଧୁକ ଚାଳନାରେ ସତ୍ୟମ୍‌ଙ୍କୁ ବ୍ରୋଞ୍ଜ

ବେଗୁନିଆ, ୨୬।୭ (ସମିସ): ବେଗୁନିଆ ସଦର ମହକୁମାସ୍ଥିତ ଜଣାଶୁଣା ବ୍ୟବସାୟୀ ଅଧିକାରୀ ବିଷୋଇଙ୍କ ମଧ୍ୟମ ପୁତ୍ର ସାମ୍ବାଦିକ ସୁଶାନ୍ତଙ୍କ ପୁଅ ସତ୍ୟମ୍ ଜାତୀୟ ବନ୍ଧୁକ ଚାଳନାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିରେ ବେଗୁନିଆ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବାରୁ ଶୁଭେଚ୍ଛୁ ତଥା ଆତ୍ମୀୟସ୍ୱଜନମାନେ ପ୍ରଶଂସା କରିଛନ୍ତି।



ସୂଚନା ଅନୁଯାୟୀ, ସୁଶାନ୍ତ ବିଷୋୟୀ ଓ ସ୍ୱାତୀଙ୍କ ପୁତ୍ର ସତ୍ୟମ୍ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ୟୁନିଟ୍ ୩ରେ ସପ୍ତମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି। ତେବେ ବାପା ଓ ମାଆଙ୍କ ପ୍ରେରଣାରେ ପଞ୍ଜାବ ରାଜ୍ୟର ଫୁଗ୍‌ୱାରା ବିଶ୍ୱବିଦ୍ୟାଳୟ ପରିସରରେ ୫୪ତମ ଜାତୀୟ ବନ୍ଧୁକ ଚାଳନା ଖେଳରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ସହ ୫ ହଜାର ଟଙ୍କା ନଗଦ ଅର୍ଥ ପାଇଛନ୍ତି। ବିଧାୟକ ପ୍ରଦୀପ କୁମାର ସାହୁ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ଖବର ପ୍ରକାଶ ପରେ ଚେତିଲା ପୌର ପ୍ରଶାସନ



ଖୋର୍ଦ୍ଧା, ୨୬।୭ (ସମିସ): ଖୋର୍ଦ୍ଧା ପୌରାଞ୍ଚଳ ୧୪ନମ୍ବର ୱାର୍ଡ ବରୁଣେଇସାହିରେ ହୋଇଥିବା ପେଭର୍ ବ୍ଲକ ରାସ୍ତା କାମ ନିମ୍ନମାନର ସମ୍ପର୍କିତ ଖବର ପ୍ରକାଶ ପରେ ତତ୍ପରତା ଦେଖାଇଛି ପୌର ପ୍ରଶାସନ। ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ରାସ୍ତାକୁ ଶନିବାର ଠିକାଦାର ମରାମତି କରିଛନ୍ତି। ଭାଙ୍ଗିଯାଇଥିବା ଗାର୍ଡୱାଲ୍ ନୂଆ ନିର୍ମାଣ କରିବା ସହ ସମ୍ପୂର୍ଣ୍ଣ ଇଟା ଉଠାଯାଇ ପୁନର୍ବାର ପକାଯାଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାମ ହେଉ ନ ଥିବାବେଳେ 'ସକାଳ'ରେ ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା ଯୋଗୁଁ ଦୈନିକ 'ସକାଳ' ପରିବାରକୁ ସ୍ଥାନୀୟ ଲୋକ ସାଧୁବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୧୪ନମ୍ବର ୱାର୍ଡ ବରୁଣେଇସାହିରେ ହୋଇଥିବା ପେଭର୍ ବ୍ଲକ ରାସ୍ତା ନିମ୍ନମାନର ନେଇ ଶନିବାର ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣର କେଇ ଘଣ୍ଟା ମଧ୍ୟରେ ପୌର ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ରାସ୍ତା ସମ୍ପୂର୍ଣ୍ଣ ମରାମତି ସହ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଲାଗିଥିବା ସୂଚନାଫଳକକୁ ପୁନର୍ବାର ଲଗାଇବାକୁ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ମରାମତି କାର୍ଯ୍ୟ ତୁରନ୍ତ କରାନଗଲେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ପରେ ସମ୍ପୃକ୍ତ ଠିକାଦାର ତରବରିଆ ଭାବେ ପୁନର୍ବାର ରାସ୍ତା ମରାମତି କାର୍ଯ୍ୟ କରିଥିବା ଦେଖାଯାଇଛି।

# ତରାବୋଇ ଗ୍ରାମରେ ସିରିଜ୍ ଲୁଟ୍

ଜଟଣୀ, ୨୬।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ତରାବୋଇ ଗ୍ରାମ ପଞ୍ଚାୟତ ବାବଜାସାହିରେ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଏକାଧିକ ଘରର କବାଟ ଭାଙ୍ଗି ଲକ୍ଷାଧିକ ମୂଲ୍ୟର ଦାମୀ ସୁନା ଗହଣା ଚୋରି କରିବା ସହ ନଗଦ ଟଙ୍କା ଚୋରି କରିଛନ୍ତି। ଏହା ସହିତ ଘରେ ଥିବା ରନ୍ଧାଖାଦ୍ୟ ମଧ୍ୟ ନେଇ ଚାଲିଯାଇଥିବାବେଳେ କିଛି ସାମଗ୍ରୀକୁ ରାସ୍ତାରେ ଫିଙ୍ଗି ପଳାଇଛନ୍ତି। ଗ୍ରାମର ଗୋପବନ୍ଧୁ ଷେଣ୍ଢଙ୍କ ଘରୁ ନଗଦ ୮୦ ହଜାର ଟଙ୍କା ସହିତ ସୁନା ଗହଣା ନେଇଯାଇଥିବାବେଳେ ଜ୍ୟୋତ୍ସ୍ନାମୟୀ ରଥ ଓ ଶାନ୍ତିଲତା ରଥଙ୍କ ଘରୁ ମଧ୍ୟ ଅନୁରୂପ ଭାବେ ଟଙ୍କା ଏବଂ ସୁନା ଅଳଙ୍କାର ଘରର କବାଟ ଭାଙ୍ଗି ଲୁଟ୍ କରିଛନ୍ତି। ଲୁଟ୍ ସାମଗ୍ରୀଗୁଡ଼ିକ ମଧ୍ୟରୁ କିଛି ସାମଗ୍ରୀକୁ ରାସ୍ତାରେ ଫିଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଉକ୍ତ ପରିବାର ଲୋକଙ୍କ ପାଇଁ ରହିଥିବା ରନ୍ଧାଖାଦ୍ୟକୁ ମଧ୍ୟ ନେଇ ଚମ୍ପଟ୍ ମାରିଛନ୍ତି।

# ଜନ୍ମମାଟିରେ ପଣ୍ଡିତ ଗୋଦାବରୀଶଙ୍କୁ ଶ୍ରଦ୍ଧାଞ୍ଜଳି

ବାଣପୁର, ୨୬।୭ (ସମିସ): ପୁଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୬୯ତମ ଶ୍ରାଦ୍ଧ ଦିବସ ଅବସରରେ ଶନିବାର ଜନ୍ମମାଟି ବାଣପୁରରେ ଅଞ୍ଚଳବାସୀଙ୍କ ତରଫରୁ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବହୁ ବ୍ୟକ୍ତିବିଶେଷ ସାମିଲ୍ ହୋଇ ପଣ୍ଡିତଙ୍କ ସ୍ମୃତିଚାରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଆୟୋଜିତ ଶ୍ରାଦ୍ଧୋତ୍ସବରେ ଚିଲିକା ସାହିତ୍ୟ ସମାଜର ସଭାପତି ବାଳମୁକୁନ୍ଦ ଦାସ, ଗାଳ୍ପିକ ଶିବ ମିଶ୍ର, କବି ପୁରୁଷୋତ୍ତମ ମହାପାତ୍ର, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ଡ. ନୃସିଂହ ପ୍ରଧାନ, ଭବାନୀ ଶଙ୍କର ହୋତା, ସର୍ବେଶ୍ୱର ଷଡ଼ଙ୍ଗୀ, ଡ. ଚିନ୍ତାମଣି ମିଶ୍ର, ରାଜେନ୍ଦ୍ର ପ୍ରସାଦ ରଥ, ସମାଜସେବୀ ସନ୍ଧ୍ୟା ଦେବୀ, ଅନନ୍ତ ଚରଣ ଖଟେଇ, ସୁଶାନ୍ତ ଦାଶ, ଶେଷଦେବ ମହାରଣା ଓ ସାମ୍ବାଦିକ ଅନନ୍ତ ଚରଣ ବାରିକି ପ୍ରମୁଖଙ୍କ ସମେତ ବାଣପୁର ମାଟିର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାହିତ୍ୟିକ, ସାମ୍ବାଦିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାମିଲ ହୋଇ ପ୍ରତ୍ୟୁଷରୁ ପୁଷ୍କରିଣୀରେ ତିଳତର୍ପଣ ପରେ ବାଣପୁର ବଜାରସ୍ଥିତ ଗୋଦାବରୀଶ ଶିଶୁ ଉଦ୍ୟାନରେ ଥିବା ପଣ୍ଡିତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ବାଣପୁର ସହରର ମଧ୍ୟଭାଗରେ ପଣ୍ଡିତ ଗୋଦାବରୀଶଙ୍କ ଏକ ସୁନ୍ଦର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ନୌସେନା ତାଲିମ କେନ୍ଦ୍ରରେ କାର୍ଗିଲ ବିଜୟ ଦିବସ



ବାଲୁଗାଁ, ୨୬।୭ (ସମିସ): ୧୯୯୯ ମସିହା କାର୍ଗିଲ ଯୁଦ୍ଧରେ ଭାରତୀୟ ବୀର ଯବାନଙ୍କ ଦେଶ ପ୍ରେମ, ଅଦମ୍ୟ ସାହସିକତା ଏବଂ ଉତ୍ସର୍ଗୀକୃତ ବଳିଦାନ ସମ୍ମାନାର୍ଥେ ଭାରତୀୟ ନୌସେନା ତାଲିମ କେନ୍ଦ୍ର ଚିଲିକା ଶାଖା ପକ୍ଷରୁ ପ୍ରତି ବର୍ଷ ଏହି ଦିବସରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିସରରେ ଶନିବାର କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ନାଭାଲ କମୋଡର ବି. ଦୀପକ ଅନିଲ ପ୍ରଶିକ୍ଷଣ କେନ୍ଦ୍ର ପରିସରସ୍ଥିତ ଅମର ଯବାନ ସ୍ମୃତିସ୍ତମ୍ଭରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ବିଜୟ ଦିବସ ଦେଶ ସୁରକ୍ଷାରେ ନିୟୋଜିତ ସାମୁଦ୍ରିକ ଯୋଦ୍ଧାଙ୍କୁ ଅନୁପ୍ରାଣିତ କରି ମନୋବଳକୁ ସୁଦୃଢ଼ କରିବା ସହ ସାହସ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସମାରୋହରେ ନୌସେନାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ସାମିଲ ହୋଇଥିଲେ।

# ଦମ୍ପତିଙ୍କୁ ଆକ୍ରମଣ ଘଟଣା; ଦୁଇ ଗିରଫ

ଜଟଣୀ, ୨୬।୭ (ସମିସ): ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ଅଞ୍ଚଳରେ କାମରେ ଯୋଗ ନ ଦେବାକୁ ନେଇ ସ୍ୱାମୀ ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ଦୁଇ ଅଭିଯୁକ୍ତ ହେଲେ ଜଟଣୀ ରାଜାବଜାର ଗଜପତି ନଗରର ରାଜୁ ଗୋପାଳ ଧଳ (୩୩) ଓ ସୋମନାଥ ଜେନା ଓରଫ ଲାଣ୍ଡୁ (୧୯)। ଆଉଜଣେ ପିତା ମହାନ୍ତି ଫେରାର୍ ହୋଇଯାଇଛି। ଆକ୍ରମଣର ଶିକାର ହୋଇଥିବା ଅଭିଯୋଗକାରିଣୀଙ୍କ ସ୍ୱାମୀ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଲଳିତା ନାୟକ ଓ ତାଙ୍କ ସ୍ୱାମୀ ଉଭୟ ଶ୍ରମିକ ଭାବେ କାମ କରନ୍ତି। ଗତ ୨୧ ତାରିଖ ସକାଳେ ଉଭୟ ଦମ୍ପତି କାମକୁ ଯାଇନଥିଲେ। ଯାହାକୁ ନେଇ ଫେରାର ଅଭିଯୁକ୍ତ ପିତା ମହାନ୍ତି ଓ ତାଙ୍କ ଭଉଣୀ କାମକୁ କାହିଁକି ଯାଇ ନ ଥିଲ ବୋଲି ପଚରାଉଚରା କରିଥିଲେ। ସେମାନେ ଅଟୋ ନ ଉଠାଇବା କାରଣରୁ ଯାଇ ନ ଥିଲେ ବୋଲି କହିଥିଲେ। ଏହାପରେ ଅଭିଯୁକ୍ତ ପିତା ଓ ତାଙ୍କ ଭଉଣୀ ଅଭିଯୋଗକାରିଣୀ ଲଳିତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ପରେ ଲଳିତାଙ୍କ ସ୍ୱାମୀ ବିରୋଧ କରିବାରୁ ପିତା ମହାନ୍ତି, ତାଙ୍କ ବନ୍ଧୁ ଗିରଫ ଅଭିଯୁକ୍ତ ଲାଣ୍ଡୁ, ଲାଣ୍ଡୁର ଭାଇ ଓ ତାଙ୍କର ସହଯୋଗୀ ୬ଜଣ ମିଶି ଆକ୍ରମଣ କରିଥିଲେ। ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଫଳରେ ସେ ଅଚେତ୍ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଥିଲେ। ଏ ନେଇ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଥିବାବେଳେ ଶନିବାର ରାଜାବଜାର ଅଞ୍ଚଳରୁ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ (ନଂ ୩୩୧/୨୫) ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ଅନ୍ୟପଟେ ଗିରଫ ଦୁଇ ଜଣ ପେଷାଦାର ଅପରାଧୀ ହୋଇଥିବାବେଳେ ସେମାନଙ୍କ ନାଁରେ ପୂର୍ବରୁ ଜଟଣୀ ଥାନାରେ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି।

# ଏଜି ମିଶନ ବିଦ୍ୟାଳୟରେ କାର୍ଗିଲ୍ ଦିବସ

ଟାଙ୍ଗୀ, ୨୬।୭ (ସମିସ): ଅଗ୍ରଣୀ ଶିକ୍ଷାନୁଷ୍ଠାନ ଚାନ୍ଦପୁର ଏଜି ମିଶନ ବିଦ୍ୟାଳୟରେ କାର୍ଗିଲ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହିଦ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଭାରତର ଏହି ବିଜୟ ଦିବସ ଉପଲକ୍ଷେ ଆଜିର ପ୍ରାର୍ଥନା ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏମ୍. ମାର୍ଟିନ୍ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ ଭାରତର କାର୍ଗିଲ୍ ଇତିହାସକୁ ଉପସ୍ଥାପନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ଦେଶାତ୍ମବୋଧ ଗୀତିନାଟିକା ପ୍ରସ୍ତୁତ କରାଯାଇଥିଲା। ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଅବିନାଶ ଛୋଟରାୟ ଅଭିଭାଷଣ ଦେବା ସହ ଦଶମ ଶ୍ରେଣୀର ଛାତ୍ରୀ ସାଇ ଶାଳିନୀ ସାହୁ ସ୍ୱରଚିତ ଦେଶାତ୍ମବୋଧ କବିତା ପରିବେଷଣ କରିଥିଲେ। ଏହି ଦିବସଟି ଏ.ଜି. ମିଶନ୍ ପରିବାରର ସମସ୍ତ ସଦସ୍ୟଙ୍କ ହୃଦୟରେ ଦେଶପ୍ରେମବୋଧ ଜାଗ୍ରତ କରିଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପଲତା ମହାପାତ୍ର, କ୍ରୀଡ଼ା ଶିକ୍ଷକ ବିକାଶ କୁମାର ଦଳାଇଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ପୁସ୍ତକ ଲୋକାର୍ପିତ

ନିରାକାରପୁର, ୨୬।୭ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ କାଇପଦର, ଖୋର୍ଦ୍ଧା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭି.କେ. ଗ୍ଲୋବାଲ, ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ଓ ଅଧ୍ୟାପକ ଜନ୍ମେଜୟ ଚୌଧୁରୀଙ୍କ ଦ୍ୱାରା ରଚିତ ଜାତୀୟ ଶିକ୍ଷାନୀତି ଏନ୍‌ଇପି ଅନୁସାରେ ଯୁକ୍ତ ୩ ଦ୍ୱିତୀୟ ଶ୍ରେଣୀ ନିମନ୍ତେ ଭାରତ ଇତିହାସ ୩ (ଖ୍ରୀ.ପୂ. ୭୫୦ରୁ ୧୨୦୬) ପୁସ୍ତକଟି ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟଙ୍କ କରକମଳରେ ଲୋକାର୍ପିତ ହୋଇଛି। ଏହି ଅବସରରେ ପ୍ରକାଶକ ଅଧିକାରୀ ସୁଦର୍ଶନ ବେହେରା, ଲେଖକ ଡ. ଜନ୍ମେଜୟ ଚୌଧୁରୀ, ଉପାଧ୍ୟକ୍ଷା ସଚଳା ସାମନ୍ତରାୟ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପିକା ଡ. ସଂଯୁକ୍ତା ପଟ୍ଟନାୟକ, ଅଧ୍ୟାପିକା ଅନିତା ଦାଶ, ଅଧ୍ୟାପକ ମାନସ କୁମାର ଜୟସିଂହ, ଅଧ୍ୟାପକ ଡ. ସୁମନ୍ତ ଦେହେରୀ, ଅଧ୍ୟାପକ ମନ ସତ୍‌ନାମୀ ସମେତ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ଉପାଦେୟ ପୁସ୍ତକଟି ପ୍ରତି ମହାବିଦ୍ୟାଳୟରେ ଗ୍ରହଣୀୟ ହେବ ବୋଲି ମତବ୍ୟକ୍ତ କରିଥିଲେ।

# ବିଜେବି ଉଚ୍ଚ ବିଦ୍ୟାଳୟରେ କାର୍ଗିଲ୍ ବିଜୟ ଦିବସ




ଖୋର୍ଦ୍ଧା, ୨୬।୭ (ସମିସ): ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ କାର୍‌ଗିଲ୍ ବିଜୟ ଦିବସ ଉପଲକ୍ଷେ ଏକ ଗର୍ବପୂର୍ଣ୍ଣ ଓ ସ୍ମୃତିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିନରେ ଭାରତୀୟ ସେନାର ବୀରତା ଓ ବଳିଦାନକୁ ସ୍ମରଣ କରାଯାଇଥାଏ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତି କାର୍‌ଗିଲ୍ ଯୁଦ୍ଧରେ ବଳିଦାନ ଦେଇଥିବା ଯବାନମାନଙ୍କୁ ସ୍ମରଣ କରିବା ତଥା ନିଜ ମନ ଭିତରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ତାଙ୍କ ବକ୍ତବ୍ୟରେ ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନ୍‌ସିସି, ସ୍କାଉଟ୍ସ ତଥା ଅନ୍ୟାନ୍ୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରକାନ୍ତ ଦାସ, ଶ୍ରୀରାମ ଭୂୟାଁ, ଚିନ୍ମୟ ମାର୍ଥା, ଜଗନ୍ନାଥ ରାଉତ ତଥା ଶିକ୍ଷୟିତ୍ରୀ ନିବେଦିତା ଛୁଆଳସିଂହ, ପୁଷ୍ପଲତା ପାତ୍ର, ଅନୁପମା ସାହୁ, ରୋଜାଲିନ ରାଉତରାୟ, ବିଷ୍ଣୁପ୍ରିୟା ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ଇଫତ୍ ଜାହାନ, ସୀମାରାଣୀ ବେହେରା, ସ୍ନିଗ୍ଧାମୟୀ ଦାସ, ପ୍ରିୟଦର୍ଶିନୀ ସାହୁ, ସୌଦାମିନୀ ବାରିକ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

ବରିଷ୍ଠ ନାଗରିକ ମଞ୍ଚ ତରଫରୁ କାର୍ଗିଲ୍ ବିଜୟ ଦିବସ ପାଳିତ

# ୩୨ ଜଣ ସେନାନୀଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ, ୨୬।୭ (ସମିସ)



ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ କାର୍‌ଗିଲ୍ ବିଜୟ ଉତ୍ସବ କୁହୁଡ଼ିସ୍ଥିତ ପୂର୍ବତନ ସେନାନୀ ସଂଘ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ନିରଞ୍ଜନ ସାହୁ ଯୋଗଦେଇ ଦେଶମାତୃକାର ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ସେନା କର୍ମଚାରୀ ଆମର ନମସ୍ୟ। ସେମାନେ ସେମାନଙ୍କର ଜୀବନକୁ ଉତ୍ସର୍ଗ କରି ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଦିବାରାତ୍ର ଦେଶର ସୁରକ୍ଷା କବଚ ପାଲଟିଛନ୍ତି। କାର୍‌ଗିଲ୍ ଯୁଦ୍ଧରେ ଅଂଶ ଗ୍ରହଣ କରିଥିବା ସମସ୍ତ ସେନାନୀଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ପଡ଼ିବ ବୋଲି ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତଥା ବିଶିଷ୍ଟ ମଞ୍ଚ ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ ଯୋଗଦେଇ କାର୍‌ଗିଲ୍ ଯୁଦ୍ଧରେ ସହିଦ୍ ହୋଇଥିବା ୫୨୭ ଜଣଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ ଯଥୋଚିତ ସମ୍ମାନ ଜଣାଇବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସେନାନୀ ସଂଘ ସଭାପତି ଶ୍ରୀବତ୍ସ ବୈରୀଗଞ୍ଜନ, ଉପଦେଷ୍ଟା କ୍ୟାପ୍‌ଟେନ୍ ମନ୍ମଥ କୁମାର ସିଂ, ଚାନ୍ଦପୁର ଥାନା ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ, ସବ୍ ଇନ୍ସପେକ୍ଟର ଶ୍ରଦ୍ଧା ନାୟକ ପ୍ରମୁଖ ଯୋଗଦେଇ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବତନ ସେନାନୀ ସଂଘ ଚିଲିକା ଶାଖାର ୩୨ ଜଣ ସଦସ୍ୟଙ୍କୁ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ରଘୁନାଥ ସାହୁ ଧନ୍ୟବାଦ ଦେଇଥିଲେ। କୃଷ୍ଣ ଚନ୍ଦ୍ର ପ୍ରଧାନ, ସାରଙ୍ଗଧର ପାଲଟାସିଂ, ନିମାଇଁ ଚରଣ ସାହୁ, ଅରୁଣ ରଞ୍ଜନ ମହାନ୍ତି, ଘନଶ୍ୟାମ ମହାନ୍ତି, ଲକ୍ଷ୍ମୀଧର ପାଇକରାୟ, ଦିଲ୍ଲୀପ କୁମାର ନାଥ, ଗଙ୍ଗାଧର ପ୍ରଧାନ, ତାରାପ୍ରସାଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, କେଦାରେଶ୍ୱର ପାତାଳ ସିଂ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗୋଦାବରୀଶ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ



ବାଣପୁର, ୨୬।୭ (ସମିସ): ଓଡ଼ିଶାର ଅନ୍ୟତମ ବରପୁତ୍ର ତଥା ବାଣପୁର ମାଟିର ଗୌରବ ପଣ୍ଡିତ ଗୋଦାବରୀଶଙ୍କ ୬୯ତମ ଶ୍ରାଦ୍ଧବାର୍ଷିକୀ ତଥା ମହାବିଦ୍ୟାଳୟର ୬୨ତମ ପ୍ରତିଷ୍ଠା ଉତ୍ସବ ଶନିବାର ମହାବିଦ୍ୟାଳୟ ଅଡିଟୋରିୟମ୍ ହଲ୍‌ରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ପଣ୍ଡିତ ଗୋଦାବରୀଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତିଳତର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ଚାନ୍ଦ କିଶୋର ତ୍ରିପାଠୀ, ସମ୍ମାନିତ ଅତିଥି ତଥା ପୁରାତନ ଛାତ୍ର ସଂଘର ସଭାପତି ଜିତେନ୍ଦ୍ର ଭୋଳ, ଯୁକ୍ତ ୨ର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଶିକ୍ଷାକ୍ଷେତ୍ରରେ ଗୋଦାବରୀଶ ମହାବିଦ୍ୟାଳୟର ଅବଦାନ ସମ୍ପର୍କରେ ଆଲୋକପାତ କରି ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟର ସୁନାମ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସୁର ପ୍ରତାପ ନରେନ୍ଦ୍ର ସିଂ ବର୍ମା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହ ପ୍ରଶାସନିକ ଅଧିକାରୀ ଡ. ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଧ୍ୟାପିକା ମିକି ମନସ୍ୱିନୀ, ପ୍ରଯୋଷ୍ଣୀ ମିଶ୍ର, ଅଧ୍ୟାପକ ଅରବିନ୍ଦ ନାୟକ, ହିଟ୍‌ଲର ବେହେରାଙ୍କ ଉପସ୍ଥାପନାରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ଆଦିତ୍ୟ ସାରଥୀ ବେଦମତ୍ତା, ଗୁରୁକିଶୋର ନାୟକ, ସତ୍ୟାନନ୍ଦ ମହାରଣାଙ୍କ ସମେତ ଏନ୍‌ସିସି, ରେଞ୍ଜୀ ରୋଭର୍, ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମହାବିଦ୍ୟାଳୟର ବହୁ ପୁରାତନ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୬୩ ● ପାଉଣ୍ଡ ୧୧୬.୫୬
- ୟୁରୋ ୧୦୧.୦୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୫୪୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୪୬୩.୦୦
- ନିଫ୍ଟି ୨୪,୮୩୭.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ଆର୍‌ବିଆଇ ଗଭର୍ଣ୍ଣରଙ୍କ ଟିପ୍ପଣୀ

# କମ୍ପାନୀଙ୍କୁ ମିଳିବନି ବ୍ୟାଙ୍କିଙ୍ଗ୍ ଲାଇସେନ୍ସ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି)



ଦେଶର ଅନେକ ବଡ଼ ବଡ଼ ବ୍ୟବସାୟୀ ଏବଂ ଶିଳ୍ପପତିଙ୍କ ପରିବାର ବ୍ୟାଙ୍କିଂ କ୍ଷେତ୍ରରେ ପାଦଦେବାକୁ ଚାହୁଁଛନ୍ତି। କିନ୍ତୁ ସେମାନଙ୍କ ଆଶା ଆଶାରେ ରହିଯିବ ବୋଲି ଲାଗୁଛି। କାରଣ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ବ୍ୟବସାୟୀଙ୍କ ଆଶାକୁ ଧୂଳିସାତ୍ କରିଦେଇଛନ୍ତି। କମ୍ପାନୀଙ୍କୁ ବ୍ୟାଙ୍କିଂ ଲାଇସେନ୍ସ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମାଲହୋତ୍ରା କହିଥିଲେ ଯେ କମ୍ପାନୀଙ୍କୁ ସିଧାସଳଖ କିମ୍ବା ନନ୍-ବ୍ୟାଙ୍କିଂ ଫାଇନାନ୍‌ସିଆଲ କମ୍ପାନୀ (ଏନ୍‌ବିଏଫ୍‌ସି) ଅଧିନରେ ବ୍ୟାଙ୍କିଂ ଲାଇସେନ୍ସ ଦେବାର ଏବେ କୌଣସି ପ୍ରସ୍ତାବ ନାହିଁ। କାରଣ ଏହି କମ୍ପାନୀଗୁଡ଼ିକ ନିଜ ସ୍ୱାର୍ଥ ପାଇଁ ବ୍ୟାଙ୍କରେ ଗଚ୍ଛିତ ଅର୍ଥକୁ ବ୍ୟବହାର କରିପାରନ୍ତି। କିଛି ଏନ୍‌ବିଏଫ୍‌ସି କମ୍ପାନୀଙ୍କ ପାଖରେ ବହୁତ ଟଙ୍କା ରହିବ। ଏନ୍‌ବିଏଫସି ବ୍ୟାଙ୍କ ନ ହୋଇ ବି ଆର୍ଥିକ କାରବାର କରିଥାନ୍ତି। ଏହି କମ୍ପାନୀ ଲୋକଙ୍କୁ ଋଣ ଦେଇଥାଏ ଏବଂ ଆଉ କିଛି ଆର୍ଥିକ ସେବା ମଧ୍ୟ ଦେଇଥାଏ। ଯଦି କୌଣସି ବଡ଼ ଉଦ୍ୟୋଗପତି କିମ୍ବା କର୍ପୋରେଟ ଗ୍ରୁପ ଆର୍ଥିକ କାରବାର ଏବଂ ବାସ୍ତବ ଅର୍ଥନୀତି ଭଳି କାମ କରୁଛି ତେବେ ଏହା ଦ୍ୱାରା ପରସ୍ପରର ସ୍ୱାର୍ଥ ପ୍ରଭାବିତ ହେବ। ତେଣୁ ଏ ନେଇ କିଛି ଚିନ୍ତା ରହିବା ସ୍ୱାଭାବିକ।

**ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିପାରନ୍ତି ଟଙ୍କା**

ଭାରତର ସବୁଠୁ ମୂଲ୍ୟବାନ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଅନ୍ୟତମ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଚଳାଉଛି। ଏହା ଏକ କ୍ଷୁଦ୍ର ବ୍ୟାଙ୍କ ହୋଇଥାଏ। ଏହା ଋଣ ଦେଇପାରିବ ନାହିଁ। କିନ୍ତୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜମା କରିପାରିବ। ସେହିପରି ହିନ୍ଦୁଜା ଗ୍ରୁପ ମଧ୍ୟ ଇଣ୍ଡସଇଣ୍ଡ ବ୍ୟାଙ୍କର ମାଲିକ। ଏହି ଗ୍ରୁପ୍ ଅନେକ ପ୍ରକାରର ବ୍ୟବସାୟରେ ସାମିଲ ରହିଛି। ଆର୍‌ବିଆଇ ଗଭର୍ଣ୍ଣର ସ୍ପଷ୍ଟ କରିଦେଇଛନ୍ତି ଯେ ଘରୋଇ ବ୍ୟାଙ୍କରେ ପ୍ରମୋଟରଙ୍କ ଭୋଟିଂ ଅଧିକାର ସମୀକ୍ଷା ପାଇଁ ମଧ୍ୟ କୌଣସି ପ୍ରସ୍ତାବ ନାହିଁ। ଏବେ ଏହି ଅଧିକାର ୨୬%ରେ ସୀମିତ ରହିଛି। ବ୍ୟାଙ୍କର ମାଲିକ କମ୍ପାନୀ କେବଳ ୨୬% ନିଷ୍ପତ୍ତିରେ ଭୋଟ କରିପାରିବେ। ବ୍ୟାଙ୍କରେ କୌଣସି ଜଣେ ବ୍ୟକ୍ତିଙ୍କ କର୍ତ୍ତୃତ୍ୱ ନ ରହିବା ପାଇଁ ଏପରି କରାଯାଇଛି। କାରଣ ବ୍ୟାଙ୍କରେ ଲୋକଙ୍କ ଟଙ୍କା ଜମା ରହିଛି। ମାଲିକଙ୍କ ମଧ୍ୟରେ ସନ୍ତୁଳନ ଏବଂ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ଏହା ଜରୁରୀ।

---

● ଆର୍‌ବିଆଇ ତଥ୍ୟ

# ବ୍ୟାଙ୍କ ଜମା ଦୁଇ ଗୁଣ ବଢ଼ି ୩.୭୯ ଲକ୍ଷ କୋଟି

ମୁମ୍ବାଇ, ୨୬।୭ (ଏଜେନ୍ସି)

ଦେଶରେ ଡିଜିଟାଲ କାରବାର ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଏହା ସତ୍ତ୍ୱେ ଦେଶରେ ନଗଦ ଟଙ୍କା ଗଦା ହୋଇ ରହିଛି। କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ଅନୁଯାୟୀ ଋଣ ଏବଂ ବାସ୍ତବିକ ଉଭୟ ଅର୍ଥ ବ୍ୟବସ୍ଥାରେ ଏହି ନଗଦ (କ୍ୟାଶ୍) ରହିଛି। ବ୍ୟାଙ୍କର ଚଳନ୍ତି ଏବଂ ସଞ୍ଚୟ ଖାତା ଜମା ରାଶିରେ ଜୁନ୍ ଶେଷ ସୁଦ୍ଧା ନଗଦ ରାଶି ଦୁଇ ଗୁଣା ବୃଦ୍ଧି ପାଇ ୩.୭୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଆର୍‌ବିଆଇ ତଥ୍ୟ ଅନୁଯାୟୀ କେବଳ ବ୍ୟାଙ୍କ ନୁହେଁ, ଲୋକଙ୍କ ପାଖରେ ମଧ୍ୟ ଭରପୂର ଟଙ୍କା ରହିଛି। ଲୋକଙ୍କ ପାଖରେ ଥିବା ନଗଦ ପରିମାଣ ୩୧ ହଜାର କୋଟିରୁ ବୃଦ୍ଧି ପାଇ ୯୧ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି। ନୀତିଗତ କାରଣରୁ ଏହି ବୃଦ୍ଧି ଦେଖା ଦେଇଛି। କେନ୍ଦ୍ରୀୟ ବ୍ୟାଙ୍କ ନଗଦକୁ ସରଳ କରିବା ପାଇଁ ପଦକ୍ଷେପ ନେଇଥିଲା। ଗ୍ରାମାଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପଛରେ ନଗଦ କାରବାର ରହିଛି। ଏହା ସହିତ ଟିକସରେ ରିଆତି ମଧ୍ୟ ଏହାର ପ୍ରମୁଖ କାରଣ ପାଲଟିଛି।

ଏହି ନଗଦ ବୃଦ୍ଧି ପଛରେ ଅନେକ କାରଣ ରହିଛି। ଏହା ମଧ୍ୟରେ କୃଷି ଉତ୍ପାଦନ ବୃଦ୍ଧି, ମନରେଗା ଭଳି ରୋଜଗାର ଯୋଜନାରେ ମିଳୁଥିବା ମଜୁରୀ ଏବଂ ଜନଧନ ଖାତାରେ ଦିଆଯାଉଥିବା ସରକାରୀ ରିଆତି ସାମିଲ ରହିଛି। ଗ୍ରାମାଞ୍ଚଳରେ ଏବେ ବି ନଗଦ ବ୍ୟବହାର ହେଉଛି। ୟୁପିଆଇ ଭଳି ଡିଜିଟାଲ କାରବାର ମଧ୍ୟ ଦ୍ରୁତଗତିରେ ଲୋକପ୍ରିୟ ହେବାରେ ଲାଗିଛି।

---

# ପିପିଲି-ଡେଲାଙ୍ଗରେ ବିଦ୍ୟୁତ୍ ନେଟୱର୍କ ସୁଦୃଢ଼ କଲା ଟିପିସିଓଡିଏଲ୍

**ଭୁବନେଶ୍ୱର, ୨୬।୭ (ଏଜେନ୍ସି):** ପିପିଲି-ଡେଲାଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣରେ ଉନ୍ନତି ପାଇଁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଓଡିଏସ୍ଏସ୍‌ପି ଫେଜ୍-୪ ଅଭିଯାନ ଅଧୀନରେ ଦୁଇଟି ୩୩ କେଭି ଫିଡର୍ ଲାଇନ୍‌କୁ କାର୍ଯ୍ୟକ୍ଷମ କରାଯାଇଛି। ଏହାକୁ ପିପିଲି-ଡେଲାଙ୍ଗର ବିଧାୟକ ଆଶ୍ରିତ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଯଥାକ୍ରମେ ୬.୬ କୋଟି ଟଙ୍କା ଓ ୬.୧୩୫ କୋଟି ଟଙ୍କାର ନିବେଶ ସହିତ ଏହି ନୂଆ ଲାଇନ୍ ସାତଶଙ୍ଖ ଗ୍ରିଡ୍ ସବ୍‌ଷ୍ଟେସନ୍ (ଜିଏସ୍ଏସ୍) କୁ କୁମାରେଶ୍ୱର ପ୍ରାଥମିକ ସବ୍‌ଷ୍ଟେସନ୍ (ପିଏସ୍ଏସ୍) ଓ ପଟ୍ଟନାୟକ ଛକ ସହ ଯୋଡ଼ିବ। ସମୁଦାୟ ୧୦.୨ ସିକେଏମ୍ ଫିଡର୍ ଲମ୍ବ ସହିତ ଭିତ୍ତିଭୂମିରେ ଏହି ଉନ୍ନତି ଏହି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନ ଓ ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଏହି ଉନ୍ନତ ନେଟ୍‌ୱର୍କ ଦ୍ୱାରା ସାକ୍ଷୀଗୋପାଳର ପ୍ରାୟ ୧୪, ୦୦୦ ଗ୍ରାହକ ଏବଂ ସାତଶଙ୍ଖର ୧୨, ୦୦୦ ଗ୍ରାହକ ଉପକୃତ ହେବେ। ଏହା ଦୀର୍ଘଦିନର ଭୋଲଟେଜ୍ ସମସ୍ୟା ଏବଂ ବିଦ୍ୟୁତ୍ ବିଭ୍ରାଟ ସମସ୍ୟାର ସମାଧାନ ସହ ଭବିଷ୍ୟତର ଲୋଡ୍ ବୃଦ୍ଧି ମୁକାବିଲାରେ ସହାୟକ ହେବ। ବିଧାୟକ ଆଶ୍ରିତ ପଟ୍ଟନାୟକ ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି। ଏହି ନିବେଶ ଓଡ଼ିଶାର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାର ଆଧୁନିକିକରଣ ଏବଂ ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ଗ୍ରାହକ ସନ୍ତୁଷ୍ଟିରେ



ଉନ୍ନତି ଆଣିବା ପାଇଁ ରହିଥିବା ବ୍ୟାପକ ମିଶନର ଅଂଶ ବୋଲି ଟିପିସିଓଡିଏଲ୍‌ର ଅଧିକାରୀମାନେ ଆଲୋକପାତ କରିଥିଲେ।

---

### ୟୁବିଏସ୍ ଗ୍ଲୋବାଲ୍ ହେଲ୍‌ଥ ରିପୋର୍ଟ

# ତାଇୱାନରେ ଦ୍ରୁତଗତିରେ ବଢୁଛି ଧନୀଙ୍କ ସଂଖ୍ୟା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି)

ଆମେରିକା ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି। ଏହା ପଛରେ ଚୀନ୍ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧି କରୁଥିବା ଅର୍ଥନୀତି ହୋଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ବିଶ୍ୱର ଯେଉଁ ଦଶ ଦେଶରେ ଧନୀଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି ସେହି ତାଲିକାରେ ଭାରତ, ଚୀନ୍ ଏବଂ ଆମେରିକା ନାହିଁ। ଏହି ତାଲିକାରେ ତାଇୱାନ ପ୍ରଥମ ସ୍ଥାନରେ ରହିଛି। ଚୀନ୍‌କୁ ଲାଗି ରହିଥିବା ଏହି ଦେଶରେ ଧନୀଙ୍କ ସଂଖ୍ୟା ସର୍ବାଧିକ ବେଗରେ ବଢୁଛି। ଏହି ଦେଶର ୭୬ ହଜାର ଲୋକଙ୍କ ସମ୍ପତ୍ତି ୧୦ ଲକ୍ଷ ଡଲାରରୁ ଅଧିକ ରହିଛି। ସେହିପରି ବୟସ୍କଙ୍କ ହାରାହାରି ସମ୍ପତ୍ତି ୩, ୧୨,୦୭୫ ଡଲାର ରହିଛି।

**ଟପ୍-୧୦ରେ ନାହିଁ ଭାରତ, ଚୀନ୍, ଆମେରିକା**

ୟୁବିଏସ ଗ୍ଲୋବାଲ ୱେଲଥ୍ ରିପୋର୍ଟ-୨୦୨୪ରେ ଏହି ସୂଚନା ଦିଆଯାଇଛି। ତାଇୱାନର ମୋଟ ଜନସଂଖ୍ୟା ପ୍ରାୟ ୨. ୩୧ କୋଟି ରହିଛି। ରିପୋର୍ଟ ଅନୁଯାୟୀ ଧନୀଙ୍କ ସଂଖ୍ୟା ବଢୁଥିବା ଦେଶଙ୍କ ମଧ୍ୟରେ ତୁର୍କୀ ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ୟୁରୋପର ରୋଗୀ ନାମରେ ପରିଚିତ ତୁର୍କୀ କିଛି ବର୍ଷ ହେଲା ଭଲ ପ୍ରଗତି କରିଛି। ତୁର୍କୀରେ ଗତ ବର୍ଷେ ମଧ୍ୟରେ ମିଲିନେୟର୍ସଙ୍କ ସଂଖ୍ୟା ୭ ହଜାର ଅର୍ଥାତ ୮.୪ ପ୍ରତିଶତ ବୃଦ୍ଧି ପାଇଛି। ଏବେ ଏହି ସଂଖ୍ୟା ୬୮ ହଜାରରେ ପହଞ୍ଚି ଯାଇଛି। ଏହା ୨୦୨୮ ସୁଦ୍ଧା ୮୭, ୦୭୭ରେ ପହଞ୍ଚି ବୋଲି ଆଶା କରାଯାଉଛି। ଏହି ତାଲିକାରେ ତୁର୍କୀ ପରେ କାଜାକସ୍ତାନ, ଇଣ୍ଡୋନେସିଆ, ଦକ୍ଷିଣ କୋରିଆ, ଇସ୍ରାଏଲ, ମେକ୍ସିକୋ, ଥାଇଲାଣ୍ଡ ଏବଂ ସ୍ୱିଡେନ ରହିଛି।

---

### ବଜେଟ ବିଗାଡୁଛି ଜଳବାୟୁ ପରିବର୍ତ୍ତନ

# ୨୦୨୪ରେ ୮୦% ବଢ଼ିଛି ଆଳୁ-ପିଆଜ ଦର

**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଜଳବାୟୁ ପରିବର୍ତ୍ତନ ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇବାରେ ଲାଗିଛି। ଏହା ଭାରତ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏଥିପାଇଁ ଗତ ବର୍ଷ (୨୦୨୪) ରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ବିଶେଷ କରି ଆଳୁ ଏବଂ ପିଆଜ ମୂଲ୍ୟ ଆକାଶ ଛୁଆଁ ହୋଇଛି। ୨୦୨୪ର ଦ୍ୱିତୀୟ ତ୍ରୈମାସିକରେ ଏହି ମୂଲ୍ୟ ୮୦ ପ୍ରତିଶତରୁ ଅଧିକ ବଢ଼ିଛି। ଏହା ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ଉତ୍କଟ କରିଦେଇଛି। ପାରିବାରିକ ବଜେଟ୍‌କୁ ବିଗାଡ଼ି ଦେଇଛି। ଏକ ଅନ୍ତର୍ଜାତୀୟ ଅଧ୍ୟୟନରୁ ଏହା ଜଣାପଡ଼ିଛି। ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟରର ମ୍ୟାକ୍ସିମିଲିୟନ କୋଟ୍‌ଜ ଏହାର ନେତୃତ୍ୱ ନେଇଥିଲେ। ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ, ପୋଟ୍ସଡାମ ଇନ୍‌ଷ୍ଟିଚ୍ୟୁଟ ଫର କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚ ଏବଂ ବ୍ରିଟେନର ଫୁଡ୍ ଫାଉଣ୍ଡେସନର ବିଶେଷଜ୍ଞ ଏହି ଅଧ୍ୟୟନରେ ସାମିଲ ଥିଲେ। ୨୦୨୨ରୁ ୨୦୨୪ ମଧ୍ୟରେ ୧୮ ଦେଶର ୧୬ଟି ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଥିଲା ଯେସବୁ ଖାଦ୍ୟ ସାମଗ୍ରୀ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି।

ବିଶେଷଜ୍ଞଙ୍କ ଅନୁଯାୟୀ ମେ’ ମାସରେ ଭାରତରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଏହା ଫସଲ ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଥିଲା। ଏହା ଦ୍ୱାରା ପନିପରିବା ମୂଲ୍ୟ ଆକାଶ ଛୁଇଁ ଥିଲା। ପିଆଜ ଏବଂ ଆଳୁ ଦର ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଥିଲା। ଅଧ୍ୟୟନରେ ଚେତାବନୀ ଦିଆଯାଇଛି ଯେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ଏଭଳି ହ୍ରାସ ବୃଦ୍ଧି ଜାରି ରହିଲେ କୁପୋଷଣ ବଢ଼ିବ। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ପାରେ। ଏହା ଦ୍ୱାରା ଆର୍ଥିକ ଅସମାନତା ବୃଦ୍ଧି ପାଇପାରେ। କୋଟ୍‌ଜ କହିଛନ୍ତି ଯେ ଖାଦ୍ୟପଦାର୍ଥ ସାମଗ୍ରୀ ମୂଲ୍ୟ ବୃଦ୍ଧି ହେତୁ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡୁଛି। ବିଶେଷ କରି ଗରିବ ଏବଂ କମ୍ ଆୟକାରୀ ପରିବାର ପ୍ରଭାବିତ ହେଉଛନ୍ତି। ଦରଦାମ ବଢ଼ିଲେ ଏଭଳି ପରିବାର ପୁଷ୍ଟିକର ଖାଦ୍ୟ ଖାଇପାରୁ ନାହାନ୍ତି। ଶସ୍ତା ସାମଗ୍ରୀକୁ ଭରସା କରିଥାନ୍ତି। ଏଭଳି ଖାଦ୍ୟ ପଦାର୍ଥ ଦ୍ୱାରା କର୍କଟ, ମଧୁମେହ, ହୃତ୍‌ପିଣ୍ଡ ଆଦି ରୋଗ ହୋଇପାରେ।

**ବଢ଼ିବ ଆର୍ଥିକ ଅସମାନତା**

**ବିଗିଡ଼ିପାରେ ସ୍ୱାସ୍ଥ୍ୟାବସ୍ଥା; ବଢ଼ିପାରେ ଜଟିଳ ରୋଗ**

ଗବେଷକଙ୍କ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ପାଇଁ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢ଼ିଲେ ମୁଖ୍ୟ ମୁଦ୍ରାସ୍ଫୀତିକୁ ବି ବଢ଼ିବ। ଏହା ଦ୍ୱାରା ମୂଲ୍ୟରେ ସ୍ଥିରତା ରଖିବା କେନ୍ଦ୍ରୀୟ ବ୍ୟାଙ୍କ କଷ୍ଟସାଧ୍ୟ ହୋଇଯିବ। ଉଚ୍ଚ ଦରଦାମ ଯୋଗୁଁ ନିର୍ବାଚନ ଫଳାଫଳ ମଧ୍ୟ ପ୍ରଭାବିତ ହେବ। ଲୋକଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦେଉଥିବା ଦଳ ବେଶ ଉପକୃତ ହୋଇପାରନ୍ତି। ସବୁଜ କୋଠରୀ ଗ୍ୟାସ ହ୍ରାସ ପାଇଁ ତୁରନ୍ତ କାର୍ଯ୍ୟ କରିବାକୁ ଗବେଷକମାନେ ଚେତାବନୀ ଦେଇଛନ୍ତି। ଶୂନ୍ୟ ନିର୍ଗମନ ପର୍ଯ୍ୟନ୍ତ ନ ପହଞ୍ଚିଲେ ଜଳବାୟୁ ଅଧିକ ବିଗିଡିଯିବ। ଏହା ଦିନକୁ ଦିନ ଅଧିକ ଖରାପ ପ୍ରଭାବ ପକାଇବ। ଏହା ପୂର୍ବରୁ ଫସଲ କ୍ଷତି କରୁଛି। ଏଥିଯୋଗୁଁ ସାରା ବିଶ୍ୱରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଚାଲିଛି।

---

## ୨.୫ କୋଟି ଆଇଆରସିଟିସି ୟୁଜର ଆଇଡି ନିଷ୍କ୍ରିୟ କଲା ରେଳବାଇ

**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଭାରତୀୟ ରେଳବାଇ ବଡ଼ ପଦକ୍ଷେପ ନେଇଛି। ୨.୫ କୋଟିରୁ ଅଧିକ ଆଇଆରସିଟିସି ଆଇଡିକୁ ନିଷ୍କ୍ରିୟ କରିଦେଇଛି। ଅନ୍‌ଲାଇନ ଟିକେଟ ବୁକିଂ ସିଷ୍ଟମରେ ଜାଲିଆତିକୁ ରୋକିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସଂସଦରେ ସାଂସଦ ଏଡି ସିଂହଙ୍କ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେ ଟିକଟ ବୁକିଂ ସମୟରେ ଦ୍ରୁତଗତିରେ ଏହା ଗାଏବ ହେବା, ୟୁଜର ଆଇଡି ନିଷ୍କ୍ରିୟ କରିବା ଏବଂ ରେଳବାଇ ନେଇଥିବା ପଦକ୍ଷେପ ବିଷୟରେ ପଚାରି ଥିଲେ। ସରକାରଙ୍କ ସୂଚନା ଅନୁଯାୟୀ ଆଡାଭାନ୍ସଡ ଡାଟା ଆନାଲିଟିକ୍ସରୁ ଏହି ବ୍ୟବହାରକାରୀଙ୍କ ବୁକିଂ ପ୍ୟାଟର୍ଣ୍ଣ ଏବଂ ବ୍ୟବହାର ଏକାଭଳି ଥିଲା ବୋଲି ଜଣାପଡ଼ିଛି। ତେଣୁ ଏମାନେ ସାଧାରଣ ବ୍ୟବହାରକାରୀ ନ ଥିଲେ। ବଟ୍ସ କିମ୍ବା ଏଜେଣ୍ଟମାନେ ଏହାକୁ ବ୍ୟବହାର କରୁଥିବା ମଧ୍ୟ ଜଣା ପଡ଼ିଥିଲା। ସେହିପରି ଟିକଟ ବୁକିଂରେ ସ୍ୱଚ୍ଛତା ବଢ଼ାଇବାକୁ ଏବଂ ଠକେଇ ରୋକିବାକୁ ଅନେକ ଡିଜିଟାଲ ସୁଧାର କରାଯାଇଛି।

---

# ଭାରତ-ଚୀନ୍ ମିଳିତ ଭେଞ୍ଚରକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଏବଂ ଭାରତ ପଛରେ ପଡ଼ି ଯାଇଛନ୍ତି। ଏହି ଦୁଇ ଦେଶର କର୍ମଚାରୀଙ୍କୁ ନିଯୁକ୍ତି ନ କରିବା ପାଇଁ ସେ ଆମେରିକା କମ୍ପାନୀଙ୍କୁ କହିଛନ୍ତି। ଚୀନ୍‌ର ବିଶ୍ୱର ଦ୍ୱିତୀୟ ବୃହତ ଏବଂ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଚୀନ୍ ଭାରତର ସବୁଠୁ ବଡ଼ ବ୍ୟାବସାୟିକ ସହଯୋଗୀ। ଏପରି ସ୍ଥଳେ ଟ୍ରମ୍ପ ବିରକ୍ତି ହେବା ବୁଝା ପଡୁଛି। ତେବେ ଭାରତ ଏବଂ ଚୀନ୍ ମଧ୍ୟରେ ବି ଭଲ ସମ୍ପର୍କ ନାହିଁ। କିଛି ଦିନ ତଳେ ଭାରତକୁ ‘ରେୟାର ଆର୍ଥ ମ୍ୟାଗ୍ନେଟ୍ସ’ ଏବଂ ସ୍ପେସିଆଲିଟି ଫର୍ଟିଲାଇଜର ଦେବା ଉପରେ ବେଜିଂ କଟକଣା ଲଗାଇ ଦେଇଥିଲା। କିନ୍ତୁ ଏଭଳି ଏକ କ୍ଷେତ୍ରରେ ଦୁଇ ଦେଶର କମ୍ପାନୀ ହାତ ମିଶାଇଛନ୍ତି। ରିପୋର୍ଟ ଅନୁଯାୟୀ ଭାରତରେ ଇଲେକ୍‌ଟ୍ରୋନିକ ସାମଗ୍ରୀ ନିର୍ମାଣ କରୁଥିବା ଅନେକ କମ୍ପାନୀ ଏବେ ଚୀନ୍ କମ୍ପାନୀ ସହ ମିଶି କାମ କରିବାକୁ ଭାବୁଛନ୍ତି। କାରଣ କେନ୍ଦ୍ର ସରକାର ଇଲେକ୍‌ଟ୍ରୋନିକ ସାମଗ୍ରୀ ନିର୍ମାତା କମ୍ପାନୀ ଡିକ୍ସନ ଟେକ୍ନୋଲୋଜି ଏବଂ ଚୀନ୍‌ର ଲଙ୍ଗଚିୟର ଇଣ୍ଟେଲିଜେନ୍ସ ମଧ୍ୟରେ ଜଏଣ୍ଟ ଭେଞ୍ଚରକୁ ମଞ୍ଜୁରୀ ଦେଇଛନ୍ତି। ଡିକ୍ସନ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଏହି ଯୁଗ୍ମ ଉଦ୍ୟୋଗରେ ଡିକ୍ସନର ୭୪ ପ୍ରତିଶତ ଏବଂ ଲଙ୍ଗଚିୟର ୨୬ ପ୍ରତିଶତ ଅଂଶଧନ ରହିବ।

ଏହି ଚୁକ୍ତିକୁ ନେଇ ଅନ୍ୟ କମ୍ପାନୀ ଉତ୍ସାହିତ ଅଛନ୍ତି। ଇପାକ ଡୁରାବଲ, ପିଜି ଇଲେକଟ୍ରୋପ୍ଲାଷ୍ଟ, ଅମ୍ବର ଏଣ୍ଟରପ୍ରାଜେସ ଏବଂ କାର୍ବନ ମୋବାଇଲ ଭଳି କମ୍ପାନୀ ଚୀନ୍ ସହ ମିଶି କାମ କରିବାକୁ ଯୋଜନା କରୁଛନ୍ତି। ଚୀନ୍‌କୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି ବୋଲି କୁହାଯାଉଛି। ଏବେ ଚୀନ୍ କମ୍ପାନୀ ମଧ୍ୟ ଭାରତରେ ସାମଗ୍ରୀ ନିର୍ମାଣ କରିପାରିବେ। ତେବେ ଲୋକେ ଏହାକୁ ନେଇ କି ପ୍ରତିକ୍ରିୟା ଦେଉଛନ୍ତି ତାହା ଦେଖିବା ବାକି ରହିଲା।

---

**ସଫେଇ କର୍ମଚାରୀଙ୍କ ପାଇଁ ଜାତୀୟ କର୍ମଶାଳା**

# ୧୦ ଲକ୍ଷ ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୬।୭ (ସମିସ):** ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ସଫେଇ କର୍ମଚାରୀ ମାନଙ୍କ ପାଇଁ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ସଫେଇ କର୍ମଚାରୀଙ୍କୁ ସେମାନଙ୍କୁ ନ୍ୟାୟ, ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନ କରିବା ହେଉଛି ଆମର ନୈତିକ ଦାୟିତ୍ୱ। ଏହାସହ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ପ୍ରମୁଖ ପରିମଳ କର୍ମଚାରୀ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ କର୍ମଚାରୀ)ଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା ଯୋଗାଇ ଦିଆଯିବ। କର୍ମ କ୍ଷେତ୍ରରେ ଜୀବନହାନୀ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ। ପ୍ରମୁଖ ପରିମଳ କର୍ମୀଙ୍କୁ ମୋବାଇଲ ଫୋନ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ଆବାସ (ସହରୀ) ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ। ପରିମଳ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ରାଜ୍ୟବ୍ୟାପୀ ଆଇଇସି କାର୍ଯ୍ୟକ୍ରମ କରାଯିବ। ଏହା ସହିତ ପ୍ରତିବର୍ଷ ଓଡ଼ିଶାରେ ଏ ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ପ୍ରମୁଖ ପରିମଳ କର୍ମଚାରୀମାନେ ହେଉଛନ୍ତି ଆମ ସହରର ଓ ଗ୍ରାମର ଅଦୃଶ୍ୟ ନାୟକ। ସେମାନେ ବର୍ଷ ବର୍ଷ ଧରି ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ସେବା ଯୋଗାଇ ଆସୁଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ସହରାଞ୍ଚଳ ସହିତ ଆମକୁ ଗ୍ରାମାଞ୍ଚଳର ପରିମଳ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ କରିବାକୁ ପଡ଼ିବ। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟର ସଚିବ ଅମିତ ଯାଦବ କହିଥିଲେ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ହେଉଛି ପରିମଳ କର୍ମଚାରୀଙ୍କୁ ଉପଯୁକ୍ତ ସମ୍ମାନ ଓ ସୁରକ୍ଷା ପ୍ରଦାନ କରିବା। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

---

### ଏସ୍‌ସି, ଏସ୍‌ଟି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣା

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

**ଭୁବନେଶ୍ୱର,୨୬।୭ (ସମିସ):** ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସରେ ଯୌନ ଅତ୍ୟାଚାର ଘଟଣାରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି। ଦଳ ପକ୍ଷରୁ ଶନିବାର ଜାତୀୟ ଜନଜାତି ଆୟୋଗ (ଏନସିଏସଟି) ଙ୍କ ନିକଟରେ ଏନେଇ ଏକ ଦାବିପତ୍ର ଦାଖଲ କରାଯାଇଛି। ଓଡ଼ିଶାର ଏସ୍‌ସ/ଏସ୍‌ଟି ସ୍କୁଲ ହଷ୍ଟେଲ୍ ଗୁଡିକରେ ଅବସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଝିଅମାନଙ୍କ ଉପରେ ଘଟୁଥିବା ଯୌନ ଅତ୍ୟାଚାର ଓ ଗର୍ଭଧାରଣ ଘଟଣା ବାବଦରେ ତୁରନ୍ତ ହସ୍ତକ୍ଷେପ ପାଇଁ ଏଥିରେ ଦାବି କରାଯାଇଛି। ବିଜେଡି ଏହି ଘଟଣାଗୁଡିକୁ ଦୁଃଖଦାୟକ ଓ ଚିନ୍ତାଜନକ ବୋଲି କହି ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

- ଜାତୀୟ ଜନଜାତି ଆୟୋଗଙ୍କୁ ଦାବିପତ୍ର ପ୍ରଦାନ
- ସମସ୍ତ ଘଟଣାକୁ ନେଇ ହେଉ ଉଚ୍ଚସ୍ତରୀୟ ତଦନ୍ତ
- ପୀଡ଼ିତାଙ୍କୁ ଆଇନ ସହାୟତା ଓ ସହଯୋଗ ମିଳୁ
- ସ୍କୁଲ ଛାତ୍ରାବାସରେ ସୁରକ୍ଷା ବୃଦ୍ଧି କରାଯାଉ

ଦଳ ପକ୍ଷରୁ କୁହାଯାଇଛି ଯେ ରାୟଗଡ଼ା, ମୟୂରଭଞ୍ଜ ଓ କନ୍ଧମାଳ ଜିଲ୍ଲା ସହିତ ଅନ୍ୟାନ୍ୟ ଅଞ୍ଚଳରେ ଏପରି ଅନେକ ଘଟଣା ଘଟିଛି, ଯେଉଁଠି ଏସସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ ହଷ୍ଟେଲରେ ଅନେକ ଅନୁସୂଚିତ ଜାତି ଓ ଜନଜାତିର ଝିଅମାନେ ଯୌନ ଅତ୍ୟାଚାରର ଶିକାର ହୋଇ ଗର୍ଭବତୀ ହେଉଛନ୍ତି। ଏହା ଏକ ଗମ୍ଭୀର ପ୍ରଶାସନିକ ବିଫଳତା ଓ ଅନୁପଯୁକ୍ତ ନିରୀକ୍ଷଣ ପ୍ରଣାଳୀର ପ୍ରତିଫଳନ ଅଟେ। ଏ ସମସ୍ତ ଘଟଣାକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ଓ ଏଥିରେ ସମ୍ପୃକ୍ତ ଅଧିକାରୀ, ହଷ୍ଟେଲ୍ ସୁପରିଟେଣ୍ଡେଣ୍ଟ ଓ ଥାନା ଅଧିକାରୀଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ହଷ୍ଟେଲରେ ସିସିଟିଭି, ନିୟମିତ ଡାକ୍ତରୀ ପରୀକ୍ଷା, ପରାମର୍ଶଦାତା ସୁବିଧା ଓ ମହିଳା ସୁରକ୍ଷା କର୍ମଚାରୀ ତୁରନ୍ତ ନିଯୁକ୍ତି ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାସହ ଏକ ସ୍ୱତନ୍ତ୍ର ଦଳ (ଏସ୍‌ଆଇଟି) ଗଠନ କରି ପୀଡ଼ିତାଙ୍କୁ ଚିକିତ୍ସା ଆଇନ ଓ ମାନସିକ ସ୍ତରରେ ସହଯୋଗ ଦେବା ପାଇଁ କରାଯାଇଛି।

ଏଥିସହ ଏହିଭଳି ଘଟଣା ଆଗକୁ ଯେଭଳି ନ ଘଟିବ, ସେଥିପାଇଁ ସ୍କୁଲ ହଷ୍ଟେଲଗୁଡ଼ିକୁ ନିୟମିତ ମନିଟରିଂ ବ୍ୟବସ୍ଥା କରିବା ସହ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ଏନସିଏସଟି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ପାଇଁ ଅନୁରୋଧ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଗାରିମା ସର୍ବୋପରି ଗୁରୁତ୍ୱପୂର୍ଣ୍ଣ। ଏହିପରି ଦୁଃଖଦ ଘଟଣା ପୁନର୍ବାର ନ ଘଟିବା ପାଇଁ କମିଶନ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକ ଅଛି ବୋଲି ଦଳ କହିଛି। ଏହି ଦାବିପତ୍ରକୁ ଦଳର ମିଡିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଓ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ କମିଶନଙ୍କ ନିକଟରେ ଦାଖଲ କରାଯାଇଛି।

# ବର୍ଷାଦିନେ ପାଦର ଯତ୍ନ



**କେଶ ଓ ତ୍ୱଚା ଭଳି ପାଦର ଯତ୍ନ ନେବା ଜରୁରୀ । ବିଶେଷ କରି ବର୍ଷାଦିନେ ଏଥି ପ୍ରତି ଯତ୍ନବାନ୍ ହେବାକୁ ପଡ଼ିଥାଏ । କାରଣ ଏହିଦିନେ ପାଦ ଓଦା ରହିଥାଏ । ଫଳରେ ପାଦରେ ବିଭିନ୍ନ ପ୍ରକାର ସଂକ୍ରମଣ ହେବାର ଆଶଙ୍କା ରହିଥାଏ ।**

- ପାଦକୁ ନିୟମିତ ସଫା କରିବା ଆବଶ୍ୟକ । ବାହାରୁ ଘରକୁ ଆସିଲେ, ମେଡିକେଟେଡ୍ ସାବୁନ୍‌ରେ ପାଦ ସଫା କରିବା ଜରୁରୀ । ଏହାସହ ଆଣ୍ଟିଫଙ୍ଗଲ୍ ପାଉଡର ସ୍ପ୍ରେ କରିବାକୁ ପଡ଼ିଥାଏ ।
- ସେହିପରି ନିୟମିତ ପେଡିକ୍ୟୁୟର କରିବା ଦ୍ୱାରା ପାଦ ନରମ ଓ କୋମଳ ରହିଥାଏ । ଏଥିରେ ପାଦର ଅଙ୍ଗୁଳିଗୁଡ଼ିକୁ ସଫା କରିବା ସହ ପାଦକୁ ମସାଜ୍ ମଧ୍ୟ କରାଯାଇଥାଏ ।
- ନଖକୁ ମଝିରେ ମଝିରେ କର୍ଭ ସେପ୍‌ରେ କାଟିବା ଆବଶ୍ୟକ । ଏହାଦ୍ୱାରା ନଖରେ ମଇଳା ଜମି ରହେ ନାହିଁ ।
- ସର୍ବଦା ବାୟୁ ଚଳାଚଳ କରୁଥିବା ଚପଲ ପିନ୍ଧିବା ଭଲ । ଏହାଦ୍ୱାରା ପାଦ ସବୁବେଳେ ଶୁଖିଲା ରହିଥାଏ ।
- ବର୍ଷାଦିନେ ସଂକ୍ରମଣ ସମସ୍ୟାରୁ ସୁରକ୍ଷା ଦେବାପାଇଁ ଗୋଟିଏ ଟବ୍ ନେଇ ସେଥିରେ ଦୁଇ ଚାମଚ ଲୁଣ ପକାଇ ୧୫ ମିନିଟ୍ ଯାଏ ପାଦକୁ ବୁଡ଼ାଇ ରଖନ୍ତୁ । ଏପରି କରିବା ଦ୍ୱାରା ସଂକ୍ରମଣ ଆଶଙ୍କା କମିଥାଏ ।

# ରାକ୍ଷୀରୁ ସ୍ୱାବଲମ୍ବୀ ମହିଳା

**ପାଖେଇ ଆସୁଛି ରାକ୍ଷୀ ପୂର୍ଣ୍ଣିମା । ଏହିଦିନ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ନିଜ ସୁରକ୍ଷାର ପ୍ରତିଶ୍ରୁତି ଲୋଡ଼ିଥାଏ । ଏଥିପାଇଁ ବଜାରରେ ବିଭିନ୍ନ ଡିଜାଇନ୍‌ର ଭଳିକି ଭଳି ରାକ୍ଷୀ ସବୁ ଦେଖିବାକୁ ମିଳିଥାଏ । ହେଲେ ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ରାକ୍ଷୀ ଚର୍ମଜନିତ ସମସ୍ୟା ସୃଷ୍ଟି କରିଥାଏ ଏବଂ ଏହା ପରିବେଶକୁ ଦୂଷିତ କରିଥାଏ । ତେଣୁ ଧାନ, ଚାଉଳ, ମାଟି, ଗହମ, କଉଡ଼ି, କୁଲା ଭଳି ପ୍ରାକୃତିକ ଜିନିଷକୁ ଉପଯୋଗ କରି ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି, ଖୋର୍ଦ୍ଧା ଜିଲ୍ଲା ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ । ଏହାଦ୍ୱାରା ସେମାନେ ଦୁଇ ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇଛନ୍ତି ।**







ଆଶା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଥିମ୍ ଅନୁଯାୟୀ ପର୍ବ ପର୍ବାଣୀକୁ ଦୃଷ୍ଟିରେ ରଖି ବିଭିନ୍ନ ଜିନିଷ ପ୍ରସ୍ତୁତ କରିଥାନ୍ତି । ଏଇ ଯେମିତି ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ପ୍ରସ୍ତୁତି । ଧାନ, ଗହମ, ଚାଉଳ, ମାଟି, କୁଲା, ମୁଦ୍ରା, ବାଉଁଶ ଆଦିକୁ ବ୍ୟବହାର କରି ଭଳିକି ଭଳି ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଜଗନ୍ନାଥ, କଉଡ଼ି, କାର୍ଟୁନ, ଗଣେଶ ଓ କୁଲା ଆଦି ଡିଜାଇନର ରାକ୍ଷୀ ତିଆରି କରନ୍ତି । ସାଧାରଣତଃ ରାକ୍ଷୀ ପୂର୍ଣ୍ଣିମା ପରେ ଲୋକେ ରାକ୍ଷୀକୁ ଏଣେତେଣେ ଫୋପାଡ଼ି ଦିଅନ୍ତି । ଏହାଦ୍ୱାରା ପ୍ଲାଷ୍ଟିକ୍ ଜିନିଷ ମାଟିରେ ପଡ଼ି ପରିବେଶକୁ ଦୂଷିତ କରିଥାଏ । ଏପରି ସ୍ଥଳେ ପରିବେଶ ଅନୁକୂଳ ରାକ୍ଷୀ ଖୁବ୍ ଲାଭଦାୟକ ହୋଇଥାଏ । ରାକ୍ଷୀରେ ବ୍ୟବହୃତ ଧାନ, ଗହମ, ଚାଉଳ ଆଦି ସହଜରେ ମାଟିରେ ମିଳେଇଯାଏ । ଏଥିସହ ଏହି ରାକ୍ଷୀ ପିନ୍ଧିବାକୁ ଖୁବ୍ ଆରାମଦାୟକ ଲାଗିଥାଏ । ଏହା ତ୍ୱଚାକୁ କୌଣସି ପ୍ରକାର କ୍ଷତି ପହଞ୍ଚାଏ ନାହିଁ ।

ଗୋଷ୍ଠୀର ସଭାପତି ସ୍ୱପ୍ନା ମହାନ୍ତିଙ୍କ କହିବାନୁଯାୟୀ, ଆଧୁନିକ ଛାପ ଥିବା ଷ୍ଟୋନ୍, ଚେନ୍, ପ୍ଲାଷ୍ଟିକ୍ ରାକ୍ଷୀ ବଦଳରେ ଲୋକେ ଆକାରରେ ଛୋଟ, ନାଲିକଳା ରଙ୍ଗର ହାତ ତିଆରି ଜଗନ୍ନାଥ ରାକ୍ଷୀକୁ ବେଶି ପସନ୍ଦ କରୁଛନ୍ତି । ଏହା ତୁଳସୀ, କଉଡ଼ି ଧାନରେ ନିର୍ମିତ ହୋଇଥିବାରୁ ଏହା ଅଧିକ ସଂଖ୍ୟାରେ ଅର୍ଡର ମଧ୍ୟ ଆସୁଛି । ଏଥିସହ ଲୋକଙ୍କ ଆକର୍ଷଣ ସାଜିଛି କୁଲା ରାକ୍ଷୀ । ଗୋଟିଏ ଛୋଟ କୁଲାକୁ ସଜେଇ ସେଥିରେ ରାକ୍ଷୀ, ସିନ୍ଦୂର, ଚାଉଳ ଆଦି ରଖି ପ୍ୟାକେଟ୍ କରାଯାଇଛି । ରାକ୍ଷୀ ପୂର୍ଣ୍ଣିମା ପାଇଁ ଏହି ସ୍ୱତନ୍ତ୍ର କୁଲା ରାକ୍ଷୀ ପ୍ରସ୍ତୁତ ହୋଇଛି ।

ମହିଳାମାନେ ବର୍ଷକ ବାରମାସ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଏଥି ସହିତ ଲୋକଙ୍କ ଚାହିଦା, ପୂଜା, ଉତ୍ସବ ଆଦି ଦିନଗୁଡ଼ିକୁ ଧ୍ୟାନରେ ରଖି ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିଥାନ୍ତି । ସେହିପରି ବାକି ଦିନଗୁଡ଼ିକରେ ସମ୍ବଲପୁରୀ କପଡ଼ାରୁ କାନଫୁଲ, ଚାବିରିଙ୍ଗ, କ୍ଲିପ୍, ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରିଥାନ୍ତି । ବଜାରରେ ଏହି ଜିନିଷର ଚାହିଦା ମଧ୍ୟ ରହିଛି । ସେହିପରି ଦୀପାବଳିରେ ମଧ୍ୟ ଭଳିକି ଭଳି କ୍ୟାଣ୍ଡେଲ ପ୍ରସ୍ତୁତ କରିଥାନ୍ତି । ସେହିପରି ରାକ୍ଷୀ ପୂର୍ଣ୍ଣିମାର ଦୁଇମାସ ପୂର୍ବରୁ ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ଏହାକୁ ବିକ୍ରି କରି ଦୁଇପଇସା ରୋଜଗାର କରିଥାନ୍ତି ।

# କ୍ଲେ ମାସ୍କ

**ସାଧାରଣତଃ ଧୂଳି, ପ୍ରଦୂଷଣ ତେଲ ଆଦି ମୁହଁରେ ଜମି ତ୍ୱଚାକୁ କଳା କରିଥାଏ । ଏହାଦ୍ୱାରା ମୁହଁର ଉଜ୍ଜ୍ୱଳତା କମିଯାଏ । ଏପରି ସ୍ଥଳେ କ୍ଲେ ମାସ୍କ ତ୍ୱଚା ପାଇଁ ଏକ ବରଦାନ । ଏହା ତ୍ୱଚାର ଅତିରିକ୍ତ ତେଲକୁ ଅବଶୋଷିତ କରିଥାଏ । ବିଶେଷ କରି ତେଲିଆ ଏବଂ ବ୍ରଣତ୍ୱଚା ପାଇଁ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...**





### ପ୍ରସ୍ତୁତି

- ଗୋଟିଏ ପାତ୍ରରେ ମୁଲ୍‌ତାନୀ ମାଟି, ଗୋଲାପଜଳ, ଆଲୋଭେରା ଜେଲ୍, ଅଳ୍ପ ହଳଦୀଗୁଣ୍ଡ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୦-୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ ।
- ସେହିପରି ତ୍ୱଚା ଶୁଷ୍କ ଥିଲେ ଅଳ୍ପ ମହୁ ଓ କ୍ଷୀର ମିଶାଇପାରିବେ । ଏହା ତ୍ୱଚାରେ ଆଦ୍ରତା ବଜାୟ ରଖିଥାଏ ।
- ସପ୍ତାହରେ ଥରେ ଦୁଇଥର ଏହି ମାସ୍କକୁ ବ୍ୟବହାର କଲେ, ଏହା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।


### ଧ୍ୟାନ ଦିଅନ୍ତୁ

- ଏହା ଲଗାଇବା ପୂର୍ବରୁ ପ୍ରଥମେ ତ୍ୱଚାକୁ ଭଲକରି ସଫା କରନ୍ତୁ ।
- ମାସ୍କ ଲଗାଇବା ପରେ ତ୍ୱଚାକୁ ଦୀର୍ଘ ସମୟ ଶୁଖାନ୍ତୁ ନାହିଁ ।
- ମାସ୍କ ଶୁଖିଗଲା ପରେ ତ୍ୱଚାକୁ ସଫା କରି ମଏଶ୍ଚରାଇଜର୍ ଲଗାନ୍ତୁ ।
- ସେହିପରି ସମ୍ବେଦନଶୀଳ ତ୍ୱଚା ଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ । ପରେ ଯାଇ ଏହାକୁ ତ୍ୱଚାରେ ଲଗାନ୍ତୁ ।
- ପ୍ରାକୃତିକ ଉପାୟରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଥିଲେ, ରାସାୟନିକ ପଦାର୍ଥଯୁକ୍ତ ପ୍ରସାଧନ ଲଗାଇବାରୁ ଦୂରେଇ ରୁହନ୍ତୁ । କ୍ଲେ ମାସ୍କକୁ ରୁଟିନ୍‌ରେ ସାମିଲ କରନ୍ତୁ ।
- ଏହା ତ୍ୱଚାକୁ ଗଭୀରରୁ ସଫା କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

# ବିନା ବିଜୁଳିରେ ଇସ୍ତ୍ରୀ

**ଅନେକ ସମୟରେ ପୋଷାକ ଇସ୍ତ୍ରୀ କରୁଥିବା ସମୟରେ ବିଜୁଳି କଟିଯାଏ । ଫଳରେ ଇସ୍ତ୍ରୀ ଅଧା ରହିଯାଏ । କିନ୍ତୁ କିଛି ଘରୋଇ ଟିପ୍‌ସ ଆପଣାଇ ବିଦ୍ୟୁତ୍ କଟିଗଲେ ମଧ୍ୟ ପୋଷାକକୁ ଇସ୍ତ୍ରୀ କରିପାରିବେ, ଜାଣିବା ସେ ବିଷୟରେ...**

- ଗୋଟିଏ କଡ଼େଇରେ ପାଣି ନେଇ ଗରମ କରନ୍ତୁ । ଗରମପାଣିକୁ ଏକ ପ୍ୟାନ୍‌ରେ କାଢ଼ି ଦିଅନ୍ତୁ । ଏହା ଉପରେ ଏକ ଢାଙ୍କୁଣି ଘୋଡ଼ାଇ ପୋଷାକ ଉପରେ ଧୀରେ ଧୀରେ ଘସି ଇସ୍ତ୍ରୀ କରିପାରିବେ । ଏହାଦ୍ୱାରା ଲୋଚାକୋଚା କପଡ଼ା ସିଧା ହୋଇଯାଏ ।
- ସେହିପରି ଘରେ କୋଇଲା ଥିଲେ ଏହାକୁ ମଧ୍ୟ ବ୍ୟବହାର କରିପାରିବେ । ଏକ ଷ୍ଟିଲ୍ ପାତ୍ର ନେଇ ସେଥିରେ କୋଇଲାକୁ ଦେଇ ଗରମକରନ୍ତୁ । ଏହାପରେ ଏହାକୁ ଗୋଟିଏ କପଡ଼ାରେ ଧରି ଧୀରେ ଧୀରେ ପୋଷାକ ଉପରେ ଘଷନ୍ତୁ । ଏହାଦ୍ୱାରା ଇସ୍ତ୍ରୀ ଭଲ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ପନିର୍ ଟିକି



### ଆବଶ୍ୟକ ସାମଗ୍ରୀ

ରସୁଣ- ଏକ କୋଳା, କଞ୍ଚା ଲଙ୍କା – ତିନି, ଚାରୋଟି, ବାଦାମ – ଅଧା କପ୍, ଜିରା – ଏକ ଚାମଚ, ରାଶି- ଏକ ଚାମଚ, ପନିର୍ – ୨୦୦ ଗ୍ରାମ୍, ଧନିଆପତ୍ର – ଏକ ବିଡ଼ା, ଲୁଣ – ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗ୍ୟାସ୍ ଲଗାଇ ତାୱା ବସାନ୍ତୁ । ତାୱା ଗରମ ହୋଇଗଲେ, ରସୁଣ ପକାନ୍ତୁ । ପରେ ସେଥିରେ କଞ୍ଚାଲଙ୍କା, ଚିନାବାଦାମ, ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଗଲେ ଜିରା, ରାଶି ଓ ସାମାନ୍ୟ ଲୁଣ ପକାଇ ଭାଜନ୍ତୁ । କିଛି ସମୟ ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ । ଥଣ୍ଡା ହୋଇଯିବା ପରେ ଗ୍ରାଇଣ୍ଡିଂ ଜାର୍‌ରେ ପୂରାଇ ଅଳ୍ପ ଧନିଆ ପତ୍ର ଦେଇ ବାଟି ଦିଅନ୍ତୁ । ଏହାପରେ ଗୋଟିଏ ପାତ୍ର ନେଇ ପନିର୍‌କୁ ଗ୍ରେଡେଟ୍ କରି ଦିଅନ୍ତୁ । ସେଥିରେ ପୂର୍ବରୁ ଗ୍ରାଇଣ୍ଡିଂ କରି ରଖିଥିବା ବାଦାମ ଧନିଆପତ୍ର ବଟାକୁ ଦେଇ ଭଲଭାବେ ଗୋଳାଇ ଦିଅନ୍ତୁ । ସେଥିରୁ କିଛି ହାତରେ ନେଇ ଥାପି ଟିକି ପ୍ରସ୍ତୁତ କରନ୍ତୁ । ଗ୍ୟାସ୍‌ରେ ତାୱା ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ପନିର୍ ଟିକି ସବୁକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପନିର ଟିକି' ।



# ସ୍କର୍ଟ୍ ପାଇଁ ଟପ୍‌ସ

**ବର୍ଷାଦିନ ପାଇଁ ସ୍କର୍ଟ୍ ଭଲ ବିକଳ୍ପ । ଏହା ଦେଖିବାକୁ ଯେତିକି ସୁନ୍ଦର ପିନ୍ଧିବାକୁ ମଧ୍ୟ ସେତିକି ଆରାମଦାୟକ ହୋଇଥାଏ । କିନ୍ତୁ ସ୍କର୍ଟ୍ ସହ କେଉଁ ପ୍ରକାର ଟପ୍‌ସ ପିନ୍ଧିଲେ ଭଲ ମାନିବ, ତାକୁ ନେଇ ଅନେକ ମହିଳା ଦ୍ୱନ୍ଦରେ ଥାଆନ୍ତି । ତେଣୁ ସ୍କର୍ଟ୍‌ରେ ସ୍ଲିମ୍ ଓ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଟିପ୍‌ସ ।**

### ବଟନ୍ – ଡାଉନ୍

ବଟନ୍ – ଡାଉନ୍ ଟପ୍ସ ପିନ୍ଧିଲେ ଏଥିରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ । ଏହାକୁ ମିଡି ସ୍କର୍ଟ୍ କିମ୍ବା ପେନ୍‌ସିଲ୍ ସ୍କର୍ଟ୍ ସହ ପିନ୍ଧିପାରିବେ । ଏଥିରେ ଲାଗିଥିବା ସ୍ଲିଭସ୍‌କୁ ମୋଡ଼ିପାରିବେ । ଏଥିସହ ଚାହିଁଲେ ବ୍ରେସ୍‌ଲେଟ୍ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

### ଫିଟେଡ୍ କ୍ରପ୍

ଫିଟେଡ୍ କ୍ରପ ଟପ୍ ପିନ୍ଧିବା ଦ୍ୱାରା ଅଣ୍ଟା ପତଳା ଦେଖାଯାଏ । ଏହି ଟପ୍‌ସ ହାଇୱେଷ୍ଟ ସ୍କର୍ଟ୍‌ସକୁ ଭଲ ମାନିଥାଏ । ଏହାଦ୍ୱାରା ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ସେହିପରି ପତଳା ଦିଶିବାକୁ ଚାହୁଁଥିଲେ, ସ୍କର୍ଟ୍ ଓ ଟପ୍‌ସ ସମାନ ରଙ୍ଗର ପିନ୍ଧିପାରିବେ । ଏହାଦ୍ୱାରା ଲମ୍ବା ଓ ପତଳା ଦିଶିଥାଏ ।

### ଭି-ନେକ୍ ଟପ୍‌ସ

ଭି-ନେକ୍ ଟି ସାର୍ଟ ପିନ୍ଧିବା ଦ୍ୱାରା ବେକ ଲମ୍ବା ଦିଶିଥାଏ । ଏଥିସହ ଚେହେରା ମଧ୍ୟ ପତଳା ଦିଶିଥାଏ । ତେବେ ଏହି ଟି-ସାର୍ଟ ହାଲୁକା ଫିଟିଙ୍ଗ୍ ହେବା ଜରୁରୀ । ଏହାକୁ ଡେନିମ୍ ସ୍କର୍ଟ୍ କିମ୍ବା ମିଡି ସ୍କର୍ଟ୍ ସହ ପିନ୍ଧିପାରିବେ । ସେହିପରି ଚାହିଁଲେ ସ୍କର୍ଟ୍‌ରେ ଟପ୍‌ସକୁ ଟ୍ୟାକ୍ କରି ଏକ ବେଲ୍ଟ ଲଗାଇପାରିବେ ।

### ପେପ୍ଲମ୍

ସେହିପରି ପେଟ ବଡ଼ ଥିଲେ ଏହାକୁ ଲୁଚାଇବା ପାଇଁ ପେପ୍ଲମ୍ ଟପ୍‌ସ ପିନ୍ଧିପାରିବେ । ଏହା ଅଣ୍ଟାପାଖରୁ ଫ୍ଲେୟାର ଥାଏ । ଏହା ଶରୀରକୁ ଏକ ସୁନ୍ଦର ଆକାର ଦେଇଥାଏ । ଚାହିଁଲେ ପ୍ରିଣ୍ଟେଡ୍ ଟପ୍ସ ମଧ୍ୟ ପିନ୍ଧିପାରିବେ ।

### ଅଫ୍ ସୋଲଡର୍

କୌଣସି ପାର୍ଟି, ଫଙ୍କସନ୍‌କୁ ଯାଉଥିଲେ ଅଫ୍‌ସୋଲଡର ଟପ୍ସ ପିନ୍ଧିପାରିବେ । ଏହା ଷ୍ଟାଇଲିଶ୍ ସହ ସୁନ୍ଦର ଦେଖାଯାଏ । ଏଥିସହ ସହ ଆସେସରିଜ୍ ମଧ୍ୟ ପରିଧାନ କରିପାରିବେ ।



### ଲୋକେଶ ରାହୁଲ (୮୭*) ଓ ଶୁବମନ ଗିଲ୍ (୭୮*)ଙ୍କ ଲଢୁଆ ବ୍ୟାଟିଂ

# ମ୍ୟାଚ୍ ବଞ୍ଚାଇବାକୁ ଭାରତର ସଂଘର୍ଷ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି):

ଅଭିଜ୍ଞ ଓପନର ଲୋକେଶ ରାହୁଲ (୮୭*) ଓ ଅଧିନାୟକ ଶୁବମନ ଗିଲ୍ (୭୮*)ଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟରେ ପରାଜୟ ଏଡ଼ାଇବାକୁ ଭାରତ ଜୋରଦାର ସଂଘର୍ଷ କରୁଛି। ଏହି ମ୍ୟାଚ୍‌ରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ଶେଷ ହେବା ପରେ ଭ୍ରମଣକାରୀ ଭାରତ ୩୧୧ ରନ୍‌ରେ ପଛୁଆ ହୋଇଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି କ୍ରିସ୍ ଓକ୍ସ ବୋଲିଂ କରିଥିବା ପ୍ରଥମ ଓଭରରେ ଦଳ ଖାତା ଖୋଲିବା ପୂର୍ବରୁ ଓପନର ଯଶସ୍ୱୀ ଜୟସ୍ୱାଲ ଓ ନଂ-୩ ସାଇ ସୁଦର୍ଶନଙ୍କ ୱିକେଟ କ୍ରମାଗତ ବଲ୍‌ରେ ହରାଇଥିଲା। ଏହା ପରେ ରାହୁଲଙ୍କ ସହ ଗିଲ ଯୋଗଦେବା ପରେ ଚମତ୍କାର ଟେକ୍‌ନିକ୍ ଓ ଟେମ୍ପରାମେଣ୍ଟରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରି ଚତୁର୍ଥ ଦିନ ଖେଳ ଶେଷ ବେଳକୁ ଆଉ କୌଣସି ୱିକେଟ ହରାଇ ୧୭୪ ରନ୍ ଭରଣା କରିନେଇଥିଲା। ଷ୍ଟମ୍ପ୍ ଅପସାରଣ ବେଳକୁ ରାହୁଲ ୨୧୦ ବଲ ଖେଳି ୮ ଚୌକା ସହ ୮୭ ଓ ଗିଲ୍ ୧୬୭ ବଲ୍‌ରୁ ୧୦ ଚୌକା ସହ ୭୮ ରନ୍‌ରେ ଅପରାଜିତ ରହିଥିଲେ। ଖେଳ ଆଉ ଗୋଟିଏ ଦିନ ବାକି ଥିଲାବେଳେ ଭାରତ ୧୩୭ ରନ୍‌ରେ ପଛୁଆ ରହିଛି। ପୂର୍ବରୁ ଜୋ ରୁଟ୍ (୧୫୦) ଓ ବେନ୍ ଷ୍ଟୋକ୍ସ (୧୪୧)ଙ୍କ ଦମ୍‌ଦାର ଶତକ ସହାୟତାରେ ଇଂଲଣ୍ଡର ପ୍ରଥମ ଇନିଂସରେ ୬୬୯ ରନ୍ କରିଥିଲା।




### ଅଧିନାୟକ ବେନ୍‌ଙ୍କ ଶତକ

ଏହି ମ୍ୟାଚ୍‌ର ଶନିବାର ଚତୁର୍ଥ ଦିନ ସକାଳେ ଇଂଲଣ୍ଡ ତାହାର ଅସମାପ୍ତ ପ୍ରଥମ ଇନିଂସ ୭ ୱିକେଟରେ ୫୪୪ ରନ୍‌ରୁ ଖେଳ ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ବିଶେଷ କରି ଅଧିନାୟକ ବେନ୍ ଷ୍ଟୋକ୍ସ ଏକାକୀ ଭାରତୀୟ ବୋଲରଙ୍କୁ ଚୌକା ଛକା ମାଧ୍ୟମରେ ନିଷ୍ପ୍ରଭ କରିଦେଇଥିଲେ। ଗତକାଲି ୬୬ ରନ୍‌ରେ ରିଟାୟର୍ଡ ହୋଇଥିବା ଷ୍ଟୋକ୍ସ ପରେ ବ୍ୟାଟିଂ କରିବାକୁ ଆସି ୭୭ ରନ୍‌ରେ ଅପରାଜିତ ରହିଥିଲେ। ଆଜି ସେ ଏହି ସ୍କୋରକୁ ଆଗକୁ ବଢ଼ାଇବା ସହ ଇଂଲଣ୍ଡକୁ ଏକ ବିଶାଳ ସ୍କୋରରେ ପହଞ୍ଚାଇଥିଲେ। ସେ ଓ ବ୍ରାଇଡନ କାର୍ସ ୯ମ ୱିକେଟରେ ୯୭ ବଲ୍‌ରୁ ୯୫ ରନ୍ ଉଠାଇବା ଫଳରେ ଇଂଲଣ୍ଡ ୬୬୯ ରନ୍‌ର ବିଶାଳ ସ୍କୋର କରିବାରେ ସମର୍ଥ ହୋଇଥିଲା। ଏହା ଓଲ୍ଡ ଟ୍ରାଫୋର୍ଡରେ ସର୍ବାଧିକ ହୋଇଥିଲାବେଳେ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର। ଭାରତୀୟ ବୋଲରଙ୍କୁ ନିରାଶ କରିବା ପରେ ଷ୍ଟୋକ୍ସ ଏକାଧିକ ରେକର୍ଡ କରି ୧୪୧ ରନ୍‌ରେ ଜାଡେଜାଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହି ସ୍କୋର ଲାଗି ସେ ୧୯୮ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୩ ଛକା ମାରିଥିଲେ। ଟେଷ୍ଟ କ୍ରିକେଟରେ ଷ୍ଟୋକ୍ସର ଏହା ୧୪ତମ ଶତକ ଥିଲା।

### ପ୍ରଥମଥର ବୁମରା ଖର୍ଚ୍ଚ କଲେ ୧୦୦+ ରନ୍

ଏହି ଇନିଂସରେ ଭାରତୀୟ ବୋଲରଙ୍କ ପ୍ରଦର୍ଶନ ସବୁଠାରୁ ନିକୃଷ୍ଟ ଥିଲା। ଇଂଲଣ୍ଡ ୧୫୭.୧ ଓଭର ଭାରତୀୟଙ୍କୁ ପଡ଼ିଆରେ ରଖିଥିଲା। ଏଥିରେ ବୁମ୍‌ରା ୩୩ ଓଭର ବୋଲିଂ କରି ୧୧୨ ରନ୍ ଦେଇଥିଲେ। ଟେଷ୍ଟ କ୍ରିକେଟ କ୍ୟାରିୟରରେ ବୁମ୍‌ରା ପ୍ରଥମଥର ଗୋଟିଏ ଇନିଂସରେ ୧୦୦ରୁ ଅଧିକ ରନ୍ ବ୍ୟୟ କରିଥିଲେ। ତାଙ୍କ ବ୍ୟତୀତ ଆଉ ୪ଜଣ ବୋଲର ମହମ୍ମଦ୍ ସିରାଜ ୩୦ ଓଭରରେ ୧୪୦, ରବୀନ୍ଦ୍ର ଜାଡେଜା ୩୭.୧ ଓଭରରେ ୧୪୩ ଓ ୱାଶିଂଟନ ସୁନ୍ଦର ୨୮ ଓଭରରେ ୧୦୭ ରନ୍ ବ୍ୟୟ କରିଥିଲେ। ଏହା ୨୫ତମ ଅବସର ଯେଉଁଥିରେ ଭାରତର ୪ଜଣ ବୋଲର ୧୦୦ କିମ୍ବା ତା'ଠାରୁ ଅଧିକ ରନ୍ ବ୍ୟୟ କରିଥିଲେ। ଜାଡେଜାଙ୍କୁ ସର୍ବାଧିକ ୪ଟି, ବୁମ୍‌ରା ଓ ସୁନ୍ଦରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ: ୩୫୮/୧୦,** ୧୧୪.୧ ଓଭର (ସୁଦର୍ଶନ-୬୧, ଜୟସ୍ୱାଲ-୫୮, ପନ୍ତ-୫୪, ଷ୍ଟୋକ୍ସ-୫/୭୨, ଆର୍ଚର-୩/୭୩)।

**ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯/୧୦,** ୧୫୭.୧ ଓଭର (ଜୋ ରୁଟ୍-୧୫୦, ବେନ୍ ଷ୍ଟୋକ୍ସ-୧୪୧, ଡକେଟ-୯୪, କ୍ରାଲୀ-୮୪, ପୋପ୍-୭୧, ଜାଡେଜା-୪/୧୪୩, ସୁନ୍ଦର-୨/୧୦୭, ବୁମ୍‌ରା-୨/୧୧୨)।

**ଭାରତ ଦ୍ୱିତୀୟ ଇନିଂସ: ୧୭୪/୨, ୬୩** ଓଭର (ଲୋକେଶ ରାହୁଲ-ବ୍ୟାଟିଂ-୮୭, ଶୁବମନ ଗିଲ-ବ୍ୟାଟିଂ-୭୮, ଜୟସ୍ୱାଲ-୦, ସୁଦର୍ଶନ-୦, କ୍ରିସ୍ ଓକ୍ସ-୨/୪୮)।

## ଷ୍ଟୋକ୍ସଙ୍କ ବିରଳ କୀର୍ତ୍ତିମାନ

### ଟେଷ୍ଟରେ ୭୦୦୦ ରନ୍ ଓ ୨୦୦ ୱିକେଟ ନେବାରେ ତୃତୀୟ

ଓଲ୍ଡ ଟ୍ରାଫୋର୍ଡ,୨୬।୭ (ଏଜେନ୍ସି): ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏଠାରେ ଚାଲିଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଏକ ବିରଳ ସଫଳତା ପାଇଛନ୍ତି। ଏହି ଟେଷ୍ଟରେ ସେ ୫ ୱିକେଟ ଓ ୧୪୧ ରନ୍ କରିଛନ୍ତି। ଏହି ଟେଷ୍ଟରେ ସେ ଇଂଲଣ୍ଡର ଚତୁର୍ଥ ଖେଳାଳି ତଥା ବିଶ୍ୱର ୫ମ ଅଧିନାୟକ ଭାବେ ଗୋଟିଏ ଟେଷ୍ଟରେ ୫ ୱିକେଟ ନେବା ସହ ଶତକ ହାସଲ କରିଛନ୍ତି। ଏହି ସଫଳତା ବଳରେ ଏଠାରେ ୧୧୫ତମ ଟେଷ୍ଟ ଖେଳୁଥିବା ଷ୍ଟୋକ୍ସ ଟେଷ୍ଟ କ୍ରିକେଟରେ ୭୦୦୦ ରନ୍ ପୂରଣ କରିବା ସହ ଦୁଇଶହ ୱିକେଟ ନେବାରେ ସଫଳ ହୋଇଛନ୍ତି। ଏହି ବିରଳ ସଫଳତା ପାଇବାରେ ସେ ବିଶ୍ୱର ମାତ୍ର ତୃତୀୟ ଅଲରାଉଣ୍ଡର। ତାଙ୍କ ପୂର୍ବରୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ (୧୩୨୮୯ ରନ୍ ଓ ୨୯୨ ୱିକେଟ) ଓ ୱେଷ୍ଟଇଣ୍ଡିଜ୍‌ର ଗ୍ୟାରୀ ସୋବର୍ସ (୮୦୩୨ ରନ୍ ଓ ୨୩୫ ୱିକେଟ) ଏହି କ୍ଲବ୍‌ର ସଦସ୍ୟ ହୋଇଥିଲେ। ଷ୍ଟୋକ୍ସ ୧୧୫ତମ ଟେଷ୍ଟରେ ମୋଟ ୭୦୩୨ ରନ୍ କରିବା ସହ ୨୨୯ଟି ୱିକେଟ ଅକ୍ତିଆର କରିଛନ୍ତି। ଏହା ମଧ୍ୟରେ ୧୪ଟି ଶତକ ରହିଥିଲାବେଳେ ଗୋଟିଏ ଇନିଂସରେ ୫ମଥର ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

ଏହି ଟେଷ୍ଟରେ ଇଂଲଣ୍ଡର ପ୍ରଥମ ଇନିଂସ ୬୬୯ ରନ୍‌ରେ ସୀମିତ ରହିବା ଫଳରେ ଭାରତ ବିପକ୍ଷରେ ଘରୋଇ ଦଳ ଦ୍ୱିତୀୟ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଛି। ପୂର୍ବରୁ ୨୦୧୧ ବର୍ମିଂହାମ ଟେଷ୍ଟରେ ଇଂଲଣ୍ଡ ୭ ୱିକେଟରେ ୭୧୦ ରନ୍ କରି ଭାରତ ବିପକ୍ଷରେ ସର୍ବାଧିକ ଟେଷ୍ଟ ସ୍କୋର ସଂଗ୍ରହ କରିଥିଲା। ଟେଷ୍ଟ କ୍ରିକେଟରେ ଇଂଲଣ୍ଡର ଏହା ୫ମ ସର୍ବାଧିକ ସ୍କୋର। ୨୦୧୪ରେ ଶେଷଥର ଭାରତ ବିପକ୍ଷରେ ପ୍ରତିପକ୍ଷ ଦଳ ୬୦୦ (ନ୍ୟୁଜିଲାଣ୍ଡ, ୬୮୦/୮) ରନ୍ କରିଥିଲା।

## ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

ହରାରେ, ୨୬।୭ (ଏଜେନ୍ସି): ରୋମାଞ୍ଚକର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୩ ରନରେ ହରାଇ ନ୍ୟୁଜିଲାଣ୍ଡ ଏଠାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଚାମ୍ପିଅନ ହୋଇଛି। ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଶନିବାର ଅନୁଷ୍ଠିତ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫ ୱିକେଟରେ ୧୮୦ ରନ କରିଥିଲା। ଡେଭିଡ୍ କନୱେ ଓ ରାଚିନ ରବୀନ୍ଦ୍ର ୪୭ ରନ ଲେଖାଏ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ଓପନର୍ ଲୁଆନ ଡ୍ରି-ପ୍ରିଟୋରିୟସ (୫୧ ରନ), ରିଜା ହେଣ୍ଡ୍ରିକ୍ସ (୩୭) ଓ ଡେୱାଲ୍ଡ ବ୍ରେଭିସ (୩୧)ଙ୍କ ଉପଯୋଗୀ ପାଳି ସତ୍ତ୍ୱେ ୬ ୱିକେଟ୍‌ରେ ୧୭୭ ରନ କରିପାରିଥିଲା। ଶେଷ ଓଭରରେ ଜିତିବାକୁ ୭ ରନ ଆବଶ୍ୟକ ହେଉଥିବାବେଳେ ନ୍ୟୁଜିଲାଣ୍ଡ ବୋଲର ମ୍ୟାଟ୍ ହେନରୀ ୩ ରନ ବ୍ୟୟ କରି ୨ଟି ୱିକେଟ୍ ନେଇଥିଲେ।

## ଡେଭିଡ୍‌ଙ୍କ ଶତକ: ଅଷ୍ଟ୍ରେଲିଆର ସିରିଜ୍ କବ୍‌ଜା

ସେଣ୍ଟ କିଟ୍ସ, ୨୬।୭ (ଏଜେନ୍ସି): ଟିମ୍ ଡେଭିଡ୍‌ଙ୍କ ୩୭ ବଲ୍‌ରେ ଅପରାଜିତ ୧୦୨ ଓ ଅବିଭକ୍ତ ୫ମ ୱିକେଟ ଯୋଡିରେ ମିଚେଲ ଓଏନ୍(୩୬)ଙ୍କ ସହ ୧୨୮ ରନ୍ ସଂଗୃହୀତ ହେବା ଫଳରେ ଏଠାରେ ଅନୁଷ୍ଠିତ ତୃତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୬ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି। କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅଷ୍ଟ୍ରେଲିଆ ୩-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ସିରିଜ୍ କବ୍‌ଜା କରିଛି। ଇଣ୍ଡିଜ୍‌ର ସାଇ ହୋପ୍ ଅପରାଜିତ ୧୦୨ ରନ୍ କରିଥିଲେ।

## ଦ୍ୱିତୀୟଥର ଲାଗି ସ୍ଥଗିତ ରହିଲା କବାଡ଼ି ବିଶ୍ୱକପ୍

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଆସନ୍ତା ମାସରେ ଖେଳାଯିବାକୁ ଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣକୁ ସ୍ଥଗିତ ରଖାଯାଇଛି। ଅଗଷ୍ଟ ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ହାଇଦରାବାଦ୍‌ର ଗାଛିବୋଲି ଇଣ୍ଡୋର ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବାକୁ ଥିଲା। କିନ୍ତୁ ପ୍ରଶାସନିକ ସମସ୍ୟା ଯୋଗୁ ଅନିର୍ଦ୍ଦିଷ୍ଟକାଳ ଲାଗି ଏହାକୁ ସ୍ଥଗିତ ରଖାଯାଇଥିବା ଭାରତୀୟ ଆମେଚର କବାଡ଼ି ମହାସଂଘ (ଏକେଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ଫଳରେ ମହିଳା କବାଡ଼ି ବିଶ୍ୱକପ୍ ୨ୟଥର ଲାଗି ସ୍ଥଗିତ ହୋଇଛି। ଏଥିପୂର୍ବରୁ ମହିଳା କବାଡ଼ି ବିଶ୍ୱକପ୍ ଜୁନରେ ବିହାରରେ ଆୟୋଜିତ ହେବାର ଥିଲା। କିନ୍ତୁ ବିହାର ସରକାର ପରେ ଆୟୋଜନ ନେଇ ଅସମର୍ଥ ପ୍ରକାଶ କରିଥିଲେ।

### ୟୁଏଇରେ ଏସିଆ କପ୍ ସେପ୍ଟେମ୍ବର ୯ରୁ ୨୮

## ୧୪ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ,୨୬।୭ (ଏଜେନ୍ସି): ୟୁଏଇ ବା ୟୁନାଇଟେଡ ଆରବ ଏମିରେଟ୍ସରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସେପ୍ଟେମ୍ବର ୯ରୁ ୨୮ ତାରିଖ ଯାଏ ଏସିଆ କପ୍ ପୁରୁଷ କ୍ରିକେଟ ଖେଳାଯିବ। ଏ ସମ୍ପର୍କରେ ଏସିଆନ୍ କ୍ରିକେଟ କାଉନ୍ସିଲ (ଏସିସି) ଶନିବାର ବିଧିବଦ୍ଧ ଘୋଷଣା କରିଛି। ଟି-୨୦ ଫର୍ମାଟରେ ୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଏସିସିର ସଭାପତି ପାକିସ୍ତାନର ମୋହସିନ ନକ୍‌ଭି ଆଜି ଏକ୍ସ'ରେ ସୂଚନା ଦେଇଛନ୍ତି। ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏଥର ଏସିଆ କପ୍‌କୁ ସମାନ ଫର୍ମାଟରେ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୯ରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ। ଖେଳସୂଚୀ ଘୋଷଣା ହୋଇ ନ ଥିଲେ ମଧ୍ୟ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବା ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଭାବେ ଭାରତ ରହିଛି। କିନ୍ତୁ ଏସିସିର ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନ ଯଦି ଆୟୋଜକ ହୁଅନ୍ତି, ତେବେ ଆସନ୍ତା ୩ ବର୍ଷ ଯାଏ ଏହି ଟୁର୍ଣ୍ଣାମେଣ୍ଟ ନିରପେକ୍ଷ କେନ୍ଦ୍ରରେ ଖେଳାଯିବ। ଏଥିଲାଗି ଏଥର ଟୁର୍ଣ୍ଣାମେଣ୍ଟ ୟୁଏଇରେ ଖେଳାଯିବ ବୋଲି ସ୍ଥିର ହୋଇଛି।

**ଭାରତର ଖେଳସୂଚୀ**

- ସେପ୍ଟେମ୍ବର ୯: ଭାରତ-ୟୁଏଇ
- ସେପ୍ଟେମ୍ବର ୧୪: ଭାରତ-ପାକିସ୍ତାନ
- ସେପ୍ଟେମ୍ବର ୧୯: ଭାରତ-ଓମାନ

## ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍ ଓଡ଼ିଶା ସ୍ନୁକର ଉଦ୍‌ଘାଟିତ

ଭୁବନେଶ୍ୱର, ୨୬।୭ (ସମିସ): ଆଇଆର୍‌ସି ଭିଲେଜ୍‌ସ୍ଥିତ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଗ୍ରୀନ୍ ବେଜ୍ କ୍ଲାସିକ ଅଲଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଜାକିର ଅଲି, ଶ୍ୟାମ ଅଗରୱାଲ, ଅଲ୍‌ତାଫ୍ ଅଲି, ସନ୍ଦୀପ ଅଗରୱାଲ, ଗୋବିନ୍ଦ ରାଓ, ଅଭିଳାଷ ମହାରଣା, ରୁମିତ ଗୁପ୍ତା, ଆଶିଷ ପାତ୍ର, ପ୍ରିୟଗୋବିନ୍ଦ ମହାପାତ୍ର, ଚେତନ ଆନନ୍ଦ, ଆଦିତ୍ୟ ହାଲଦାର, ମିଶାଲ ସ୍ୱାଇଁ, ସାଗର ସ୍ୱାଇଁ, ଜ୍ଞାନ ଦାଶ, ଦେବୀ ପ୍ରସାଦ ସାହୁ ଓ ବରୁଣ ନାୟକ ବିଜୟୀ ହୋଇଛନ୍ତି। ମିଶାଲ, ଜ୍ଞାନ, ଜାକିର ଓ ଗୋବିନ୍ଦ ରାଓ ଏଥିସହ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ରବିବାର ମୁକାବିଲା ପରେ ଅନ୍ୟ କେଉଁ ପ୍ରତିଯୋଗୀ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବେ ତାହା ସ୍ପଷ୍ଟ ହେବ। ପୂର୍ବରୁ ମିଶାଲ ସ୍ୱାଇଁ, ଶ୍ୟାମ ଅଗରୱାଲ, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ନିଶାନ୍ତ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

## ଟ୍ୟାଲେଣ୍ଟ ଟେନିସ ସିରିଜ: ସୁତଭ୍ୟାଙ୍କୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ଟେନିସ ଆସୋସିଏସନ (ଓଟିଏ) ଓ ରାଜ୍ୟ କ୍ରୀଡ଼ା ବିଭାଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ସୁତଭ୍ୟା କର୍ମାକର ଡବଲ୍ ଟାଇଟଲ୍ ଜିତିଛନ୍ତି। ସେ ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ସ୍ୱପ୍ନିଏ ଘୋଷ ଟାଇଟଲ୍ ଜିତିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଟିଏ ସମ୍ପାଦକ ଆଇପିଏସ୍ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ୧୫ ଓ ୧୨ ଆଇଟା ପଏଣ୍ଟ ପାଇଛନ୍ତି। ଗତ ୨୧ ତାରିଖରୁ ଚାଲିଥିବା ଏହି ଟେନିସ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଆସାମର ୫୨ ଖେଳାଳି ଅଂଶଗ୍ରହଣ କରିଥିଲେ।

### ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ

## ତନ୍ୱି, ଭେନାଲାଙ୍କୁ କାଂସ୍ୟ ପଦକ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଇଣ୍ଡୋନେସିଆରେ ଶନିବାର ଶେଷ ହୋଇଛି ଏସିଆ କପ୍ ଜୁନିଅର ବ୍ୟାଡ୍‌ମିଣ୍ଟନ। ଏହି ପ୍ରତିଯୋଗିତାରେ ଭାରତର ମହିଳା ଦଳ ପ୍ରଥମଥର ଲାଗି ୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଭାରତ ପକ୍ଷରୁ ତନ୍ୱି ଶର୍ମା ଓ ଭେନାଲା କାଲାଗୋଟାଲା ମହିଳା ଏକକ ସେମିଫାଇନାଲରେ ପରାଜିତ ହେବା ଫଳରେ କାଂସ୍ୟ ପଦକ ହାସଲ କରିଛନ୍ତି। ଚୀନର ପ୍ରତିଯୋଗୀ ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ତନ୍ୱି ଶର୍ମା ଏକାଧିକ ତ୍ରୁଟି କରିବା ଫଳରେ ଏହି ମ୍ୟାଚ୍ ହାରିଯାଇଥିଲେ।

## ସାହାଣୀ କପ୍ ଫାଇନାଲରେ କଟକ

ଭୁବନେଶ୍ୱର, ୨୬।୭ (ସମିସ): ପ୍ରଥମ ଦଳ ଭାବେ କଟକ ଚଳିତ ଆନ୍ତଃଜିଲ୍ଲା ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ୍‌ର ଫାଇନାଲରେ ପ୍ରବେଶ କରିଛି। କେନ୍ଦ୍ରାପଡ଼ାର ରାଜକନିକା ଜୋନରେ ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ ଓ ସୁନ୍ଦରଗଡ଼ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଦୀନବନ୍ଧୁ ଦାସଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ କଟକ ୫-୦ରେ ବିଜୟୀ



ହୋଇ ଫାଇନାଲ ଟିକଟ୍ ହାସଲ କରିଥିଲା। ଦୀନବନ୍ଧୁ ମ୍ୟାଚର ପ୍ରଥମାର୍ଦ୍ଧ (୩୬ତମ, ୪୩ତମ ଓ ୪୫ତମ ମିନିଟ୍)ରେ ୩ଟି ଯାକ ଗୋଲ୍ ଦେଇଥିଲେ। ସେହିଭଳି ବାପୁନି ବିନ୍ଧାଣୀ ଅନ୍ୟ ୨ଟି ଗୋଲ୍ ଦେଇଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ବ୍ରହ୍ମପୁରର ମହାତ୍ମା ଗାନ୍ଧି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚରେ କୋରାପୁଟ ଓ ସମ୍ବଲପୁର ସାମ୍ନାସାମ୍ନି ହେବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS